ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ...

ବାଲେଶ୍ୱର ❑ ରବିବାର ୨୬ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 26 July 2026
Vol.No. 36 ■ No.195 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net

## ଇସ୍ତଫା ଦେଲେ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

- ◆ ଧର୍ମେନ୍ଦ୍ରଙ୍କ ଇସ୍ତଫା ପରେ ନାଚିଲା ଯନ୍ତରମନ୍ତର: ଅଭିଜିତ କହିଲେ- ସୁବା ହୋ ଗୟି ମାମୁ
- ◆ ଆନ୍ଦୋଳନ ପ୍ରତ୍ୟାହାର କଲା ସିଜେପି, ଛାତ୍ରଛାତ୍ରୀଙ୍କ ବିରୋଧରେ ହୋଇଥିବା ମାମଲା ପ୍ରତ୍ୟାହାର କରିବାକୁ ସରକାର ରାଜି
- ◆ ସ୍ୱାଭାବିକ ହେଲା ଜନ୍ତରମନ୍ତର, ଖୋଲିଲା ମେଟ୍ରୋ ଷ୍ଟେସନ
- ◆ ଗଣମାଧ୍ୟମକୁ ଅଭିଜିତ ମା'ଙ୍କ ପ୍ରତିକ୍ରିୟା: ପୁଅକୁ କଲେ ପ୍ରୋତ୍ସାହିତ, ମୋଦୀଙ୍କୁ ଦେଲେ ଶ୍ରେୟ
- ◆ ଧର୍ମେନ୍ଦ୍ରଙ୍କ ଇସ୍ତଫା ଦେଶର ଶିକ୍ଷା ବ୍ୟବସ୍ଥାକୁ ସଜାଡ଼ିବା ଦିଗରେ ବହୁତ ବଡ଼ ପଦକ୍ଷେପ : ରାହୁଲ






ନୂଆଦିଲ୍ଲୀ,୨୫/୭ : ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାରେ କକ୍ରୋଚ୍ ଜନତା ପାର୍ଟି ମାସେରୁ ଅଧିକ ଦିନ ଧରି ଦିଲ୍ଲୀର ଯନ୍ତର ମନ୍ତରରେ ଆନ୍ଦୋଳନ ଚଳାଇବା ପରେ ଶନିବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ ତାଙ୍କ ଇସ୍ତଫାପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପଠାଇ ଦେଇଛନ୍ତି। ଏନେଇ ସେ ତାଙ୍କ ଏକ୍ସରେ ସୂଚନା ଦେଇଛନ୍ତି। ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ଆଜି କେନ୍ଦ୍ର ସରକାର ଓ ସିଜେପି ମଧ୍ୟରେ ତୃତୀୟ ପର୍ଯ୍ୟାୟ ଆଲୋଚନା ହେବାର ଥିଲା। ତେବେ ତା'ପୂର୍ବରୁ ଧର୍ମେନ୍ଦ୍ର ତାଙ୍କ ଇସ୍ତଫା ଘୋଷଣା କରିଛନ୍ତି। କେନ୍ଦ୍ରସରକାର ଓ ସିଜେପି ମଧ୍ୟରେ ପୂର୍ବରୁ ଦୁଇ ଥର ଆଲୋଚନା ହୋଇଥିଲା। କିନ୍ତୁ ସିଜେପି 'ଧର୍ମେନ୍ଦ୍ରଙ୍କ ଇସ୍ତଫା' ଦାବିରେ ଅଟଳ ରହିବାରୁ ଆଲୋଚନା ଫଳପ୍ରଦ ହୋଇନଥିଲା କି ଯନ୍ତର ମନ୍ତରରୁ ଛାତ୍ରଛାତ୍ରୀମାନେ ହଟି ନଥିଲେ। ଆଜି ସକାଳେ ମଧ୍ୟ ସିଜେପି ସ୍ପଷ୍ଟ ଭାବେ କହିଥିଲା ଯେ ଯଦି ସରକାର ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିକୁ ଗ୍ରହଣ ନକରେ ତା'ହେଲେ କୌଣସି ଆଲୋଚନା ହୋଇପାରିବ ନାହିଁ। ଏକ୍ସ (ଢ)ରେ ନିଜ ଇସ୍ତଫା ବିଷୟରେ ଘୋଷଣା କରି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଏହି ଦେଶର ଯୁବବର୍ଗଙ୍କ ଆଶା, ଭାବନା ଏବଂ ନ୍ୟାଯ୍ୟ ଆଶା ପ୍ରତି ମୋର ଗଭୀର ସମ୍ମାନ ରହିଛି। ଭାରତର ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ଆମ ରାଜନୀତିକ ଏବଂ ସାମାଜିକ ଜୀବନର ନୈତିକ ସଂକଳ୍ପ ହୋଇରହିଛି।

◆◆ପୃଷ୍ଠା ୧୦

## ସୃଷ୍ଟି ହେଲା ଲଘୁଚାପ : ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ



ଭୁବନେଶ୍ୱର, ୨୫/୭ (ନି.ପ୍ର): ଉତ୍ତର ପଶ୍ଚିମ ବଙ୍ଗୋପସାଗରର ତତସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଉତ୍ତର ଓଡିଶା ଉପକୂଳରେ ଲଘୁଚାପ ସକ୍ରିୟ ରହିଛି। ଏହା ସହିତ ଜଡିତ ଘୂର୍ଣ୍ଣିବଳୟ ୯.୪ କିମି ସମୁଦ୍ର ପତନକୁ ବ୍ୟାପିଛି। ୨ ଦିନ ମଧ୍ୟରେ ଏହା ଅଧିକ ଘନୀଭୂତ ହୋଇ ସ୍ପଷ୍ଟ ଚିହ୍ନିତ ଲଘଚାପରେ ପରିଣତ ହେବାର ସମ୍ଭାବନା ରହିଛି। ପ୍ରଭାବରେ ଆଗାମୀ ୪୮ ଘଣ୍ଟା ଯାଏ ଭୀଷଣ ବର୍ଷା ସମ୍ଭାବନା ଥିବା ବେଳେ ଚାରି ଦିନ ଯାଏଁ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି । ଆସନ୍ତା ୨୪ ଘଂଟାରେ କଟକ, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁର ଏବଂ କେନ୍ଦୁଝର ୬ ଜିଲ୍ଲାକୁ ଭୀଷଣ ବର୍ଷା ବା ଅତ୍ୟଧିକ ପ୍ରବଳ ବର୍ଷା ସମ୍ଭାବନା କୁ ନେଇ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହିପରି ଢେଙ୍କାନାଳ, ମୟୂରଭଞ୍ଜ, ସୁନ୍ଦରଗଡ଼, ଅନୁଗୋଳ, ବାଲେଶ୍ୱର, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଏବଂ ବୌଦ୍ଧ ଏହି ୯ ଜିଲ୍ଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ସେହିପରି ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ସୋନପୁର ବଲାଙ୍ଗୀର, ଦେଓଗଡ଼, କନ୍ଧମାଳ, କଳାହାଣ୍ଡି ଏବଂ ଗଞ୍ଜାମ ଜିଲ୍ଲା କୁ ପ୍ରବଳ ବର୍ଷା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି।

◆◆ପୃଷ୍ଠା ୧୦

## ମହଣ ମହଣ ସୁନାରେ ସଜେଇ ହେଲେ ଶ୍ରୀଜିଉ: ଅଲୌକିକ ବେଶ ଦେଖି ଭାବବିହ୍ୱଳ ଭକ୍ତ



ପୁରୀ, ୨୫/୭ (ନି.ପ୍ର): ସୁବର୍ଣ୍ଣ ମୁକୁଟ, ସୁବର୍ଣ୍ଣ ଶ୍ରୀହସ୍ତ, ସୁବର୍ଣ୍ଣ ଶ୍ରୀପୟର । ଶଙ୍ଖ, ଚକ୍ର, ଗଦା। ଅଙ୍ଗେ ଅଙ୍ଗେ ଅପାର ଐଶ୍ୱର୍ଯ୍ୟ। ରଥ ଉପରେ ହୋଇଛି ମହାପ୍ରଭୁଙ୍କ ଦୁର୍ଲଭ ସୁନାବେଶ । ମହଣ ମହଣ ସୁନାରେ ସଜେଇ ହୋଇ ରଥ ଉପରେ ଲକ୍ଷ ଲକ୍ଷ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ଶ୍ରୀଜିଉ। ଅଲୌକିକ ଓ ଅବର୍ଣ୍ଣନୀୟ ବେଶ ଦେଖି ଭାବବିହ୍ୱଳ ହୋଇପଡ଼ିଛନ୍ତି ଲକ୍ଷ ଲକ୍ଷ ଭକ୍ତ । ମହାପ୍ରଭୁଙ୍କ ଏହି ବେଶକୁ ବଡତଡାଉ ବେଶ, ରାଜାଧିରାଜ ବେଶ, ରାଜରାଜେଶ୍ୱର ବେଶ ବୋଲି ମଧ୍ୟ କୁହାଯାଏ। ଗଜପତି ମହାରାଜ କପିଳେନ୍ଦ୍ର ଦେବଙ୍କ ସମୟରୁ ଏହି ବେଶ ହୋଇଆସୁଥିବା କୁହାଯାଏ। ତିନିଠାକୁରଙ୍କୁ ଶ୍ରୀଭୁଜ ଓ ଶ୍ରୀପୟର ସହିତ ବଡତଡାଉ ନାମକ କଣ୍ଠମାଳା, ରତ୍ନପଦକ, ସୁବର୍ଣ୍ଣ କିରୀଟ, କାନଫୁଲ, ମର୍କତ ମୁକୁଟ, ପଦ ପଲ୍ଲବ, ମୁଦି,କଣ୍ଠି ମାଳ, ମର୍କତ ଯାଉଁଳି, ବଳା, ବାହୁଟି, କାନ୍ତ, ଜରକବର ଓ କଟି ମେଖଳା ଆଦି ୧୩୮ ପ୍ରକାର ରତ୍ନ ଅଳଙ୍କାର ଲାଗି ହୋଇଛି। ବଡ଼ଦାଣ୍ଡରେ ଲକ୍ଷଲକ୍ଷ ଭକ୍ତ ମହାବାହୁଙ୍କ ସୁନାବେଶ ଦର୍ଶନ କରୁଛନ୍ତି । ଭକ୍ତମାନଙ୍କର ଶୃଙ୍ଖଳିତ ଦର୍ଶନ ତଥା ଭିଡ଼ ନିୟନ୍ତ୍ରଣ ପାଇଁ ପ୍ରତିବର୍ଷ ଭଳି ମାର୍କେଟ୍ ଛକରୁ ବଡ଼ଦାଣ୍ଡରେ ବାରିକେଡ୍ ବ୍ୟବସ୍ଥା କରାଯାଇଛି। ଭକ୍ତ ବଡ଼ଦାଣ୍ଡରେ ବାମପାର୍ଶ୍ୱରୁ ଦର୍ଶନ ପାଇଁ ପ୍ରବେଶ କରୁଛନ୍ତି। ରଥ ଆଗ ଦେଇ ଦର୍ଶନ ସାରିବା ପରେ ଡାହାଣ ପାର୍ଶ୍ୱରେ ପ୍ରସ୍ଥାନ କରୁଛନ୍ତି।

## ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ଅନାସ୍ଥା: ୨୧ ଜଣ ୱାର୍ଡ ସଭ୍ୟ ଆଣିଲେ ପ୍ରସ୍ତାବ

କେନ୍ଦ୍ରାପଡା, ୨୫/୭ (ନି.ପ୍ର):ଚାମେଲି ଓଝାଙ୍କ ବିରୋଧରେ ଅନାସ୍ଥା । କେନ୍ଦ୍ରାପଡା ମହାକାଳପଡା, ତିଖିରି ପଂଚାୟତର ସରପଂଚ ଚାମେଲୀ ଓଝାଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ଆସିଛି । ଚାମେଲୀଙ୍କ ବିରୁଦ୍ଧରେ ୨୧ ଜଣ ୱାର୍ଡ ସଭ୍ୟ / ସଭ୍ୟାଙ୍କ ଦ୍ୱାରା ପ୍ରସ୍ତାବିତ ଏକ ଅନାସ୍ଥା ପତ୍ର ଦିଆଯାଇଛି । ଯାହାର ଆଧାରରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ମହାକାଳପଡା ପଂଚାୟତ ସମିତିର ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଅନାସ୍ଥା ଭୋଟିଂ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସଭ୍ୟ ମାନଙ୍କର ସ୍ୱାକ୍ଷରର ସଠିକତା ଯାଞ୍ଚ କରିବା ନିମନ୍ତେ ଆସନ୍ତା ୨୭ ତାରିଖ ଅପରାହ୍ନ ସାଢେ ୩ ଟାରେ କେନ୍ଦ୍ରାପଡା ଉପ-ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ନିମନ୍ତେ ସମ୍ପର ୱାର୍ଡ ସଭ୍ୟ /ସଭ୍ୟ ମାନଙ୍କୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦିଯାଯାଇଛି।

## ଇରାନ ପରମାଣୁ ଅସ୍ତ୍ର ହାସଲ କରିପାରେ ! ଗୁଇନ୍ଦା ରିପୋର୍ଟ ବଢ଼ାଇଲା ଟ୍ରମ୍ପଙ୍କ ଚିନ୍ତା

ନୂଆଦିଲ୍ଲୀ,୨୫/୭ : ଇରାନର ବର୍ତ୍ତମାନର ଶାସକ ପରମାଣୁ ଅସ୍ତ୍ର ହାସଲ କରିବାକୁ କାମ କରୁଥିବା ଜଣାପଡ଼ିଛି। ଗୁଇନ୍ଦା ଅଧିକାରୀଙ୍କ ଆଧାରରେ ନ୍ୟୁୟର୍କ ଟାଇମ୍ସ ରିପୋର୍ଟ କରିଛି ଯେ, ଇରାନର ସର୍ବୋଚ୍ଚ ନେତା ମୋଜତାବା ଖେମିନି ତାଙ୍କ ପିତା ପୂର୍ବତନ ସର୍ବୋଚ୍ଚ ନେତା

◆◆ପୃଷ୍ଠା ୧୦



## ସିନେଟରେ ଏଚ୍-୧-ବି ଭିସା ସମ୍ପର୍କିତ ବିଲ୍ ଉପସ୍ଥାପିତ: ତିନି ବର୍ଷ ପ୍ରତିବନ୍ଧକ ଲାଗୁ ପାଇଁ ଅନୁରୋଧ

### ଆମେରିକାରେ କାମ କରିବାର ସ୍ୱପ୍ନ ଦେଖୁଥିବା ଯୁବବର୍ଗଙ୍କ ଭାଙ୍ଗି ଯିବକି ସ୍ୱପ୍ନ !

ନୂଆଦିଲ୍ଲୀ,୨୫/୭ : ଯେଉଁମାନେ ଆମେରିକା ଯାଇ ସେଠାରେ କାମ କରିବାର ସ୍ୱପ୍ନ ଦେଖୁଥିବା ଯୁବବର୍ଗଙ୍କ ସ୍ୱପ୍ନ ଭାଙ୍ଗିବାର ଆଶଙ୍କା ସୃଷ୍ଟି ହୋଇଛି। ଜଣେ ଆମେରିକୀୟ ସେନେଟର ସେନେଟରେ ଏଚ୍-୧-ବି ଭିସା ସହିତ ଜଡିତ ଏକ ନୂତନ ବିଲ୍ ଆଗତ କରିଛନ୍ତି। ଏହି ବିଲ୍‌ର ଉଦ୍ଦେଶ୍ୟ ହେଉଛି ୩ ବର୍ଷ ପାଇଁ ନୂତନ ଏଚ୍-୧-ବି ଭିସା ପ୍ରଦାନ ଉପରେ ପ୍ରତିବନ୍ଧକ ଲଗାଇବା ଏବଂ ଟ୍ରମ୍ପ ପ୍ରଶାସନ ଦ୍ୱାରା ଲାଗୁ କରାଯାଇଥିବା ଏକ ଲକ୍ଷ ଡଲାର ଫିକୁ ଆଇନଗତ କରିବା। ତେବେ ଏହି ଫିକୁ ଫେଡେରାଲ୍ କୋର୍ଟ ଦ୍ୱାରା ପୂର୍ବରୁ ବାତିଲ କରାଯାଇଛି । ମୋଣ୍ଟାନାରୁ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟିର ସେନେଟର ଟିମ୍ ଶୀହି କହିଛନ୍ତି ଯେ ଆମେରିକା ଏପରି ଭିସା ପ୍ରଦାନ ବନ୍ଦ କରିବା ଉଚିତ୍ ଯାହା ଆମେରିକୀୟ ଶ୍ରମିକଙ୍କ ଅଧିକାରକୁ ଦୁର୍ବଳ କରୁଛି।ଏଚ୍-୧-ବି ଭିସା ଏକ ଅଣ-ପ୍ରବାସୀ ଭିସା ଯାହା ଆମେରିକୀୟ କମ୍ପାନିଗୁଡ଼ିକୁ ନିର୍ଦ୍ଦିଷ୍ଟ ପ୍ରକାରର କାମ ପାଇଁ ଦକ୍ଷ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ଅନୁମତି ଦେଇଥାଏ।

◆◆ପୃଷ୍ଠା ୧୦

## 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ଉତ୍ସବ ଓ ସମ୍ମାନ ପ୍ରଦାନ ସମାରୋହ ଆଜି



ବାଲେଶ୍ୱର, ୨୫/୭ (ନି.ପ୍ର): ବାଲେଶ୍ୱରରୁ ନିରବଚ୍ଛିନ୍ନ ଭାବରେ ପ୍ରକାଶ ପାଇଆସୁଥିବା ଦୈନିକ ନିରପେକ୍ଷ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ବାର୍ଷିକ ଉତ୍ସବ ଓ ମିଳିତ ସମ୍ମାନ ପ୍ରଦାନ ସମାରୋହ ଆସନ୍ତାକାଲି ପୂର୍ବାହ୍ନ ୯.୦୦ ଘଟିକା ସମୟରେ ବାଲେଶ୍ୱର ସହରସ୍ଥ ଭେନିୟା ପାରାଡାଇଜ୍‌ଠାରେ ଯଥାରୀତି ଅନୁଷ୍ଠିତ ହେବ। ଏହି ଅବସରରେ ଧ୍ୱନି ପ୍ରତିଧ୍ୱନିର ଉପଦେଷ୍ଟା ରଘୁନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ସମ୍ମାନନୀୟ ଅତିଥିଭାବେ କେନ୍ଦ୍ର ସାହିତ୍ୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଲେଖକ ପ୍ରଫେସର ବୈଷ୍ଣବ ଚରଣ ସାମଲ, ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ, ବିଶିଷ୍ଟ ଲେଖକ ରତ୍ନାକର ରାଉତ, ବିଶିଷ୍ଟ କବି ଡ. ନାରାୟଣ ପଣ୍ଡା, ବିଶିଷ୍ଟ କବି ଡ. ପ୍ରଶାନ୍ତ ହୋତା ଓ ସୁବର୍ଣ୍ଣଶ୍ରୀର ପ୍ରକାଶକ ଡ. କାଳୀପଦ ପଣ୍ଡା ପ୍ରମୁଖ ଯୋଗଦେବେ। ଏହି ଅବସରରେ ଏକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବର ଆୟୋଜନ କରାଯାଇଛି। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା' ସମ୍ମାନ ପ୍ରଦାନ କରାଯିବ। ଚଳିତବର୍ଷ ବିଶିଷ୍ଟ ଲେଖକ ବିଶିଷ୍ଟ ଲେଖିକା ପ୍ରଫେସର ଝରଣା ପଟ୍ଟନାୟକଙ୍କୁ 'ଧ୍ୱନି ପ୍ରତିଧ୍ୱନି ସାରସ୍ୱତ ସମ୍ମାନ', ଡ. ନାରାୟଣ ପଣ୍ଡାଙ୍କୁ 'ସାଗରିକା ସାରସ୍ୱତ ସମ୍ମାନ' ପ୍ରଦାନ କରାଯିବ । ଏହି ପରିପ୍ରେକ୍ଷୀରେ 'ବାଲେଶ୍ୱର ବରପୁତ୍ର ସମ୍ମାନ' ଦକ୍ଷ ପ୍ରଶାସକ ତଥା ବିଶିଷ୍ଟ ସମାଜସେବୀ ଶ୍ରୀବତ୍ସ ଜେନା, 'ଗଳ୍ପ ସମ୍ମାନ' ଡ. ବାସନ୍ତୀ ମହାନ୍ତି, 'କବିତା ସମ୍ମାନ' ରାଜୀବ ପାଣି, 'ପ୍ରବନ୍ଧ ସମ୍ମାନ' ଡ. ଦେବାଶିଷ ପାତ୍ର, 'ବିଦ୍ୟୁତଲତା ଦେବୀ ଗୀତି କବିତା ସମ୍ମାନ' ମହାପାତ୍ର ସବିତା ହୋତା, 'ସମ୍ପାଦନା ସମ୍ମାନ' ଭଗବାନ ସାହୁ, 'ଶିଶୁ ସାହିତ୍ୟ ସମ୍ମାନ' ପ୍ରଶାନ୍ତ କୁମାର ଦାଶ, 'ଯୁବ ପ୍ରତିଭା ସମ୍ମାନ' ସସ୍ମିତା ଦାସ, 'ସମାଜସେବା ଓ ଲୋକସମ୍ପର୍କ ସମ୍ମାନ' ବିଭୂଦତ୍ତ ପାଣିଗ୍ରାହୀ, 'ଶିକ୍ଷାବିତ୍ ସମ୍ମାନ' ସୁଧାଂଶୁ ପଣ୍ଡା ଓ ମଧୁସୂଦନ ମହାନ୍ତି ଏବଂ କେଶବ ଚନ୍ଦ୍ର ନାଥଙ୍କୁ ସାମ୍ବାଦିକ ସମ୍ମାନ ପ୍ରଦାନ କରାଯିବ। ଏଥିରେ ବହୁ ସଂଖ୍ୟାରେ ଧ୍ୱନି ପ୍ରତିଧ୍ୱନିର ଶୁଭେଚ୍ଛୁ, ଲେଖକ ଓ ପାଠକମାନେ ଯୋଗଦେବାକୁ 'ଧ୍ୱନି ପ୍ରତିଧ୍ୱନି'ର ପରିଚାଳନା ନିର୍ଦ୍ଦେଶକ ସୃଷ୍ଟିଧର ପରିଡା ଅନୁରୋଧ କରିଛନ୍ତି।

ସାଗରିକା
ଧ୍ୱନି ପ୍ରତିଧ୍ୱନି
ସ୍ୱନକ୍ଷତ୍ର ଦିବସ ସମାରୋହ-୨୦୨୬
ଅବଗଣନା
ଆଜି
ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜ୍ୟର ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ପ୍ରତିଭା ସମ୍ମାନ ପର୍ବ, ଏବଂ ବହୁ ଆକାଂକ୍ଷିତ 'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ ଓ ସ୍ୱରଚିତ କବିତା ପାଠୋତ୍ସବ କରାଯିବ।
ସମସ୍ତଙ୍କୁ ସାଦର ଆମନ୍ତ୍ରଣ।
୨୬ ଜୁଲାଇ, ୨୦୨୬, ରବିବାର ପୂର୍ବାହ୍ନ @ ୯ ଘଟିକା
ସ୍ଥାନ: ଭେନିଆ ପାରାଡାଇଜ୍, ବାଲେଶ୍ୱର

# ସ୍ୱନକ୍ଷତ୍ର ବିଶେଷାଙ୍କ

## ଶୁଭେଚ୍ଛା



ଦୀର୍ଘ ବର୍ଷ ଧରି ବାଲେଶ୍ୱର ସହରରୁ ପ୍ରକାଶ ପାଉଥିବା ଦୈନିକ ନିରପେକ୍ଷ ଖବର କାଗଜ 'ଧ୍ୱନି ପ୍ରତିଧ୍ୱନି'ର ୩୬ ତମ ବାର୍ଷିକ ଉତ୍ସବରେ ମୁଁ ଓଡ଼ିଶାର ସମସ୍ତ ଭାଇ ଭଉଣୀମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତଙ୍କର ଭବିଷ୍ୟତର ଚଲାପଥ କୁସୁମିତ ହେଉ ।

**ଲୋପାମୁଦ୍ରା ନାୟକ**
ତିହିଡି ଥାନା ଅଧିକାରୀ, ତିହିଡି, ଭଦ୍ରକ

## ଶୁଭେଚ୍ଛା



ଓଡ଼ିଶାର ସ୍ୱନାମଧନ୍ୟ ଦୈନିକ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି'ର ବାର୍ଷିକ ଉତ୍ସବ ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀ ଓ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ଓ ଶୁଭକାମନା ।

**ପ୍ରମିଳା ପଣ୍ଡା**
ନଗରପାଳ, ବିଜ୍ଞାପିତ ଅଂଚଳ ପରିଷଦ, ଉଦଳା

## ଶୁଭେଚ୍ଛା



'ଧ୍ୱନି ପ୍ରତିଧ୍ୱନି'ର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା । ଏହି ସମ୍ବାଦପତ୍ର ସମାଜର ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟ କରୁ ଏତିକି ହିଁ କାମନା କରୁଛି ।

**ଗିରିଜା ଶଙ୍କର ଶର୍ମା**
ବରିଷ୍ଠ ସାହିତ୍ୟିକ, ସମ୍ବଲପୁର

## ଶୁଭେଚ୍ଛା



ବାଲେଶ୍ୱରରୁ ପ୍ରକାଶ ପାଉଥିବା ଦୈନିକ ନିରପେକ୍ଷ ଖବର କାଗଜ 'ଧ୍ୱନି ପ୍ରତିଧ୍ୱନି'ର ୩୬ ତମ ବାର୍ଷିକ ଉତ୍ସବ ଅବସରରେ ମୁଁ ସମସ୍ତ ରାଜ୍ୟବାସୀ, ଦେଶବାସୀ ଭାଇଭଉଣୀମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତେ ସୁଖ ଶାନ୍ତିରେ ବାସ କରନ୍ତୁ ।

**ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ**
ଅଧ୍ୟକ୍ଷ ବାସୁଦେବପୁର ବ୍ଲକ, ବାସୁଦେବପୁର, ଭଦ୍ରକ

## ଶୁଭେଚ୍ଛା



ଓଡ଼ିଶାର ଦୈନିକ ନିରପେକ୍ଷ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି'ର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ରାଜ୍ୟର ସମସ୍ତ ଭାଇଭଉଣୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

**ଡ. ତପନ କୁମାର ବେହେରା**
ଅଧକ୍ଷ, ନୀଳମଣି ମହାବିଦ୍ୟାଳୟ, ରୂପ୍ସା, ବାଲେଶ୍ୱର

## ଶୁଭେଚ୍ଛା



'ଧ୍ୱନି ପ୍ରତିଧ୍ୱନି'ର ସ୍ୱନକ୍ଷତ୍ର ଦିବସ ଅବସରରେ ଏହି ସମ୍ବାଦପତ୍ର ନିରପେକ୍ଷ ଖବର ପରିବେଷଣ କରୁ ଏତିକି କାମନା କରୁଛି ।

**ହରିହର ବେହେରା**
ଚେୟାରମ୍ୟାନ୍ କ୍ଲବ ମେମ୍ବର, ଜୀବନବୀମା ନିଗମ, ବାଲେଶ୍ୱର ଶାଖା, ବାଲେଶ୍ୱର

## ଶୁଭେଚ୍ଛା



ବାଲେଶ୍ୱରରୁ ପ୍ରକାଶ ପାଉଥିବା ଦୈନିକ ନିରପେକ୍ଷ ଖବର କାଗଜ 'ଧ୍ୱନି ପ୍ରତିଧ୍ୱନି'ର ୩୬ ତମ ବାର୍ଷିକ ଉତ୍ସବ ଅବସରରେ ମୁଁ ସମସ୍ତ ଭାଇଭଉଣୀମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

**ଶ୍ରୀ ନିରଞ୍ଜନ ବାରିକ**
ବିଡିଓ, ତିହିଡି ବ୍ଲକ , ତିହିଡ଼ି, ଭଦ୍ରକ

## ଶୁଭେଚ୍ଛା



'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶୁଭକାମନା କରୁଛି ।

**ପୀତାମ୍ବର ଦାସ**
ଶିଶୁ ସାହିତ୍ୟିକ, ଗାଳ୍ପିକ, ଗୀତିକାର, ପ୍ରାବନ୍ଧିକ ଓ ନାଟ୍ୟକାର






## ଶୁଭେଚ୍ଛା



'ଧ୍ୱନି ପ୍ରତିଧ୍ୱନି'ର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା । ଏହି ସମ୍ବାଦପତ୍ର ସମସ୍ତଙ୍କର ଆଦରଣୀୟ ହୋଇ ସମାଜର ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟକରୁ ଏତିକି ହିଁ କାମନା ।

**ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ**
ଦକ୍ଷ ସଂଗଠକ, ବାଲେଶ୍ୱର

## ଶୁଭେଚ୍ଛା



'ଧ୍ୱନି ପ୍ରତିଧ୍ୱନି'ର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା । ଏହି ସମ୍ବାଦପତ୍ର ସମସ୍ତଙ୍କ ଭିତରେ ଜନଜାଗରଣ ସୃଷ୍ଟି କରୁ ଏତିକି କାମନା ।

**ଜୀବନ ପରିଡା**
ସଭାପତି, ବେତନଟୀ ମଣ୍ଡଳ ଭାରତୀୟ ଜନତା ପାର୍ଟି, ବେତନଟୀ, ମୟୂରଭଞ୍ଜ

## ଶୁଭେଚ୍ଛା



'ଧ୍ୱନି ପ୍ରତିଧ୍ୱନି'ର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା । ଏହି ସମ୍ବାଦପତ୍ର ସମସ୍ତଙ୍କ ଶ୍ରଦ୍ଧାଭାଜନ ହୋଇ ସମାଜର ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟକରୁ ଏତିକି ହିଁ କାମନା କରୁଛି ।

**ପରେଶ ରାଉ୍ ମହାପାତ୍ର**
ବରିଷ୍ଠ କବି, ରାଜମୁକୁନ୍ଦପୁର, ଭଦ୍ରକ










# ସ୍ୱନକ୍ଷତ୍ର ବିଶେଷାଙ୍କ



## ନୂଆଗଛ

### ନକୁଳ ଚନ୍ଦ୍ର ସାହୁ



ତୁମ ଦିହ ପାଖୁ ଦିହ ଲଗାଇ ଯିଏ ବସିଛି
ସିଏ ଏକ ଅପ୍ରସ୍ଫୁଟିତ ପୁଷ୍ପର କଢ଼
ପୁଷ୍ପଟି ପ୍ରେମ! ଫୁଟି ଥିଲେ ମଂତ୍ର ପରି ଲାଗିଥାନ୍ତା
ଏବେ ଦେବତ୍ୱ ଏକ ଶ୍ଳୋକ, ତାକୁ ପଢୁଟି ଜଣେ ମୂକ!

ଅନାକାଂକ୍ଷିତ ଆଗାମୀର ଆଖି ଯୋଡ଼ିକ
ଅତୀତକୁ ଅନେଇଛନ୍ତି, ଅନେଇଛନ୍ତି ଗଭୀରତାକୁ;
ଗଭୀରତା ଭିତରେ ରହିଛି ସ୍ପର୍ଶ, ଜୀବନ୍ତ ଅନୁଭୂତି
ଆଙ୍ଗୁଠିମାନ ରେଶମର କୋମଳତାକୁ ଅନୁଭବୁଛନ୍ତି!

ମନୀପ୍ଲାଣ୍ଟ ପରି ବାସି ପାଣି ଭର୍ତ୍ତି ବୋତଲରେ ବଢୁଟି
ଗୋଟେ ନୂଆ ଗଛ, 'ମତେ ଭୁଲି ଯାଅ!'
ମତେ ଭୁଲି ଯାଅ, ମାନସ! ପତ୍ର ଭିତରେ
ଘୋରେଇ ହୋଇ ପଡ଼ିଛି ଛୋଟ ଏକ ବାକ୍ୟ!

ଶବ୍‌ଦଘର, ଗୋଡ଼ିସାହି, କଟକ-୭୫୪୦୦୬
ମୋ: ୯୩୩୭୩୫୯୮୭୫

## ଦୁର୍ନିବାର

### ଡ. ଅନିଲ ନନ୍ଦ



ଦୁଆର ଝର୍କା ଖୋଲି ଦେଇ
ଭାଇପଣ ବୁଝେଇ
ଆଉଁଶି ଦେଲି ପିଠି ।
ଅଳ୍ପ ଟିକେ ହସରେ
ରଙ୍ଗ କଲି ଓଠ
ବେଶି ଟିକେ ପ୍ରସାରି ଦେଲି
ଆଖିର ଇଲାକା ।

ଆଉଟିକେ ଦରକାର ଭାବି
ମର୍ଦ୍ଦନକୁ ବଢ଼ାଇ ଦେଲି
ଏକାଥରେ ଯୋଉ ହାତ
କେମିତି ଧଇଲ କେଜାଣି
ଝରି ପଡୁଛି ଟୋପାଟୋପା ରକ୍ତ
ମୁଁ ବୋହୁଛି ଗଭୀର କ୍ଷତ
ଦୁନିଆଟା ହତବାକ୍ ।

+ କ୍ୟାମ୍ପସ - ୯ , କିଟ୍, ଭୁବନେଶ୍ୱର
ମୋ - ୯୯୩୭୮୪୩୩୬୮

## ସଂସାର ଖେଳ

### ଲକ୍ଷ୍ମୀଧର ନାୟକ ଆଦିସ୍ୟ



ପୂର୍ବଦିଗ ନୁହେଁ ମୁଁ ଯେ
ଅନ୍ଧାରୀ ପଶ୍ଚିମ...
ମୋ ଆକାଶସାରା ଆଜି
ଅମା-ଘୋର-ଯାମ... !
କା' ପାଇଁ ଉତ୍ତର ନୁହଁ
ଧ୍ରୁବତାରା ନାହିଁ...
ଦକ୍ଷିଣ ମୁଁ ନୁହେଁ ଯେଣୁ
ମଳୟ ବା କାହିଁ... ?
ତଥାପି ଫଗୁଣ ସ୍ମୃତି
ମୋ ମନେ ନିଝୁମ...
ଇନ୍ଦ୍ରଧନୁ ମୋ କାମନା-
ଆକାଶେ ବିବର୍ଣ୍ଣ ...!!

କଦମ୍ବ ରୋମାଞ୍ଚ ନାହିଁ
ବସନ୍ତ ବି ଅନ୍ତ...
ନିଦାଘ-ପୀଡ଼ିତ ଦେହ
ବଞ୍ଚିଥାଇ ମୃତ...।
ମୋ ଆକାଶୁଁ ଝରେ ଏବେ
ଅଶ୍ରୁଳ ଶ୍ରାବଣ...

ବିଭୋରତା ଉଦାସୀନ
ଶିଶିର-କୁଞ୍ଚନ... !
ତଥାପି ସୁଅ ମୁହଁରେ
କୁଟା ଖିଏ ଧରି...
ଭାବୁଚି ସମୁଦ୍ରେ ପାଣି
ହେଇଯିବି ପାରି... !!!

ବେଳେବେଳେ ସ୍ମୃତି-ବନୁ
ସୁବାସ ଝରୁଚି...
ବେଳେ ବେଳେ ଶୂନ୍ୟ କୋଳୁ
ଚେତନା କହୁଚି--
'ଶେଷ ହେଲା ଅଭିନୟ
ପଞ୍ଜୁରି ତୋ ମେଲା...
ଆତ୍ମା-ପକ୍ଷୀ ଯିବ ଉଡ଼ି
ବେଳ ନଇଁଗଲା... !

ଅନ୍ତ କାଳେ ଜ୍ୟୋତି-କାନ୍ତି
ଯଦିରେ ଦେଖିବୁ...
ତେବେ ସିନା ସୁଖ ଶାନ୍ତି
ଆନନ୍ଦ ପାଇବୁ ...!!!

... ମୁଁ ଯେ ପୂର୍ଣ୍ଣ ଚେତନାର
ଆତ୍ମା-ଜ୍ୟୋତି-ବିନ୍ଦୁ...
ଦେହ ନୁହଁ, ନାମ ନୁହଁ
ଆତ୍ମା , ଜ୍ଞାନ-ସିନ୍ଧୁ...।
ମୋ ଠାରେ ଅମୃତ ପୁଣି-
ବିଷ ମୋ ଭିତରେ ...
ଉଷାକାଳ ଅମୃତ ମୁଁ
ଗରଳ ନିଶାରେ... !!
କଳ୍ପ କଳ୍ପ କର୍ମ କରି
ଆସୁଚି ଯାଉଚି...

ଜନ୍ମେ ଜନ୍ମେ 'ନିମିତ୍ତ' ମୁଁ
ସଂସାରେ ଖେଳୁଛି...

+ ସାହିତ୍ୟ ସାରାକାଳ
ବ୍ରହ୍ମ-ଆଳୟ ନିତ୍ୟ-ନିଳୟ
ଦେଉଳ ସାହି, ପୋ- ଓଳାଭର
ଜି- କେନ୍ଦ୍ରାପଡ଼ା
ପିନ- ୭୫୪ ୨୨୭
ମୋ- ୬୩୭୧୩ ୮୯୮୭୧/
୭୨୦୫୩ ୩୦୫୬୭

## କି ସୁନ୍ଦର ଲୀଳା ତାର

### ପ୍ରଶାନ୍ତ କୁମାର ଦାଶ



ବରଷକ ପରେ ବଡ଼ଦାଣ୍ଡ ଦେହେ
ଗଢ଼ିଯିବ ତିନି ରଥ
ଉଛୁଳି ଉଠିବ ସାରା ପରିବେଶ
ସଫା ହେଲାଣି ତା ପଥ ।

କି ସୁନ୍ଦର ଶୋଭା କଳାମାଣିକର
ଦେଖି ଛଳ ଛଳ ଆଖି
ଝୁରି ଝୁରି ତାକୁ ହେଲେଣି
ବାୟାଣୀ
ଯଶୋମତୀ ଡାକି ଡାକି

ଆସିଛି ସେ ଛାଡି
ଯଶୋମତୀ କୋଳ
ଗୋପ ବାଳକର ମେଳ
ଡାକନ୍ତି ସୁଦାମ ସୁବଳ ଆତୁରେ
ଖେଳିବାକୁ ଧୂଳି ଖେଳ ।

ରତନ ବେଦୀକୁ ଛାଡି ଚାଲିଯିବ
ଭାଇ ଭଉଣୀଙ୍କୁ ନେଇ
ରଥରେ ସଭିଙ୍କୁ ଦରଶନ ଦେବ
ଭକତଙ୍କୁ ଖୁସି ହେଇ ।

ଲୀଳା ଖେଳା କରି
ଗହଳି କରିବ
ଜଗତଠାକୁର ଜଗା
ମାଆ କହେ ଧନ
ହେବୁ ସୁନାପିଲା
ତା ଚରଣେ ମନ ଲଗା ।

ନଅ ଦିନ ରହି
ପୋଡପିଠା ଖାଇ
ବାହୁଡି ଆସିବ ସାଇଁ
ବାହୁଡ଼ା ରଥରେ
ବସି ସୁନାବେଶ
ହେବ ଭକତଙ୍କ ପାଇଁ ।

ରସଗୋଲା ଖାଇ
ପଶିବ ଦେଉଳେ
ଯାତରା କରି ସେ ଶେଷ
ତାର ଆଶିଷରେ
ମଧୁ ବରଷିବ
ହସିବ ରାଇଜ ଦେଶ ।

ଠାକୁରଙ୍କୁ ଦେଖି
ଦେବୀ କମଳିନୀ
ଶାନ୍ତ ହେବେ ଛାଡି ରୋଷ
ଷାଠିଏ ପଉଟି ରାନ୍ଧି
ଭୁଞ୍ଜାଇବେ
ମହାବାହୁ ହେବେ ତୋଷ ।

+ କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ)୯୬୬୮୮୨୨୧୯୦

## ଯିବା ଶ୍ରୀକ୍ଷେତ୍ର ଟାଣିବା ରଥ

### ପ୍ରଫୁଲ୍ଲ କୁମାର ସାହୁ



ଆସ ଆସ ଆସ ଆସ ଆରେ ମିତ
ଆସ ଆସ ଆସ ଆସ ସଙ୍ଗାତ,
ଆଜି ଯେ ପବିତ୍ର ଶ୍ରୀ ଗୁଣ୍ଡିଚାଯାତ
ଶ୍ରୀକ୍ଷେତ୍ର ରେ ଯାଇ ଟାଣିବା ରଥ ।

ତିନି ରଥେ ଦେଖି ଚାରି ଠାକୁରଙ୍କୁ
ବଡ଼ ଦାଣ୍ଡେ ଆମେ ମୁଣ୍ଡିଆ ମାରି,
ଭକତ ମେଳରେ ଟାଣି ନେବା ରଥ
ହାତେ ଆମ ରଥ ଦଉଡ଼ି ଧରି ।

ବାଇଶି ପାହାଚେ ପହଣ୍ଡିରେ ଝୁଲି
ଭାଇ ଭଉଣୀଙ୍କ ସାଥିରେ ଆସି,
ତିନି ରଥେ ଚାରି ଦିଅଁ ବିଜେ ହେଲେ
ରଥ ଦେଖି ଭକ୍ତ ହୋଇବେ ଖୁସି ।

ତାମଯାନେ ବସି ଗଜପତି ରାଜା
ପରମ୍ପରା କ୍ରମେ ତିନି ରଥରେ,
ବୁଲି ବୁଲି ଛେରା ପହରା କରିବେ
ଖୁସି ହୋଇ ସେବକଙ୍କ ମେଳରେ ।

ଆଷାଢ଼ ମାସର ଶୁକ୍ଳ ଦ୍ୱିତୀୟାରେ
ଶ୍ରୀ ମନ୍ଦିର ଛାଡ଼ି ଚାରି ଠାକୁର,
ଭକତଙ୍କ ମେଳେ ବୁଲିଯାଉଛନ୍ତି
ରଥେ ବସି ଶ୍ରୀ ଗୁଣ୍ଡିଚା ମନ୍ଦିର ।

ଗୁଣ୍ଡିଚା ରାଣୀଙ୍କ କଥା ରକ୍ଷାକରି
ଏହି ଯାତ ହୁଏ ବରଷେ ଥରେ,
ଜନମ ବେଦୀରେ ପୂଜା ଯେ ପାଇବେ
ଆସ ଦେଖି ଯିବା ସାଥୀ ମେଳରେ ।

+ ରାଜ୍ୟ ପୁରସ୍କୃତ ପ୍ରାକ୍ତନ ପ୍ରଧାନ ଶିକ୍ଷକ,
ଶକ୍ତି ବିହାର / ବାଲିପଡ଼ା, ମାହାଙ୍ଗା, କଟକ
ମୋ -୭୬୦୯୦୪୪୩୮୩

## ନିଜକୁ ଚିହ୍ନିପାରୁନି

### ରଣଜିତ କୁମାର ବେହେରା



ଜୀବନ ଜୁଇରେ ନିଇତି ଜଳୁଥାଏ
ହେଲେ ଗଜୁରି ଉଠେ ସ୍ୱପ୍ନର ଚାରା
ହଜି ଯାଉଛି ଆଖିରୁ ନିଦ
ତଥାପି ଆଶା ଓ ବିଶ୍ୱାସର ପାହାଡ
ଯାତ୍ରାର ଶେଷ ଠିକଣା ମୃତ୍ୟୁ ।

ଏକ୍ତୁଡ଼ିଶାଳରୁ ଲକ୍ଷ୍ୟ ଖୋଜି ଚାଲେ
ହେଲେ ହୁଏ ବାଟବଣା
ମାଆ ପୋଛେ ପ୍ରୀତି ଭରା କାନିରେ,
ସନ୍ତାନ ଭୁଲିଯାଏ ସେବା,
ଲୋଭ, ହିଂସାରେ
ମାଆଟା ରକ୍ତମୁଖା ପାଲଟି ଗଲେ,
ଜାଳିପୋଡ଼ି ନଷ୍ଟ କରିଦିଏ,
ହସି ହସି ଲହଡ଼ି ଭାଙ୍ଗିଥିବା ଲୋକଟା
ହଠାତ୍ ଲାଭା ଉଦ୍ଗିରଣ କରିଦିଏ ।

ମୁଁ କଙ୍କାଳ ଦେହଟାକୁ ସଜାଏ
ହେଲେ ଜୁଇରେ ପୋଡ଼ି ପାଉଁଶ ହୁଏ,
କଅଁଳୁ ଥିବା ଭବିଷ୍ୟତକୁ ଦେଖି ଗର୍ବ କରେ
ପୁଣି ସ୍ରଷ୍ଟା ଯାତନାରେ ଝାଉଁଳି ପଡେ,
ପିଲା ଛୁଆଙ୍କ ଆନନ୍ଦରେ ଛାତି ଫୁଲାଏ ।

ଦୁଃଖରେ ବାଲିଘରଟା ଭାଙ୍ଗିପଡେ,
ସ୍ଥୁଳ ଚକ୍ଷୁରେ ସୃଷ୍ଟିକୁ ଦେଖେ
ସ୍ରଷ୍ଟାର ଯାତନାରେ ଭାଙ୍ଗିଯାଏ
କେବେ ଆନନ୍ଦରେ ଠୋ ଠୋ ହସେ
କେବେ ବିଷାଦରେ ଭୋ ଭୋ କାନ୍ଦେ ।

କେବେ ଭାଙ୍ଗୁଛି ପୁଣି ଯୋଡୁଛି
ହସ ଦୁଃଖରେ ସଂସାର ଗଢୁଛି
ମୁଁ କୁ ମୋ ଭିତରେ ଖୋଜିପାଉନି,
ନିରାକାରଙ୍କ ମାୟା ବୁଝିପାରୁନି
ସତରେ ନିଜକୁ ଚିହ୍ନି ପାରୁନି
ସତରେ ନିଜକୁ ଚିହ୍ନି ପାରୁନି।

+ ମାଣିଖମ୍ବ, ବାଲେଶ୍ୱର
(ମୋ) ୯୨୩୮୫୬୮୮୧୧

## ଜବାବ ଦିଅ

### ଡ. ସିନ୍ଧୁ ସେନ



ମାଟି ତଳୁ ଆଜି
କଙ୍କାଳ ଜାଗିଛି
ମୃତ୍ୟୁ ପ୍ରମାଣ ପାଇଁ
ଦୁଃଖିନୀ ଭାଇଟା
ନିଜ ହକ୍ ପାଇଁ
କାନ୍ଦୁଛି କଇଁ କଇଁ ।

ଭୋକର ଭୂଗୋଳ
ଦାରିଦ୍ର୍ୟ ଅନଳ
ହୁତୁ ହୁତୁ ହୋଇ ଜଳେ
ଗରୀବ, ମୂର୍ଖ ମଣିଷ ବୋଲି
ତ ବଳି ପଡୁ ସମାଜରେ

କହରେ, କଲରା କହ
ତୋ ସଞ୍ଚିତ ଅର୍ଥର
ହକ୍‌ଦାର ଯଦି ମୁହିଁ
କେଉଁ ଅପରାଧେ
ଏତେ ଯନ୍ତ୍ରଣା
ଏତେ ଦହଗଞ୍ଜ
ଭୋଗୁଛି କଣ ପାଇଁ ।

କୁହ ସରକାର କୁହ
ତୁମ ନାଲିଫିଁତା
ଫାଇଲ ତଳେ
କେତେ ମୃତାତ୍ମାଙ୍କ ଚିତ୍କାର ଶୁଭେ
ପ୍ରମାଣ କି ତାର ଖୋଜିଛି କେବେ
ନିଜ ସୁବିଧା ପାଇଁ
କଲମ ମୁନରେ ନିଃଶ୍ୱାସ ତାଙ୍କ
ଦେଇଛ ଅଟକାଇ ।

ଗରୀବ ମୂର୍ଖ ଜିତୁମୁଣ୍ଡା ଆଜି
ଜବାବ ମାଗୁଛି
ସତ୍ୟର ଦ୍ୱାହି ଦେଇ
କବର ଖୋଳି
କଙ୍କାଳକୁ ସିଏ
ନେଇପାରେ
କାନ୍ଧେ ବୋହି ।

+ ବାରବାଟୀ, ବାଲେଶ୍ୱର

## ଜଣାଶୁଣା ହେଲୁ ତୁ ଭାବ ଠାକୁର

### ତାରାପ୍ରସାଦ ଜେନା



ତୋର ଅଙ୍ଗ ଭାରି ସୁନା ମହଣରେ
ମୋର ପାଖେ ଚିନେ ନାହିଁ
ଜଣାଶୁଣା ହେଲୁ ତୁ ଭାବ ଠାକୁର
ଆଉ କିବା ଯିବି କାହିଁ
ତୋର ଅଙ୍ଗ ଭାରି ସୁନା ମହଣରେ..... ।୦।

ସୁଖ ଦେଇଥିଲେ ମୁଁ ତ ଭୋଗିଥାନ୍ତି
ଦୁଃଖ ବି ଭୋଗୁଛି ଏଠି
ତୁ ମୋର ସାଆନ୍ତ ତୋର ପାଦ ତଳେ
ଖଟିବି ମୁଁ ସଦା ବେଠି,
ମୋର ଭାଗ୍ୟ ସୁଖ ସଦା ମିଳୁଥାଉ
ତୋର ଚକାଆଖି ଚାହିଁ
ତୋର ଅଙ୍ଗ ଭାରି ସୁନା ମହଣରେ..... ।୧।

କେତେ ଯୋଗୀ ଭୋଗୀ କେତେ ଦୁଃଖୀ ରଙ୍କି
ସବୁ ତୋହଠାରେ ଠୁଳ
ଜଗତ ମୋହନ ଲୀଳା ଲଗେଇଛୁ
ତୁହି ପରା ଆଦିମୂଳ,
ତୋର ଶୂନ୍ୟପାଦ ଲୁହେ ଧୋଉଥିବି
ନିତି ଜଞ୍ଜାଳରେ ମୁହିଁ
ତୋର ଅଙ୍ଗ ଭାରି ସୁନା ମହଣରେ..... ।୨।

+ ରାଜ ରଣପୁର, ଜିଲ୍ଲା-ନୟାଗଡ଼
(ମୋ) ୯୩୪୮୦୫୪୩୦୦

## ସ୍ମୃତି : ଦୀପ୍ତି ଦାସ



ତୁମେ ପିଆସୀ ପିଆଲା ପହିଲି ଫଗୁଣ
ସୁହାଗ ସୁରାର ଶୋଷ
ତୁମେ ଅଳପ ଛୁଆଁର ଚଇତି ନିଆଁର
କୁଆଁରୀ କଇଁର ରୋଷ ।

ତୁମେ ମିଠା ମିଠା ତାତି ମାଟି ଦୀପ ଛାତି
ଭରା ଦହନର ନିଶା
ତୁମେ କୁହୁକୁହୁ ସ୍ୱର କଜଳ ଅନ୍ଧାର
ଅନ୍ଧ ଆଖିର ଦିଶା ।

ତୁମେ ପଉଷ କୁହୁଡ଼ି ସ୍ୱପ୍ନ ଦିହୁଡ଼ି
ଗହନ ତନ୍ଦ୍ରା ତିଥି
ତୁମେ ନିଦାଘ ଡହକ ମରୁର ମହକ
ଶୀତଳ ଚନ୍ଦ୍ରା ବିଥି ।

ତୁମେ ପାନ୍ଥଶାଳାର କରୁଣ କ୍ଳାନ୍ତିର
ବାଟୋଇର ଇତି କଥା
ତୁମେ ଇତି ହିନ ଇତି ବାସନ୍ତି ଚଇତି
ଅସୁରାଗର ବ୍ୟଥା ।

+ ଅରଡ ବଜାର,
ବାଲେଶ୍ୱର

## ମିଳାଅ ବନ୍ଧୁତାର ହାତ

### ଡ. ଶିଶିର କୁମାର କର



ମାଟିର ମୁକୁଳ ଛିଡାଇ ନେଉଛ
ଜୀବନ ଫସଲ ଜଳାଇ ଦେଉଛ
ଆହେ ସାମ୍ରାଜ୍ୟବାଦୀ
ରକ୍ତ ତୃଷିତ୍ ଦଳ
ତୁମେ ବଦ୍ଧ ପାଗଳ ।

ମା'ର ଛାତି ଆଜି ଯୁଦ୍ଧଘାଟି
ତୁହାକୁ ତୁହା,
ମିଶାଇଲ୍ ମାଡ
ଚାରିଆଡେ ସଭ୍ୟତାର ହାଡ
ବାସି ଫୁଲପରି ଝଡି ପଡୁଛି

ସଫେଦ୍ ଶବ,
ଖଣ୍ଡ ଖଣ୍ଡ କଳାର କୋଣାର୍କ ।

ଯୁଦ୍ଧ ଚୋରାଇ ନେଇଛି
ସୁଶୀତଳ ପବନ
ସକାଳର ସୂର୍ଯ୍ୟ
ଜହ୍ନର ଜୋଛନା

ହୃଦୟରୁ ମମତା
ଆଣିଛି ଭୂତାଣୁ ସଂକ୍ରମଣ
ଫେରାଇ ନେଉଛି ସଭ୍ୟତାକୁ
ପୁରାତନ ପ୍ରସ୍ତର ଯୁଗକୁ ।

ଯଦି ମାଟି ମାକୁ ରକ୍ଷା କରିବାକୁ
ଭାବୁଥାଅ,
ବନ୍ଦକର ଯୁଦ୍ଧ
ମିଳାଅ ବନ୍ଧୁତାର ହାତ
ଶୁଣ,
ଛାତି ଦିଆଲର ଶବ୍ଦ
ଫୁଲଫୁଟୁ ଆପଣା ଇଚ୍ଛାରେ
ଚାରାହସୁ ନିର୍ଭୟରେ ।

ବାଲେଶ୍ୱର

## ଆସୁନ ସଖୀ

### ସିଦ୍ଧେଶ୍ୱର ତ୍ରିପାଠୀ

ଆସୁନ ସଖି ସମୟ ଦେଖି
ଇଆଡ଼େ କାଇଁ ଥରେ
ବହୁ ଦିନର ପିଆସୀ ଆଖି
ତୁମକୁ ଝୁରି ମରେ।

କୋଉଠି ଅଛ କେମିତି ଅଛ
ନୂଆ ସଂସାର କରି
ଥରେକି ଅଧେ ମୋ ପାଇଁ
ତୁମ ମନ ହୁଏନି ଝୁରି ।

ଆସି ଦେଖିବ ମନେ ରଖିବ
ଏମନ କେତେ ଝୁରେ
ଆସୁନ ସଖି ସମୟ ଦେଖି
ଇଆଡ଼େ କାଇଁ ଥରେ ।

ସେଇ ବୟସ ଯାଇଛି ଗଡି
ସମୟ ପୁଣି କେତେ
ମେଞ୍ଚାଏ କୋହ ଜମାଟ ବାନ୍ଧେ
ଛାତି ଭିତରେ ସତେ ।

ତୁମକୁ ଥରେ ଆଖିରେ ଦେଖି
ଏ ଲୁହ ସୁଖି ପାରେ
ଆସୁନ ସଖି ସମୟ ଦେଖି
ଇଆଡ଼େ କାଇଁ ଥରେ ।

+ ଖୋର୍ଦ୍ଧା

## ଓଃ , ବର୍ଷୁଛି ତ ବର୍ଷୁଥାଉ....

### ଛବିରାଣୀ ପତି



ତୁହାକୁ ତୁହା ବର୍ଷୁଛି ତ ବର୍ଷୁ ଥାଉ !
କାହାରି ଅନୁରାଗର ବର୍ଷାକୁ
ନିଜ ଆଦ୍ର ଅନୁଭବରେ ନେଇ
ଅନୁପମ ମଳାନଈର ସହର ରଚିବା
କାହିକି କରିବି ସେ ପ୍ରଳାପ ।

ହତାସିଆ ବାଦଲଫଟା ମେଘର
ଅତଡା ପାହାଡ ତଳେ
ନିରୋଳାରେ ଜୀବନ ଜୀଇଁବା
ଅସହାୟ ଅଭିଳାଷା ମାନଙ୍କୁ
ନିଃଶବ୍ଦ ନିଥରେ ଉଙ୍କିମାରୁଥିବାର ଦେଖି
ଦରଫୁଟା କୁଆଁରୀ ସ୍ୱପ୍ନ ଗୁଡ଼ାକୁ
ଅବସୋସର ପାଉଁଶଗଦାରୁ
ଅତି ଯତ୍ନରେ ଉଖାରି ଉଖାରି
ହୁସିଆର୍ ସମୟର ପୁଞ୍ଜିଭୂତ ପାଛିଆରେ
ସାଇତି ରଖିବା କେଉଁ ଅବାହମାନରୁ
ସିଏବା କି ବୁଦ୍ଧିମତା ...!!

ବରଂ ନିର୍ଦ୍ଧୁମ ପ୍ଲାଷ୍ଟିକ ହସ ହସିବି , ଆଉ
ରକ୍ତ ସ୍ନାନ କେଶକୁ ବର୍ଷାରେ ଶୁଖାଇ
ମନ ବୋଧ ହେବାଯାଏ ତାଣ୍ଡବ କରିବି
ତେଣେ, କିଏ ବର୍ଷୁଛି ତ ବର୍ଷୁଥାଉ ...
ଏ ଫୁଙ୍ଗୁଳା ଆକାଶର ଦରଜ ଛାତିରେ
ବିରହ ଘାଇଲା ଯୋଡ଼ା ଉଦାସ ଆଖିରେ ।

ପ୍ରଣୟ ପଥେ ନହେଲେ ନାହିଁ !
ପଥରରେ ପତର ପାରି ଶୋଇଯିବି
ଆଉ , ସାଉଁଟିବି ....
ମୁଠେ ମିଠା ସ୍ମୃତିର ମହୁ ।

କିଏ ତ କୁହ.....
କାହିଁକି ବା ଶୁଖାଇବି ଲୁହ
ଅବିଶ୍ୱାସୀ ସନ୍ଦେହି ନଣ୍ଡା ଛାତ ପରେ ??

+ମଧଶାସନ
ବିରିଡ଼ି , ଜଗତସିଂହପୁର
(ମୋ) ୯୩୩୭୯୬୦୦୬୦

# ସ୍ୱନକ୍ଷତ୍ର ବିଶେଷାଙ୍କ



## ପ୍ରଥମ ପ୍ରେମର ଅନୁଭବ

**ଡକ୍ଟର ଲକ୍ଷ୍ମଣ ସାହୁ**

ଜୁଲାଇ ମାସରେ କଲେଜରେ ଶିକ୍ଷା ଦାନ ଆରମ୍ଭ ଥିଲା । ପ୍ରିୟା +୨ ବିଜ୍ଞାନ ବିଭାଗ ବାଛିଥିଲା । ତେଣୁ ତାଙ୍କ ବାପା ଆରମ୍ଭରୁ ଟ୍ୟୁସନ୍ ପଠାଇବା ଆରମ୍ଭ କରିଦେଇଥିଲେ । ସମସ୍ୟା ଥିଲା ଯେ ପ୍ରିୟା ଏତେ ଦୂର ପଢ଼ିବାକୁ ଏକା ଯିବ କିପରି ? ତା'ର ସ୍କୁଲ ବାନ୍ଧବୀ ରଶ୍ମି ଏହାର ସମାଧାନ କରିଥିଲା । କାରଣ ତାର ମଧ ଏକା କୋଚିଂ ଯିବାର ସମସ୍ୟା ଥିଲା । ଏବେ ଦୁହେଁ ଏକାଠି ଯିବା ଆରମ୍ଭ କରିଥିଲେ ।

ଠିକ୍ ସେ ସମୟରେ ସ୍ଥାନୀୟ ନିର୍ବାଚନ ଥିବାରୁ ବୁଥ ଦାୟିତ୍ୱରେ ନିୟୋଜିତ ସାମରିକ ବାହିନୀ ଆସି ପହଞ୍ଚିଥିଲା । ଯେତେବେଳେ ପ୍ରିୟା ସେଇ ପଥ ଦେଇ ପ୍ରଥମ ଦିନ ଗଲା, ତାର ନଜର ସାମରିକ ବାସଭବନର ଛାତ ଉପରେ ରାଇଫଲ୍ ଧରି ଠିଆ ହୋଇଥିବା ଜଣେ ସୈନିକ ଉପରେ ପଡ଼ିଲା । ପ୍ରିୟା ଜାଣେନାହିଁ ସେ କାହିଁକି ଚାଲିବା ବନ୍ଦ କରି କିଛି ସେକେଣ୍ଡ ପାଇଁ ଠିଆ ହୋଇ ଖାଲି ଚାହିଁ ରହିଲା । ବୋଧହୁଏ ସାମରିକ ପୋଷାକରେ ଏକ ଅନନ୍ୟ ଚମକ ଥିଲା ଯାହା ତାକୁ ତା' ପାଖକୁ ଟାଣି ଆଣିଥିଲା ।

ଜଣେ ହୃଷ୍ଟପୁଷ୍ଟ ଯୁବକ ହସୁଥିବା ଦେଖି ତା'ର ନଜର ଭାଙ୍ଗିଗଲା, ସେ ରାଗରେ ଲାଲ ହୋଇଗଲା ଓ ନୀରବରେ ଆଗକୁ ବଢ଼ିଲା । ପ୍ରିୟାର ଘରଲୋକମାନେ ଖୋଲା ମନର ନଥିଲେ । ସେଇ ମାନନ୍ଧତା ଅମଳର ପାରମ୍ପରିକ ଚିନ୍ତାଧାରାର ଅନୁଗାମୀ ଥିଲେ, ଯାହାଙ୍କ ଦୃଷ୍ଟିରେ ବିବାହ ପୂର୍ବରୁ ପ୍ରେମରେ ପଡ଼ିବା ପାପ ବୋଲି ବିବେଚନା କରାଯାଉଥିଲା ।

ପ୍ରାୟ ଛଅ ଦିନ ପରେ ଯେତେବେଳେ ପ୍ରିୟା କୋଚିଂ ଚାଲିଯାଉଥିଲା, ସଦ୍ୟ ସେନା ବାହିନୀ ରେ ଯୋଗ ଦେଇଥିବା ସେହି ସୁନ୍ଦର ତରୁଣ ଯୁବକଟି ପ୍ରାୟତଃ ଡ୍ୟୁଟି ରୁ ଆସି ଛାତ ଉପରେ ଠିଆ ହେଉଥିଲା ଓ କିଛି ଦୂର ପାଇଁ ତା' ସହିତ ଛାତ ଉପରେ ଯାଉଥିଲା । ଯେତେବେଳେ ପ୍ରିୟା କିଛି ଦୂର ପହଞ୍ଚିବା ପରେ ପଛକୁ ଚାହୁଁଥିଲା, ଯୁବକଟି ତାକୁ ହାତ ହଲାଇ ହସହସ ମୁହଁ ରେ ବାଏ ବାଏ କହୁଥିଲା । ଯେମିତି ଆକାଶରେ ପକ୍ଷ ହଲାଇ ନିରବ ପକ୍ଷୀଟି ଉଡ଼ି ଯାଉଥିଲା ।

ସେଦିନ ଶନିବାର ପ୍ରିୟା ତାର ଅସୁସ୍ଥତା ଯୋଗୁଁ ଟ୍ୟୁସନ୍ ଯାଇ ନଥିଲା । ରଶ୍ମିକୁ ଏକା ଦେଖି ଅଜୟ ନିରାଶ ହୋଇଗଲା, ତାପରେ କିଛି ଭାବିଲା ଓ ତଳକୁ ଓହ୍ଲାଇ ରଶ୍ମି ପାଖକୁ ଦୌଡ଼ି ଯାଇ କହିଲା, 'ତୁମର ବାନ୍ଧିବା ଆଜି ଆସି ନାହିଁ ?'

'ହଁ, ତା ଦେହ ଭଲ ନାହିଁ । ଠିକ୍ ଅଛି, କିନ୍ତୁ ତୁମେ ତାକୁ କାହିଁକି ଖୋଜୁଛ ?'

ରଶ୍ମି ଠାରୁ ଶକ୍ତ ଚାପୁଡ଼ା ଖାଇଲା ଭଳି ଅଜୟ କିଛି ମୁହୂର୍ତ୍ତ ମୁଣ୍ଡ ତଳକୁ କରି ଦେଲା । ଯେମିତି ଟ୍ରେନିଂ ପିରିୟଡ଼ ରେ ସାମାନ୍ୟ ତ୍ରୁଟି ରେ କମାଣ୍ଡର ଦଣ୍ଡ ଦେଉଥିଲେ ।'

ଗଳା ଝିଁଖାସି ନମ୍ର ଗଳାରେ ଅଜୟ କହିଲା 'ମୁଜେ ଉନଶେ କୁଚ କାମ ହାଏ, ସଣ୍ଡେ କୋଚିଂ ହୁଆ'। ତାର ଥଙ୍ଗ ଥଙ୍ଗ ଅସ୍ପଷ୍ଟ କଥା ଶୁଣି ରଶ୍ମି ହସିଲା । 'ନା, ରବିବାର ଦିନ କୋଚିଂ ବନ୍ଦ ରହିଛି ।'

'ହେ ଭଉଣୀ, ତୁମେ ମୋର ଗୋଟିଏ କାମ କରି ଦେବ ?'

ରଶ୍ମି ଟିକିଏ ଚାହିଁ କହିଲା 'ପ୍ରଥମେ କାମ କଣ ଶୁଣିବାକୁ ଦିଅ, ତା'ପରେ ମୁଁ ତୁମକୁ କହିବି ।'

ଦୟାକରି ମୋତେ ଥରେ ତାଙ୍କ ସହ କଥା ହେବାକୁ ଦିଅ । ଅଜୟ ପ୍ରାୟ ହସି ହସି ରଶ୍ମିକୁ କହିଲା ।

ରଶ୍ମି ହସି ଦେଇ କହିଲା 'କାହିଁକି ?'

'ମୁଁ ପ୍ରିୟାକୁ ଚାହୁଁଛି, ଥରେ ତା' ସହ କଥା ହୋଇ ଚାଲିଯିବି ।ସେ ମନେ ରଖିବ ନାହିଁ, ମୁଁ ତାକୁ ମୋର ସର୍ତ୍ତ କହିବାକୁ ଚାହୁଁଛି, ପ୍ରିଜ୍ ମନା କରନାହିଁ ।'

'ଆଛା । ଠିକ୍ ଅଛି ମୁଁ ଚେଷ୍ଟା କରିବି ?

'ଦୟାକରି, ମୁଁ ସାରା ଜୀବନ ତା' ପାଇଁ ଉତ୍ସର୍ଗ କରି ଦେବି ।'

ସୋମବାର ଦିନ, ଯେତେବେଳେ ରଶ୍ମି ପ୍ରିୟାକୁ ଅଜୟ ବିଷୟରେ କହିଥିଲା ଓ ତାକୁ ପଚାରିଥିଲା ଯେ ସେ କଥା ହେବେ କି ?

'ଧେତ୍, ମୁଁ କଥା ହେବି ନାହିଁ, ଯଦି ଘରେ କେହି ଆମ କଥା କହିଦେବ, ତେବେ ଘରେ ମୋତେ ଜୀବନ୍ତ କବର ଦେଇ ଦେବେ ଓ ସମାନ ଭାବରେ ତା' ଖବର ନେବେ ଓ ତାକୁ ହଟାଇ ଦେବେ । ତୁ ଜାଣିନୁ ଆମ ପରିବାର ବିଷୟରେ ।'

ଦୟାକରି ପ୍ରିୟା, ଦେଖ, ସେ ମୋ ଉପରେ ବହୁ ଆଶାରଖି କଥା ହୋଇଛି, ମୁଁ ତା' ପ୍ରେମ ତୋ ପ୍ରତି ଥିବା ଅନୁଭବ କଲି ।'

'ସାହି ଲାଗା ତୋ ତୁମ୍ ହିହି କାର୍ଲୋ ଲୋ ନା, ପାଗଲ୍ ହାଇ ହୋ, ସାଟ୍ ବାଜନେ ହୀ ୱାଲେ ହେନ୍ ସାମ୍ ହୀ ନାହି ହ ସ ଟ୍ୟୁସନ ଆରମ୍ଭ ହେବାକୁ ଯାଉଛି ।'

ଛକଠାରୁ ଟିକିଏ ଆଗକୁ ଯାଇ ରଶ୍ମି କହିଲା, 'ତୁ ଅପେକ୍ଷା କର ମୋର ରଫ୍ କପି ଭର ଗାଇ ହୈ ଦୋ ମିନିଟ୍ ମେଁ ଲେକେର ଅହଁ ।'

ତାପରେ ଧଳା ଟି-ସାର୍ଟ ଓ ନୀଳ ଜିନ୍ ପ୍ୟାଣ୍ଟ୍ ପିନ୍ଧିଥିବା ଅଜୟ ସାମ୍ନାରେ ଠିଆ ହୋଇଥିଲା ପ୍ରିୟା । ସେ କିଛି କହିବା ପୂର୍ବରୁ ଅଜୟ କହିଲା ।

'ହାଏ, ପ୍ରିୟା ମୁଁ ତୁମକୁ ବହୁତ ଭଲ ପାଏ । ମୁଁ ତୁମକୁ ବହୁତ ଦିନ ଧରି ଦେଖୁଛି । ଆଜି କଥା ହେବାକୁ ସାହସ କରି କହିଲି ।

ମୁଁ ଭୟ କରୁଥିଲି ଯେ ତୁମେ ରାଗିଯାଇପାର । ସେଥିପାଇଁ ମୁଁ ସାହସ କରିପାରିନଥିଲି ।

ପ୍ରିୟା ତା' କଥା ବୁଝିପାରିଲା ନାହିଁ, ହଁ, ସେ ଭିତରେ ଥରି ଉଠିଥିଲା, ଅଗଷ୍ଟ ମାସର ଗରମରେ ମଧ ତା ମୁହଁ ଲାଲ ହୋଇଯାଇଥିଲା । ତା'ର ନୀରବ ଦେଖି ଅଜୟ କହିଲେ, 'ମୁଁ କାଲି ଏଠାରୁ ଚାଲିଯିବି । କାରଗିଲରେ ଯୁଦ୍ଧ ହେଉଛି, ହୁଏତ ମୁଁ ସେଠାକୁ ଯିବି ଓ ଫେରିବିକି ନାହିଁ ଜଣାନାହିଁ । ଯେତେବେଳେ ମୁଁ ତୁମକୁ ଦେଖେ, ମୋ ହୃଦୟ ଦୁଇଗୁଣ ଦ୍ରୁତ ଗତିରେ ସ୍ପନ୍ଦନ ବଢିଯାଏ । ତୁମକୁ ଦେଖି ମୁଁ ପ୍ରଥମ ଥର ପାଇଁ ପ୍ରେମ ଅନୁଭବ କରେ, ତାହା ଲୁଚାଇବାକୁ ଚାହୁଁନାହିଁ, ତେଣୁ ଗତକାଲି ମୁଁ ତୁମ ବନ୍ଧୁଙ୍କୁ ଅନୁରୋଧ କରିଥିଲି ।'

'ଯାହାହେଉ, ମୁଁ ତୁମ ସହିତ କଥାବାର୍ତ୍ତା କରିବି ।'

ପ୍ରିୟା ତା ହୃଦୟରେ ଲୁଚାଇ ଥିବା ତରୁଣ ଯୁବକଟି ପ୍ରତି ପ୍ରେମକୁ କିଭଳି ପ୍ରକାଶ କରି ଭାବି ପାରୁନି । ଧୀରେ କହିଥିଲା, 'ମୁଁ ଏବେ +୨ ବିଜ୍ଞାନ ଛାତ୍ରୀ ।' ଫୌଜି ଉପରେ ବହୁତ ଭଲ ଭାବରେ ବୁଝିପାରିଛି ।

'ବାଃ ତୁମେ ଆମ ସେନା ଫୌଜ ଜାଣିଛ, ଶତ ଧନ୍ୟବାଦ, ମୁଁ ଏବେ ବାଇଶି ବର୍ଷ ବୟସର ଓ ମୁଁ ତୁମ ସହିତ କଥା ହେଉଛି, ତୁମେ ଯେଉଁଠି ଥିଲେ ବି ମନେ ରହିବ ? ମୁଁ କେବଳ ତୁମର ଗୋଟିଏ ସନ୍ତକ ଚାହୁଁଥିଲି, ଯାହାକୁ ମୁଁ ସବୁବେଳେ ମୋ ପାଖରେ ରଖି ମୋର ପ୍ରଥମ ପ୍ରେମକୁ ସବୁଦିନ ପାଇଁ ଅନୁଭବ କରିପାରିବି ।'

ପ୍ରିୟା ତଥାପି ଚୁପ୍ ରହିଲା । ଅଜୟ କହିଲା, 'ତୁମେ ମୋତେ ପସନ୍ଦ କରୁ ନାହଁ, ମୋର ସାଙ୍ଗମାନେ କୁହନ୍ତି ମୁଁ ବହୁତ ସ୍ମାର୍ଟ ।'

'ତୁମକୁ ଖୁବ୍ ଭଲ ପାଏ ....

'ସତରେ ?'

'କିନ୍ତୁ, ସାମରିକ ପୋଷାକରେ, ପ୍ରକୃତରେ ମୁଁ ତୁମକୁ ପ୍ରଥମ ଥର ପାଇଁ ଜଣେ ସୈନିକ ଭାବରେ ଦେଖିଥିଲି ଓ ମୁଁ ତୁମକୁ ପ୍ରକୃତରେ ଭଲ ପାଇଛି, ଯଦିଓ ତୁମ ସ୍ଥାନରେ ଅନ୍ୟ କେହି ଥାଆନ୍ତେ, ସେ ମୋର ପ୍ରଥମ ପ୍ରେମ ହୋଇଥାଆନ୍ତେ ।'

'ଓଃ... ତେଣୁ ତୁମେ ଆମର ୟୁନିଫର୍ମକୁ ଭଲ ପାଅ, କିନ୍ତୁ ତୁମେ ଆମକୁ ପ୍ରତ୍ୟେକ ପୋଷାକରେ ପସନ୍ଦ କର, ବହୁତ ସୁନ୍ଦର, ଜୟ ହିନ୍ଦ୍ , ମୁଁ ଭାରତ ମାତା ଭଳି ତୁମକୁ ଭଲପାଏ

ଏକ 'ରେନୋଲ୍ଡ ଜେଟର' ପେନ୍ ହସ୍ତାନ୍ତର କରି ପ୍ରିୟା କହିଲା, 'କୁଚ୍ ଭୀ ନାହି ହ ସ, ଆପ୍ ୟେ ପେନ୍ ଲିଜିୟେ' ।

ଅଜୟ ସେହି ପେନ୍ କୁ ହାତରେ ଧରି ଧୈର୍ଯ୍ୟର ସହିତ ପ୍ରିୟା ଚିବୁକରେ ହାତ ମାରି କହିଲେ, 'ଧନ୍ୟବାଦ ପ୍ରିୟା ।'

'ମୋ ପାଖରେ କଲମ ବି ନାହିଁ, ମୁଁ ତୁମକୁ ଏକା ଭେଟିଥିଲି ଓ ତୁମ ସହିତ କଥା ହୋଇଥିଲି ବୋଲି କିଛି ସନ୍ତକ ଦେବାକୁ ।' କେବଳ ମୋ ପାଖରେ ଭାରତ ମାତା ପଦକ , ଯାହା ମୋ ମମି ମୋ ବେକରେ ଗୁଡ଼େଇ ଦେଇଛି । ତୁମେ ଏହାକୁ ଯତ୍ନରେ ରଖ ।

ପ୍ରିୟା ତଳକୁ ଚାହିଁ କହିଲା 'କିଛି ନୁହେଁ, ତୁମର ସେହି ପ୍ରତିଛବି ଯାହାକୁ ମୁଁ ପ୍ରଥମ ଥର ପାଇଁ ମୋ ଚକ୍ଷୁରେ ଦେଖିଥିଲି, ତାହା ସବୁଦିନ ପାଇଁ ମୋ ହୃଦୟରେ ରହିବ ।'

ସେତେବେଳକୁ ରଶ୍ମି ଟୁକୁରା କାଗଜ ଆଣି ଦେଲା, ଅଜୟ ତା ହାତରୁ ନେଇ ତା' ଠିକଣା ଲେଖିଦେଲା । ତା'ପରେ ପ୍ରିୟା ଜାଣିପାରିଲା ଯେ ତାଙ୍କ ନାମ ଅଜୟ ।

ଅଜୟ ଧୀରେ କହିଲେ, 'ଯେତେବେଳେ ତୁମେ ଚିଠି ଲେଖିବ, ମୁଁ ତୁମକୁ ଉତ୍ତରରେ 'ଜୟ ହିନ୍ଦ' ଲେଖିବି ।'

'ଜୟ ହିନ୍ଦ !' ପ୍ରିୟା ତା'ର ପ୍ରଥମ ପ୍ରେମକୁ ବିଦାୟ ଦେଲା ।

ବାଟରେ ପ୍ରିୟା ରଶ୍ମି କୁ ହଜାର ଥର ଗାଳି ଦେଲା ଓ ଏପରି ମଧ କୁହିଲା ସେ ଯଦି ଘରେ କାହାକୁ କହିବ, ତେବେ ସେ ମୋର ମୃତ୍ୟୁ ମୁହଁ ଦେଖିବ ।

ପ୍ରିୟା ଏବେ ପ୍ରତିଦିନ ଖବରକାଗଜ ପ୍ରତି ବିଶେଷ ଆଗ୍ରହୀ ହେଉଥିଲେ । ଗୋଟିଏ ଦିନ ସହିଦ ଜବାନମାନଙ୍କ ମଧ୍ୟରେ ତା'ର ପ୍ରଥମ ପ୍ରେମର ନାମ ଥିଲା 'ଅଜୟ' । ସେ ଦୁଇ ଦିନ ପର୍ଯ୍ୟନ୍ତ ବହୁତ କାନ୍ଦିଲା ଓ କିଛି ଖାଇଲା ନାହିଁ । ତା'ପରେ ଧୀରେ ଧୀରେ ସବୁକିଛି ସ୍ୱାଭାବିକ ହୋଇଗଲା ।

ଅଜୟ ଏହି ଦୁନିଆ ଛାଡି ଚାଲିଯାଇଛି, କିନ୍ତୁ ପ୍ରିୟା ନିକଟରେ ଏବେ ବି ତ୍ରିରଙ୍ଗାରେ ଜୀବିତ ଅଛନ୍ତି । ଆଜି କୋଡ଼ିଏ ବର୍ଷ ପରେ ଯେତେବେଳେ ସେ ତ୍ରିରଙ୍ଗା ଶୋଭାଯାତ୍ରାର ଲହଡି ଦେଖେ, ସେ ଅଜୟକୁ ଏକ ବାମହାତରେ ରାଇଫଲ୍ ସହିତ ଡାହାଣ ହାତଟା ସଲାମ ମୁଦ୍ରାରେ ଥିବା ଦେଖେ । ତାଙ୍କ ଓଠରେ ଲାଲ୍ ସ୍ମିତହାସ୍ୟ ଝଟକୁ ଥାଏ । ହେଲେ ପ୍ରିୟା ଆଖି ଓଦା ରହିଥାଏ...ତା' ଚିବୁକରେ ଦୁଇ ଟୋପା ଲୁହ ଖସି ଆସେ, ଥରିଲା ଓଠରେ ଉଚ୍ଚାରଣ କରି କୋହଭରା କଣ୍ଠରେ କହି ଉଠେ 'ଅଜୟ ତୁମେ ଏ ଜନ୍ମରେ ମୋର ଭଙ୍ଗା ହୃଦୟରେ କେବଳ ନୁହେଁ ଏ ଧରିତ୍ରୀ ମା' ପାଖରେ ଚିର ଅମର ରହିବ । ଜୟ ହିନ୍ଦ୍ ...!!!

+ ତାରା ନିଳୟ, ପ୍ଲଟ: ୮୫୪/ଏ , ଲକ୍ଷ୍ମୀନାରାୟଣ ବିହାର ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା -୫୫ , (ମୋ) : ୯୦୪୦୧୫୧୪୭୫

---

## ମତେ ଥରେ ଦାରୁ କରି ଜନ୍ମ ଦିଅନ୍ତନି ଈଶ୍ୱର

**କମଳ କୁମାର ମହାନ୍ତି**



ଆରସା,ତିହିଡ଼ି,
ଭଦ୍ରକ-୭୫୬୧୩୯
(ମୋ) ୯୪୩୯୦୪୭୨୮୩

ମତେ ଥରେ ଦାରୁ କରି
ଜନ୍ମ ଦିଅନ୍ତନି ଈଶ୍ୱର
ମୁଁ ତୁମକୁ ଦିଅନ୍ତି ଜନ୍ମ !
କେଉଁ ଦୂର ପାଟବିଲ
ଅଗ୍ନାଗ୍ନି ବନ ଆରପାରେ
ବସିଥାନ୍ତି ତୁମ ପ୍ରତୀକ୍ଷାରେ
କାଳଯାକ
ତୁମରି ଇଚ୍ଛାର ବନଯାଗ ଲାଗି
ପୁଣି ଏକ ଯୋଡ଼ା ଆଷାଢ଼ର
ହେଉଥାନ୍ତା ଅଭିଷେକ ।

ଦିବ୍ୟ ଅଭିଳାଷର ଜରିପାଟ ପିନ୍ଧି
ତୁମରି ଅଭିଷ୍ଟ ଆଜ୍ଞାମାଳ ଧରି
ଆସିଥାନ୍ତେ ଜଣେ ଦଇତାପତି
ଛେଦି ପକାଇବା ଲାଗି ମତେ
ସୁନା କୁରାଢ଼ି, ରୁପା କୁରାଢ଼ିରେ ।

ମୋ ଭିତରେ ବାରିହୋଇ ପଡୁଥାନ୍ତା
ଶଙ୍ଖଚକ୍ର ଚିହ୍ନ
ତାଳପତ୍ରରେ ଗୀତ ଗାଉଥାନ୍ତେ
ଆମ୍ବପକ୍ଷୀ
କୋରଡ଼ ସନ୍ଧିରେ ବୁଲୁଥାନ୍ତେ
ନାଗମାନେ ଅହର୍ନିଶି !

ଶଙ୍ଖ ଘଣ୍ଟା ଝାଂଜ ମୃଦଙ୍ଗ
ହରିବୋଲ ହୁଳହୁଳିରେ
ଉଚ୍ଛୁଳୁମୁଛୁଳୁ ହେଉଥାନ୍ତା ବନରାଜି
ଭକ୍ତ କାମନାର ଦିବ୍ୟ ଶଗଡ଼ିରେ
ପରିକ୍ରମା ହେଉଥାନ୍ତା ମୋର
ଗାଆଁରୁ ସହର
ମାଟିରୁ ମାଳଂଚ ।

ମୁଁ ପହଂଚୁଥାନ୍ତି
ମୋ ସ୍ୱପ୍ନର କୋଟିତୀର୍ଥ
ମାଟିର ଶ୍ରୀକ୍ଷେତ୍ର ।

ମୁଁ ତ ତୁମ ବିଶ୍ୱାସର ନୀଳଶୈଳରେ
ନିଃଶ୍ୱାସ ଖୋଜୁଥିବା ଏକ୍ଲା ମଣିଷ
କେମିତି କହିଦିଅନ୍ତି
ତୁମ ଛତିଶା ନିଯୋଗ
ଛପନ କୋଟି ଭୋଗକୁ
ନାହିଁ ଅବକାଶ
ଟିକେ କୈବଲ୍ୟ ପାଇଁ
ଟିକେ କୁଡୁଆ ପାଇଁ
ପୂରିଯିବ ଜନ୍ମଜନ୍ମର ଅଭିଳାଷ !

ମହାଶୂନ୍ୟରୁ ଓହ୍ଲାଇ
ଆସନ୍ତେ ବିଶ୍ୱକର୍ମା
ଗଢ଼ିବାକୁ ମତେ
ଦାରୁରୁ ଦେବତା କରି
ଆକାଶରୁ ବର୍ଷୁଥା'ନ୍ତା ଇନ୍ଦ୍ରଧନୁ
ଫୁଲ ଓ ଉଲ୍ଲାସ ।

ଅର୍ଘ୍ୟଫୁଲ ହୋଇ ଫୁଟୁଥାନ୍ତି ମୁଁ
ତୁମରି ଭିତରେ
କାଳେ ଜନ୍ମଜନ୍ମ ଲାଗି ତୁମେ
ମୋ' ମନାନୁରଂଜକ ହେବ
କପାଳପାଳକ ହେବ !

---

## ନିଅ

**ସୁରେନ୍ଦ୍ର ପାଣିଗ୍ରାହୀ**



ନିଅ
ସମର୍ପି ଦେଲି ତୁମକୁ ଦୁଧିଆ ରଂଗରେ ଜୁଡୁବୁଡୁ ଦିଗଂତ
ବିସ୍ତାରିତ ଜହ୍ନରାତି,ବଂଶୀସ୍ୱନ
ବଉଳଗଛର ଛାଇ , ତାଳତମାଳର ବନ
ବଣମଲ୍ଲୀର ବାସ୍ନା
ଚଇତାଳି ବାସଂତୀପବନ ।

ନିଅ
ସମର୍ପିଦେଲି ତୁମକୁ ମଧୁଝରା ଆମ୍ବବଉଳ ,ଫଗୁବୋଳା
କଣ୍ଢାରଂଗିଣୀ ,ଦୂର ଆକାଶର ନୀଡଫେରା ପକ୍ଷୀ
ଛାୟାପଥର ଚିକିମିକି ତାରା ଫୁଲ
ଆଉ ରାତିର ବିଜନ ବୀଣାର ଅନାହତ ନାଦ ।

ନିଅ
ସମର୍ପିଦେଲି ତୁମକୁ ସାହାଡାଗଛରୁ କୋଳିଖାଇସାରି
ଦେହବିଦେହକୁ ଭୁଲି
ଗୀତଗାଉଥିବା ହଳଦୀବସଂତ
ତାଳଗଛରେ ଝୁଲୁଥିବା ବେପରବାୟ ବାଇଚଢେଇ
ଗାଁ ଗୋହିରିରେ ବାଜୁଥିବା
ଯୋଗୀର କେଂଦରାଗୀତ ।

ନିଅ
ସମର୍ପିଦେଲି ତୁମକୁ ପତ୍ର ଗହଳର ଗୁଣୁଗୁଣୁ ମହୁଫେଣାରୁ
ଝରୁଥିବା ମହୁ, ମଧୁମାଳତୀ କୃଷ୍ଣଚୂଡା ଫୁଲ
କାକରରେ ଦରଭିଜା ଧାନଗଛ
ସକାଳପକ୍ଷୀର ଗୀତ
ସଂଜବତୀ ତୁଳସୀ ଚଉରା ମୂଳ ।

ନିଅ
ପୁଣି ସମର୍ପିଦେଲି ତୁମକୁ
କାଠଚଂପାର ଭୁରୁଭୁରୁ ବାସ୍ନାରେ
ପାଗଳ ମୋ ପୁଲକିତ ପ୍ରାଣ
ଭିଜାମାଟିର ଗଂଧରେ ସୁରଭିତ ମନ
ଆଉ ତୁମ ପ୍ରେମର ପ୍ରକାଶରେ ଆଲୋକିତ
ଏ ମାଟିଘଟର ଯୌବନ ।

+ ପ୍ଲଟ୍ ସଂ.-୧୫୩୧, ରୋଡ ନଂ-୪, ଜଗନ୍ନାଥ ନଗର, ରସୁଲଗଡ଼,ଭୁବନେଶ୍ୱର- ୭୫୧୦୧୦
(ମୋ)-୯୪୩୭୨୮୨୯୮୪

---

## ମା' ମୋତେ ସୃଜନ କର

**ଜ୍ଞାନେନ୍ଦ୍ର କୁମାର ପଣ୍ଡା**



ମୁଁ ତୋତେ ବିସ୍ମୟରେ ସଦା କାହିଁକି
ଅବଲୋକନ କରେ
ତୋ ପଣତ ଧରି କାହିଁକି ଇଚ୍ଛା କରେବାଟ ଚାଲିବାକୁ,
ଜାଣିଛୁ ତୋତେ କାହିଁକି ମୁଁ ଆଜୀବନ ପୂଜୁଥାଏ ?
ଏ ମେରୁହାଡ଼ ସଳଖି ଯେବେ
ଅତିକ୍ରମ କରେ ମୁଁ ମାଇଲ୍ ମାଇଲ୍ ପଥ
ମୋର ବାରମ୍ବାର ମନେପଡ଼େ କଣ ଜାଣୁ କି ?

ଏ ହାତ, ଏ ପାଦ କିଛି ତ ନୁହେଁ ମୋର
ବରଂ ଏ ସବୁ ତୋ ହାଡ଼ ତୋ ଦେହର ଅଂଶ ବୋଲି
ସେ ସବୁ ଭିତରେ ଥାଏ ଏଡ଼େ ସାମର୍ଥ୍ୟ ।
ମା...., ତୁ ହି ମୋ ଭିତରେ ଥାଇ
ବିନା କ୍ଲାନ୍ତିରେ ଗୋଟିଏ ପରେ ଗୋଟିଏ ବାଟକୁ ଚାଲି
ଚଳାଇ ନେଉ ମୋର ଏ ଜୀବନ ପଥ ।

ଧମନୀରେ ଉଷ୍ମତା ଭରି
ଯେଉଁ ରକ୍ତ କଣିକା ବହୁଥାଏ ଏ ଦେହରେ
ହୃତପିଣ୍ଡରେ ଜୀବନୀ ଶକ୍ତି ଭରିଦେଇ ଯାହାର ରୁଧିର
ପ୍ରତିଟି କ୍ଷଣ ମୋ ଭିତରେ ସିଞ୍ଚନ କରିଚାଲେ ଜୀବନ୍ୟାସ,
ତୁ ହିଁ ମୋ ମାଆ, ଯାହା ପ୍ରାଣର ଶ୍ରଦ୍ଧାପୂର୍ଣ୍ଣ ଅନୁରାଗ
ମୋ ଭିତରେ ସ୍ୱର୍ଣ୍ଣିମ ସ୍ୱାକ୍ଷର ହୋଇ
ଖେଳି ବୁଲୁଥାଏ ଅହରହ
ଏ ଶରୀର ତୋ ବ୍ୟତୀତ ଆଉ କିଛି ବି
ନୁହଁଇ ଆନ ।
ତୁ ପରା ମୂଳଭୂତ ପିଣ୍ଡ ମା' ମୋର ।
ତୋ ହାଡ଼ ରକ୍ତ ମାଂସ ହିଁ ସାକାର କରିଅଛି ଏ ପଞ୍ଚଭୂତ
ମା, ତୋ ଇଚ୍ଛାରେ ଯେମିତି ଚାହୁଁ ସେମିତି
ଗଢୁଥାଆ ମୋତେ,
ଏ ଯାଏଁ ମୁଁ ଅଧାଗଢା ଅଛି
ମୋତେ ତୁ ସୃଜନ କର ।

+ ସୁନ୍ଦରୀ, ସୁନହଟ, ବାଲେଶ୍ୱର
(ମୋ) ୯୮୬୧୧୧୬୩୮୦

---

## ଜଗା...

**କୁମାର ଭାର୍ଜନ**



ଜଗା,ତୁ ମନ୍ଦିରର ଚାରି କାନ୍ଥରେ ନୁହେଁ
ଆଜି ବି ଲୋକଙ୍କ ଭଙ୍ଗା ଆଶାରେ ବସିଛୁ ।

କେହି ତୋତେ ଖୋଜେ ରଥର ଦଉଡ଼ିରେ
କେହି ମହାପ୍ରସାଦର ସୁଗନ୍ଧରେ,
ମୁଁ ଖୋଜେ ତୋତେ
ମୋ ନିରବ ରାତିର ଅଧାଲେଖା ପ୍ରାର୍ଥନାରେ ।

ଦୁନିଆ ବଦଳୁଛି,
ମଣିଷର ମୁହଁ ବଦଳୁଛି,
ସମ୍ପର୍କର ରଙ୍ଗ ଫିକା ପଡୁଛି,
ହେଲେ ତୋର କଳା ମୁହଁର ହସ
ଆଜି ବି ସବୁ ଦୁଃଖକୁ ହାଲୁକା କରିଦିଏ ।

ଜଗା, ମୋର କିଛି ମାଗିବା ନାହିଁ,
କେବଳ ଏତିକି ଦେ—
ଭଲ ମଣିଷଟିଏ ହୋଇ ବଞ୍ଚିବାର ସାହସ ।

ଯେତେବେଳେ ନିଜ ଲୋକ ବଦଳିଯାନ୍ତି,
ସ୍ୱପ୍ନ ସବୁ ଅଧାରେ ଭାଙ୍ଗିଯାଏ
ସେତେବେଳେ ତୋର ନାମଟା ହିଁ
ମୋର ଶେଷ ଭରସା ହୋଇ ରହିଯାଏ ।

ତୁ କେବଳ ଠାକୁର ନୁହେଁ,
ତୁ ଓଡ଼ିଆର ଶ୍ୱାସ
ଅସହାୟର ସାହସ ଏବଂ
ପ୍ରତ୍ୟେକ ଭକ୍ତର ଅକୁହା କାହାଣୀ ।

ସମୟ ଯେତେ ବଦଳୁ,
ପୃଥିବୀ ଯେତେ ଆଧୁନିକ ହେଉ,
ମଣିଷ ଯେତେ ଦୂରକୁ ଚାଲିଯାଉ
ତୋର 'ଜୟ ଜଗନ୍ନାଥ' ଡାକରେ
ଆଜି ବି ହଜାର ମନରେ ନୂଆ ସକାଳ ଜନ୍ମ ନିଏ ।

ଜଗା,ତୁ ଥିଲେ ପଥ କେବେ ହଜେନି,
ଆଉ ବିଶ୍ୱାସ କେବେ ମରେନି ।

+ ଖଟଖଟିଆ, ବୌଦ୍ଧ
(ମୋ) ୯୪୩୭୫୮୬୫୩୨

---

## ମେଘମଗ୍ନା ରାତି

**ଅନସୂୟା ପଣ୍ଡା**



ମେଘମଗ୍ନା ରାତି ଭିଜୁଥାଏ
ଅସରନ୍ତି କଳ୍ପନାର କଦମ୍ବ ବନରେ
କେତେ ରଙ୍ଗ ମିଶି ଏକାକାର ହେଉଥାଏ
ମେଘର ଉଷ୍ମତାରେ ।

ମେଘମଖା ପବନ ଭାବପ୍ରବଣ କରେ
ମନ ବତୁରେ ଦୁଇ ପତ୍ର କଅଁଳେ
ସ୍ମୃତିସବୁ ନୂପୁର ପିନ୍ଧି ନାଚନ୍ତି ବର୍ଷାର ତାଳେତାଳେ ।

ତମାମ ରାତି ମେଘର ଗଜଲ ଶୁଣେ
ତମିସ୍ରା କୋଳରେ ମୁହଁ ଗୁଞ୍ଜି ଶୋଇ
ପବନରେ ଛିଟି ଆସେ ମେଘ ବୁନ୍ଦା କିଛି
ଆଞ୍ଜୁଳାଏ ସମ୍ଭାବନା ପିଠିକୁ ସାଉଁଳେଇ ନିଏ ।

ସକାଳ ଉଠିବା ବେଳକୁ
କଳା ବାଦଲର ରାଜୁତି ସରିନଥାଏ
ମେଘର ଆଧିପତ୍ୟ ପରିବ୍ୟାପ୍ତ
ଜଳବନ୍ଦୀରେ ଚହଲୁଥାଏ ।

ମେଘ ଉର୍ବଶୀ ଗାନ୍ଧାର ରାଗ ଗାଉଥାଏ
ମେଘବର୍ଣ୍ଣ ପାଟରେ
ମେଘ ଆସିବାର ଖୁସିରେ
ଚାଷୀ ବିଭୋର ମାଟି ମାଆ ସ୍ୱପ୍ନରେ
ମେଘରେ ଭିଜେ ପ୍ରହରେ ।

+ ଭୁବନେଶ୍ୱର, (ମୋ) :-୯୪୩୯୨୧୧୯୭୧

---

## ରଣକ୍ଷେତ୍ର

**କବିତା ପଣ୍ଡା**



ଆଖି ଥାଇ ଅନ୍ଧ
ନାଁ କାନ ଥାଇ ବିଧିର
କେଡ଼େ ନିର୍ଦ୍ଦୟ ହୃଦୟ ତୁମର ।

ତୁମ ରଣନୀତି ପଶାପାଲିରେ
ନିରିହ ରକ୍ତର ଖେଳ,
କୋଳାହଳ ଶବ୍ଦରେ କମ୍ପୁଛି
ଦିଲ୍ଲୀ ଯନ୍ତର ମନ୍ତର ।

ବୁଝିଛ ସେମାନଙ୍କ ଅପମାନର
କରୁଣର ସ୍ୱର
ବିପ୍ଳବୀ ହୋଇବି ଆଦରିଛନ୍ତି
ଅହିଂସାକୁ କରି ମୂଳ ମନ୍ତର ।

କେତେ ବେଳେ ସଜାଉଛ ଅସରପା
କହି
ପୁଣି ଅନ୍ୟ ବେଳେ
ପଶୁଭଳି କରୁଛ
କଠୋର ଲାଠିର ପ୍ରହାର,
ଗୋରା ସାହେବ ଠାରୁ ବଳିଗଲ
ଚୋର ସର୍ଦ୍ଦାର
ଦିଲ୍ଲୀ ପୋଲିସ୍ ଅଫିସର ।

ପେଟର ଭୋକକୁ ପିଠିର ମାଡ଼
ଇତିହାସ ରଚିବ
ପତ୍ର ପାପୁଲିରେ
ଜୀବନ ଆଗାମୀ ଭବିଷ୍ୟତର
ସେଦିନ ମାଟି ଖସି ଯିବ
ତୁମ ପାଦ ତଳର ।

ଧିକ୍ ତୁମ ଅବିବେକ ପଣ
ନିଜ ଦେଶର ସନ୍ତାନ ସନ୍ତତି
ଆଜି ଫୁଟ୍ ପାହାଚର,
ଥରେ ଭେଟିଆସ ସାମନଓ୍ୱ ।ଙ୍ଗଚୁକ୍ଙ୍କୁ
ଡାକ୍ତର ଖାନାରେ
ଅପରାହ୍ନ ବୟସରେ ବି ବିପ୍ଳବୀର ସ୍ୱର
ଜୟ ସଂଗ୍ରାମୀ, ଜୟ ଏ ମାଟିର ବୀର ।

+ ମଙ୍ଗଳ ପୁର, ସୋର,ବାଲେଶ୍ୱର

# ସ୍ୱନକ୍ଷତ୍ର ବିଶେଷାଙ୍କ




## ଶୁଭେଚ୍ଛା

ଓଡ଼ିଶାର ସ୍ୱନାମଧନ୍ୟ ଦୈନିକ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି' ର ବାର୍ଷିକ ଉତ୍ସବ ୨୦୨୬ ପାଳନ ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା। ଧ୍ୱନି ପ୍ରତିଧ୍ୱନିର ଚଲାପଥ କୁସୁମିତ ହେଉ , ଏହା ଦୀର୍ଘଜୀବି ହୋଇ ନିରନ୍ତର ଲୋକଙ୍କ ସେବା କରୁ, ଏତିକି କାମ୍ୟ ।



### ଇଂ. ଅଶ୍ୱିନୀ କୁମାର ଦଣ୍ଡପାଟ

ଅବସରପ୍ରାପ୍ତ ମୁଖ୍ୟ ନିର୍ମାଣ ଯନ୍ତ୍ରୀ
ପୂର୍ତ୍ତ ବିଭାଗ, ଓଡିଶା।

## ଶୁଭେଚ୍ଛା



'ଧ୍ୱନି ପ୍ରତିଧ୍ୱନି'ର ୩୬ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ରାଜ୍ୟର ସମସ୍ତ ଭାଇ ଓ ଭଉଣୀଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା। ଏହି ସମ୍ବାଦପତ୍ର ସମସ୍ତଙ୍କ ପାଖରେ ପ୍ରିୟଭାଜନ ହୋଇ ସମାଜର ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟ କରୁ, ଏତିକି ହିଁ ଈଶ୍ୱରଙ୍କ ନିକଟରେ କାମନା କରୁଛି।

### ବିକ୍ରମ ପଣ୍ଡା

ଯୁବନେତା ଓ ସମାଜସେବୀ,
ବାଲେଶ୍ୱର






# ସ୍ୱନକ୍ଷତ୍ର ବିଶେଷାଙ୍କ

## ଶୁଭେଚ୍ଛା



'ଧ୍ୱନି ପ୍ରତିଧ୍ୱନି' ର ୩୬ତମ ବାର୍ଷିକ ଉତ୍ସବ ଅବସରରେ ବାଲେଶ୍ୱର ବାସୀଙ୍କର ସାମଗ୍ରୀକ ବିକାଶ ପାଇଁ 'ଧ୍ୱନି ପ୍ରତିଧ୍ୱନି' ସଦା ବିକାଶର ସାଥୀ ହେଉ, ଏତିକ ଈଶ୍ୱରଙ୍କ ପାଖେ ପ୍ରାର୍ଥନା ।

**ପ୍ରତିମା ପଣ୍ଡା**

ଶିକ୍ଷାବିତ୍, ସୁସାହିତ୍ୟିକା ତଥା ସମାଜସେବୀ, ବାଲେଶ୍ୱର















ଧ୍ୱନି ପ୍ରତିଧ୍ୱନି

୨୬ ଜୁଲାଇ ୨୦୨୬,
ବାଲେଶ୍ୱର
ରବିବାର ୦୭

# ସ୍ୱନକ୍ଷତ୍ର ବିଶେଷାଙ୍କ



(ଓଡିଆ ବୀରଙ୍କ ଗୌରବ ଗାଥା)

## ବକ୍ସି ଜଗବନ୍ଧୁ

### ଦିଲ୍ଲୀପ କୁମାର ସାହୁ



ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାଏ। ଖୋରଧା ଗଡର ରାଜା ମୁକୁନ୍ଦଦେବଙ୍କର ସେ ଥିଲେ ପ୍ରଧାନ ସେନାପତି । ତାଙ୍କ ପୂର୍ବପୁରୁଷମାନଙ୍କର ବକ୍ସି ଉପାଧି ଥିଲା। ସେ ମଧ ବକ୍ସି ଉପାଧି ଧାରଣ କରିଥିଲେ। ତେଣୁ ସମସ୍ତେ ତାଙ୍କୁ ବକ୍ସି ଜଗବନ୍ଧୁ ଭାବରେ ଜାଣିଥିଲେ।ବକ୍ସି ଜଗବନ୍ଧୁଙ୍କ ଜନ୍ମ ୧୭୭୩ ମସିହାରେ। ଖଣ୍ଡାୟତ କୂଳରେ ଜନ୍ମ ଗ୍ରହଣ କରିଥିବାରୁ ସେଥିଲେ ଆଜନ୍ମ ଯୋଦ୍ଧା ।

ଜଗବନ୍ଧୁଙ୍କ ଯୁଦ୍ଧ ପରିଚାଳନା ବ୍ରିଟିଶ ସେନାଙ୍କୁ ଥରହର କରିଦେଉଥିଲା। ତାଙ୍କ ନାଁ ଶୁଣିଲେ ବ୍ରିଟିଶ ଶିବିରରେ କୋକୁଆ ଭୟ ସୃଷ୍ଟି ହୋଇଯାଉଥିଲା। ଇଂରେଜମାନେ ମରହଟ୍ଟାମାନଙ୍କୁ ପରାସ୍ତ କରି ୧୮୦୩ ମସିହା ଅକ୍ଟୋବର ୪ ତାରିଖରେ କଟକର ବାରବାଟୀ ଦୁର୍ଗକୁ ଅଧିକାର କରିନେଲେ। ଫଳରେ ଓଡିଶା ବ୍ରିଟିଶ ଶାସନାଧୀନ ହୋଇଗଲା କହିଲେ ଭୁଲ୍ ହେବନାହିଁ।

ସେତେବେଳେ କେବଳ ଖୋରଧା ହିଁଥାଏ ଏକମାତ୍ର ସ୍ୱାଧୀନ ରାଜ୍ୟ । ସେଥିପାଇଁ ଖୋରଧା ଗଡକୁ କୁହାଯାଏ ଭାରତ ବର୍ଷର ଶେଷ ସ୍ୱାଧୀନ ଦୁର୍ଗ। ସାରାଦେଶକୁ ଇଂରେଜମାନେ ଅଧିକାର କରିଥିବାବେଳେ ଖୋରରଧା ବା ତାଙ୍କ କବଳରୁ ବାହାରେ ରୁହନ୍ତାବା କିପରି। ଖୋରଧାକୁ ସେମାନଙ୍କ ଅଧିନକୁ ଆଣିବା ନିମନ୍ତେ ବ୍ରିଟିଶରମାନେ ଉଦ୍ୟମ ଆରମ୍ଭ କରିଦେଲେ। କିନ୍ତୁ ଦୁର୍ଦ୍ଧର୍ଷ ଓଡ଼ିଆ ପାଇକମାନଙ୍କ ରଣ କୌଶଳ ନିକଟରେ ସେମାନେ ପରାହତ ହେଲେ। ଘନବଣ ଜଙ୍ଗଲ ଭିତରେ ପାଇକମାନେ ଲୁଚିଛପି ଲଢେଇ କରୁଥିଲେ। ଜଙ୍ଗଲି ବାଟଘାଟ ଜାଣିନଥିବା ବ୍ରିଟିଶ ସୈନିକ, ପାଇକମାନଙ୍କ ରଣନୀତିକୁ ବୁଝି ପାରୁନଥିଲେ। ତେଣୁ ବିଜୟର ପଥ ତାଙ୍କ ପାଇଁ ଅନୁକୂଳ ହେଉନଥିଲା। ସେଥିପାଇଁ ସେମାନେ କୂଟନୀତି ପ୍ରୟୋଗ କଲେ।କିଛି କୁଚକ୍ରୀ ସ୍ଥାନୀୟ ଲୋକଙ୍କୁ କରାୟତ କରି ତାଙ୍କ ସହାୟତାରେ ପାଇକମାନଙ୍କ ଗତିବିଧି, ଗୁପ୍ତ ଶିବିର, ଅସ୍ତ୍ରଶସ୍ତ୍ର ଗୋଦାମ ଆଦି ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାକୁ ଲାଗିଲେ । ଫଳରେ ଦେଶର ସର୍ବଶେଷ ସ୍ୱାଧୀନ ଦୁର୍ଗ ତାର ସ୍ୱାଧୀନତା ହରାଇ ବସିଲା। ରାଜା ମୁକୁନ୍ଦଦେବ ବନ୍ଦୀହେଲେ, ଜଇ ରାଜଗୁରୁଙ୍କୁ ଫାଶିରେ ଝୁଲେଇ ଦିଆଗଲା। ଆରମ୍ଭ ହୋଇଗଲା ଇଂରେଜମାନଙ୍କର ପାଇକ ପରିବାର ଉପରେ ଅକଥନୀୟ ଅତ୍ୟାଚାର।

ପ୍ରଥମେ ପାଇକମାନଙ୍କ ନିଷ୍କର ଜମି ଉପରେ କର ବସାଗଲା । ଯେହେତୁ ଖୋରଧା ରାଜାଙ୍କର ସେନାଧକ୍ଷ ଥିଲେ ବକ୍ସି ଜଗବନ୍ଧୁ, ତାଙ୍କ ଜମିଦାରୀ ଛଡାଇ ନିଆଗଲା।

ପାଇକମାନଙ୍କ ପରି ବକ୍ସି ମଧ୍ୟ ସର୍ବଶାନ୍ତ ହୋଇଗଲେ।

ପାଇକମାନଙ୍କ ମନରେ ବିଦ୍ରୋହର ନିଆଁ ଜଳିଉଠିଲା।

୧୮୧୭ ମସିହାବେଳକୁ ଏହି ଅସନ୍ତୋଷ ଚରମ ସୀମାରେ ପହଞ୍ଚିଗଲା। ସେତେବେଳେ ନୟାଗଡର ପାଞ୍ଚଶହରୁ ଅଧିକ କନ୍ଧ ପ୍ରଥମେ ବିଦ୍ରୋହ ଆରମ୍ଭକଲେ। ତାଙ୍କ ସହିତ ଖୋରଧା ପାଇକମାନେ ମଧ୍ୟ ମିଶିଗଲେ। ଏହି ବିଦ୍ରୋହର ନେତୃତ୍ୱନେଲେ ବକ୍ସି ଜଗବନ୍ଧୁ। ବିଦ୍ରୋହୀମାନେ ସରକାରୀ କାର୍ଯ୍ୟାଳୟଗୁଡିକୁ ଭାଙ୍ଗି ପକାଇଲେ, ଖଜାଣାଖାନା ଲୁଟିନେଲେ । ଅଳ୍ପ ସଂଖ୍ୟକ ଫିରିଙ୍ଗି ସେନା ପାଇକମାନଙ୍କୁ ରୋକିପାରିଲେନି। ବିଦ୍ରୋହ ଉଗ୍ର ରୂପନେଲା। ଅବସ୍ଥା ଅସମ୍ଭାଳ ହୋଇପଡିବାରୁ ଅନ୍ୟ ଅଞ୍ଚଳରୁ ଗୋରା ସୈନିକ ଆସି ପହଞ୍ଚିଗଲେ। ଅର୍ଥ ଲୋଭରେ କିଛି ସ୍ଥାନୀୟଲୋକେ ବ୍ରିଟିଶ ସୈନିକଙ୍କୁ ସାହାଯ୍ୟ କଲେ । ଫଳରେ ୧୮୧୭ ଅକ୍ଟୋବର ମାସ ବେଳକୁ ବିଦ୍ରୋହ ସମ୍ପୂର୍ଣ୍ଣରୂପେ ଦମନ ହୋଇଗଲା ।

ପାଇକ ବିଦ୍ରୋହ ଥିଲା ଇଂରେଜମାନଙ୍କ ବିରୁଦ୍ଧରେ ଭାରତୀୟମାନଙ୍କର ପ୍ରଥମ ବିଦ୍ରୋହ। ବିଦ୍ରୋହ ଦମନ ସହିତ ଅନେକ ପାଇକ ଓ ଦଳପତିମାନଙ୍କୁ କରା ବରଣ କରିବାକୁ ପଡିଲା। କିନ୍ତୁ ନାନା ଉପାୟ କରି ମଧ ବ୍ରିଟିଶ

ସୈନିକମାନେ ବକ୍ସି ଜଗବନ୍ଧୁ ଓ ତାଙ୍କର ମୁଖ୍ୟ ସହଯୋଗୀ ମାନଙ୍କୁ ଧରି ପାରିଲେ ନାହିଁ। ତାଙ୍କୁ ଧରାଇଦେବା ପାଇଁ ବ୍ରିଟିଶ ସରକାରଙ୍କ ପକ୍ଷରୁ ପୁରସ୍କାର ମଧ୍ୟ ଘୋଷଣା କରାଗଲା । ତଥାପି ବକ୍ସିଙ୍କୁ ଧରିବା ସମ୍ଭବ ହେଲାନାହିଁ।

ବିଦ୍ରୋହ ଦମନ ହେବାର ପ୍ରାୟ ସାତ ଆଠବର୍ଷ ପର୍ଯ୍ୟନ୍ତ ସେ ଧରାପଡିଲେ ନାହିଁ। ବକ୍ସି ଜଗବନ୍ଧୁ ଧରାନପଡିବା ପର୍ଯ୍ୟନ୍ତ ବ୍ରିଟିଶ ଶିବିରରେ ଭୟ ଓ ଅଶାନ୍ତି ଲାଗି ରହିଲା। ବ୍ରିଟିଶ ସୈନୀକମାନଙ୍କୁ ପ୍ରତି ମୁହୂର୍ତ୍ତରେ ସତର୍କ ରହିବାକୁ ପଡୁଥିଲା । କାରଣ ସେମାନଙ୍କର ଆଶଙ୍କା ଥିଲା କୌଣସି ମୁହୂର୍ତ୍ତରେ ବକ୍ସି,ତାଙ୍କର ସହଯୋଗୀ ମାନଙ୍କୁ ଧରି ଇଂରେଜ ଶିବିର ଉପରେ ଆକ୍ରମଣ କରିପାରନ୍ତି। ତେଣୁ ଇଂରେଜମାନେ ଏକ ସର୍ତ୍ତ ରଖିଲେ ଯେ ଯଦି ବକ୍ସି ଜଗବନ୍ଧୁ ଆତ୍ମସମର୍ପଣ କରିବେ ତେବେ ତାଙ୍କୁ ଆଉ ବନ୍ଦୀ କରାଯିବ ନାହିଁ କି କାରାଗାରରେ ରଖାଯିବନାହିଁ। ଏଥିରେ ମଧସ୍ଥତା କରିଥିଲେ ନୟାଗଡର ରାଜା । ଫଳରେ ବକ୍ସି ଜଗବନ୍ଧୁଙ୍କ ସହ ତାଙ୍କ ସହଯୋଗୀମାନେ ୧୮୨୫ ମସିହା ମେ ୨ ତାରିଖ ଦିନ କଟକଠାରେ ଆତ୍ମସମର୍ପଣ କରିଥିଲେ। ଜଗବନ୍ଧୁ ତାଙ୍କ ଶେଷ ନିଶ୍ୱାସ ଛାଡିବାଯାଏ କଟକଠାରେ ଅବସ୍ଥାନ କରିଥିଲେ। ଯେଉଁଠାରେ ସେ ରହୁଥିଲେ ତାହା ଆଜି ବକ୍ସିବଜାର ଭାବରେ ଖ୍ୟାତ। ସେହି ବଜାର ଆଜି ମନେ ପକେଇଦିଏ ବକ୍ସି ଜଗବନ୍ଧୁଙ୍କର ସେହି ବୀରତ୍ୱର ଗାଥା ।

ଚୌଦ୍ୱାର, କଟକ

---

## ଶ୍ରାବଣ

### ପୂର୍ଣ୍ଣଚନ୍ଦ୍ର ମହାରଣା



ଶ୍ରାବଣ ଆସଇ ଦେହେ
କଳା ଶାଢ଼ୀ ପିନ୍ଧି
ପବନ ଉଡାଉ ଥାଏ କାନି,
ଛମ୍ ଛମ୍ ଛମ୍
ବରଷା ନାଚଇ ପାଦେ
ବାନ୍ଧିଣ ଘୁଙ୍ଗୁର
ରିମ୍ ଝିମ୍ ରିମ୍ ଝିମ୍ ପାଣି !!

ଫେରନ୍ତା ପକ୍ଷୀକୁଳ
ସରସର
ଓଦା ଓଦା ପର,
କାଠିକୁଟା ବସାରେ କେ
ଖୋଜେ
ଜାକିଜୁକି ଉଷୁମ ଚାଦର !!

ଖୋଲା ଥାଏ ବାରିପଟ ଝର୍କା
ଆକାଶ କୁ ଥାଏ ମୁଁ ଅନାଇ
ଭାସିଭାସି ଯାଉଥାଏ ମେଘ
ବଉଦ ର ହାତ ଧରି ନେଇ !!

ଦୂର ଠୁ ଆହୁରି ଦୂର
ପାହାଡ଼ ସେପଟେ
କିଏ ଜଣେ କାହାରିକୁ
ହାତଠାରି ଡାକେ
ଦେଖି ମୁଁ ପାରେନା କିବା
ଶୁଣି ମୁଁ ପାରନା
ଲାଗୁଥାଏ ଡାକେ ଅବାମତେ !!

କେମିତିକା ରୂପତାର
କାହାଘର ଝିଅ
କେମିତିକା ଦିଶୁଥିବ
ତା'ର ଓଦା ମୁହଁ !!

ସିଏ କ'ଣ ମୋ ପରି
ବସିଥିବ ଝର୍କା ଖୋଲି
ଦେଖୁଥିବ ପହିଲି ଶ୍ରାବଣ
ଆଖିତାର ଖୋଜୁଥିବ
ବରଷା ରେ ଜୁଡୁବୁଡୁ
ଭିଜା ଫୁଲବଣ !!

କାହିଁକି କେଜାଣି କିଛି
ନଦେଖି ନ ଜାଣି
ଭାବୁଛି ମୁଁ ଏତେ କାହାକଥା,
ଏ ଶ୍ରାବଣ ସବୁର ଭିଆଣ
ଘରେ ଥାଇ ମତେ ଓଦା କରେ !!

କାଗଜ ଡଙ୍ଗାରେ ବସି
କିଏ କ'ଣ ଭରା ନଈ
ପାରି ହେଲାଣି ନା କୋଉ
ପାରି ହେଇ ପାରେ !

ବାଲକାଟୀ, ଖୋର୍ଦ୍ଧା

---

## ଜିନ୍ଦାବାଦ୍

### ପ୍ରୀତିଲେଖା ଦାସ



ତୁମକୁ ଜିନ୍ଦାବାଦ୍,
ତୁମ ଚତୁରପଣିଆକୁ ମୁର୍ଦ୍ଦାବାଦ୍।

ନିଆଁ ଲାଗୁ
ତୁମ ପାରିବାପଣିଆରେ,
ଜଳିପୋଡି ପାଉଁଶ ହୋଇଯାଉ
ଭାଗୁଆଳିପଣରେ ଅର୍ଜିଥିବା
ବାହା..ବାଃ
ଜହ୍ନ, ତାରା
ମେଘ, ମୟୂର।

ଅଙ୍ଗାର ପାଲଟୁ
ଓଠରେ ତୁମର
ନିର୍ଲଜତାର ତାରକସି ହସ,

ଜିତାପଟର ତୁମର ସେ
ମହିମା ମଣ୍ଡିତ ଛାତି
ଆଉ ତା' ଭିତରର
ଫୁଲଗଛ, ଆମ୍ବତୋଟା, ବେଣ୍ଟ
ପୋଖରୀ।

ଝଞ୍ଜାର ପଞ୍ଝାମାଡରେ
ଭାଙ୍ଗି ଚୁରମାର୍ ହେଇଯାଉ
ତୁମ ମଞ୍ଚ,
ତରଳି ବହିଯାଉ
ଧୂପ, ଦୀପ
ହରିବୋଲ, ହୁଳହୁଳି
ହାତତାଳି, ଫୁଲମାଳ।

ନିଜ ପାଦରେ
ଛନ୍ଦି ହୋଇଯାଅ ନିଜେ,
ଅଣ୍ଟିରୁ ଖସିପଡୁ
ତୁମ ଉଡାଣଖୋର ଆଖି
ତୁମ 'ଆଁ' ର ପୃଥିବୀ
ବୁଣି ହେଇଯାଉ ମାୟାବେଶ
ମୁକୁଳି ଆସୁ ସେଥିରୁ
ପକ୍ଷୀଙ୍କର କଳରବ
ଆଉ, ଅସଂଖ୍ୟ ନଈଧାର।

ଭୋଇସାହି, ବାଲେଶ୍ୱର
(ମୋ) ୯୮୫୩୩୪୪୬୮୮

---

## ବର୍ଷା ଗୋଟେ ବଗୁଲିଆ ପିଲା

### ଗୋଲୋକବିହାରୀ ବେହେରା



କୁଆଡେ କିଛି ନାହିଁ ନିର୍ମଳ ଆକାଶ
କଳାମେଘ ଚାରିଆଡ଼େ ଘୋଟିଆସେ
ଟପ୍ ଟପ୍ ହୀରା ଟୋପା ପଡିବ ସହସା
ମନ ହୁଏ ଆନମନା ଅସହ୍ୟ ବରଷା ।

ମିଳନର ପର୍ବ ହେବ ମଧୁର ଆହୁରି
ସରସତା ଭରେ ଦୁଃଖ ପ୍ରଶମିତ କରି
ପ୍ରିୟା ମୋର ଅଟକିବ ବରଷାକୁ ଡରି
ସପନ ସାର୍ଥକ ହେବ ଧରିଥିବି ଭିଡ଼ି ।

ଭିଜିବାକୁ ଭଲପାଏ ବରଷାରେ ପ୍ରିୟା
ସେ ଭିଜିଲେ ମୁଁ ଭିଜିବି ଭାବ ଦିଆନିଆ,
ଭିଜା ଭିଜା ବରଷାରେ ଓଦା ଓଦା ମନ
ମିଠା ମିଠା ମହକରେ ବିମୋହିତ ପ୍ରାଣ ।

ମାସ ମାସ ବିରତିର ପରେ
ବର୍ଷା ଆଣେ ମିଳନର ପର୍ବ
ଅନ୍ତହୁଏ ବିରହର ବେଦନାର,
ପାଇଅଛି ମିଳନର ସଂଜୀବନୀ
ବର୍ଷା ମାଦକତା ଭରେ ଏ ମନର।

ବର୍ଷା ଗୋଟେ ବଗୁଲିଆ ପିଲା
ଦେହେ ମନେ ଉଲ୍ଲସାଏ ମୂର୍ଚ୍ଛନା ମଧୁର
ବେଳେ ବେଳେ ଦିଏ ବିରହ ବେଦନା
ବେଳେ ବେଳେ ପିଆଏ ପିଆଲା ପ୍ରେମର ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ
ଷଡ଼ଙ୍ଗ, ଢେଙ୍କାନାଳ
ମୋ: ୯୪୯୩୮୩୦୩୦୪

---

## ଅଦିନିଆ ବର୍ଷା

### ପୁଷ୍ପାଞ୍ଜଳି ପଣ୍ଡା



ଧୂ ଧୂ ଖରାରେ
ପୋଡ଼ି ଯାଉଥିବା ପିଠି ରୁ
ଧାର ଧାର ହୋଇ ବୋହି ପଡୁଛି
ଲଘୁଚାପ ବର୍ଷା ।
ହଠାତ୍ ଚାରିଆଡୁ
ମେଘ ତୋଫାନର ଝଲକ
ଘଡ୍ ଘଡ୍ ହେଇ ଘଡଘଡି
ଚିକ୍ ଚିକ୍ ହେଇ ବିଜୁଳି
ମେଘାଛନ୍ନ ଆକାଶଟା ସାରା ।
ପିଠିରୁ ଏବେବି ପାଣି ଝରୁଛି,
ନୁଆ ଛପର ହେଇଥିବା
ଚାଳରୁ ସତେକି.!!

ଖଳା ବାଡ଼ିରେ ଶୁଖୁଥିବା
ମୁଗ ଫୁଲାଏ ଓଦା ହେଇଗଲା
ଦାଣ୍ଡ ପିଣ୍ଡାରେ ବସ୍ତାରେ ରଖିଥିବା
ମେଙ୍କି ଛେଳିର ଶୁଖିଲା

ବାଦାମଗଛ ଫୁଲାଏ ବି।
ଅଗଣା ଚୁଲିରେ ଚୁଲିଏ ପାଣି
କାହିଁକି ଏମିତି
ଅଦିନିଆ ବର୍ଷା ଉତ୍ପାତ କେଜାଣି..!!
କାଲି ଦକ୍ଷିଣ ପଟ ଆକାଶ
ଢେର୍ ଲାଲ୍ ଦିଶୁଥିଲା
କହି ଦଉଥିଲା ଆଜିର ଭବିଷ୍ୟତ ।
ଅଥଚ, ପାଶୋରି ଦେଲା ବୋଲି
ଏ ହଟହଟା
ସବୁ କେମିତି ଠିକ୍ ହବ ପାଗ ହେଲେ
ପିଠି ପୁଣି ଖରା ପୋଇଁବା ।
ଅଳପ ଅଳପ ହସି କହିବ
ଓହୋଃ କି ଖରା!!

ଅଦିନିଆ ବର୍ଷା ହେଉ ପଛେ
ଟୋପାଏ ହଉ
ଦେହ ମନ ସବୁ ଭିଜେଇ ଦଉ ।।

+ କେନ୍ଦ୍ରାପଡ଼ା
(ମୋ) ୯୮୬୧୪୫୭୫୬୩

---

## ଇଚ୍ଛାର ଈଶ୍ୱରୀ

### ବସନ୍ତ କୁମାର ପ୍ରଧାନ



ନାରୀ ତୁମେ ଅଟ ଇଚ୍ଛାର ଈଶ୍ୱରୀ
ଇଚ୍ଛାମତୀ ନଈଟିଏ
ତୁମ ଇଚ୍ଛା ସଦା ହୋଇଥାଏ ପୂର୍ଣ୍ଣ
ତୁମ ପରି ହେବ କିଏ ?

ସୁନାର ସଂସାର ଗଢ଼ିପାର ତୁମେ
କରିପାର ଛାରଖାର
ତୁମ ଚାହିଁବାରେ ପୁରୁଷର ଭାଗ୍ୟ
କରି ଯେ ଥାଏ ନିର୍ଭର କ୍ଷ
ତୁମରି ପାଖରେ ରହିଛି ଅମୃତ
ଗରଳ ବି ରହିଥାଏ ।

ଯେତେ ରୋଜଗାର ଘରକୁ ଆସିଲେ
ହୁଏନା କେବେ ସୁନ୍ଦର
ଲକ୍ଷ୍ମୀ ବଦଳରେ ଅଲକ୍ଷ୍ମୀ ହୋଇଲେ
ବଢ଼ିଯାଏ ଦୁଃଖଭାର
ତୁମ ସମ୍ମାନରେ ଆଞ୍ଚ ଆସିଲେ
ଝଡ଼ ଝଞ୍ଜା ବହିଯାଏ ।

ତୁମେ ହିଁ ବିଚିତ୍ରବର୍ଣ୍ଣା ଏ ସୃଷ୍ଟି ରେ
ତୁମ ମାୟା ଅଗୋଚର
କେତେବେଳେ କେଉଁ ରୂପ ଧରିଥାଅ
ତୁମକୁ ସିନା ଗୋଚର

ସରଗ ନରକ ତୁମରି ହାତରେ
(ତୁମେ ) ସରଳରେଖାଟିଏ ।

+ ହରିହରପୁର, ଛେଣ୍ଡିପଦା,
ଅନୁଗୋଳ
ମୋ -୭୭୩୫୬୧୧୪୮୪

---

## ଚାଷୀ ଭାଇ ଓ ଭଉଣୀ ମାନଙ୍କ ନିମନ୍ତେ କୃଷି ପରାମର୍ଶ

୧. ସିଏମ କିଷାନ ଯୋଜନା ରାଜ୍ୟସରକାରଙ୍କର ଏକ ଯୁଗାନ୍ତକାରୀ ଯୋଜନା ଏହି ଯୋଜନାରେ ସାମିଲ ହେବା ପାଇଁ ବାଦ ରହିଯାଇଥିବା କ୍ଷୁଦ୍ର ନାମମାତ୍ର ଏବଂ ଭୂମିହୀନ ଚାଷୀ ଭାଇ ଓ ଭଉଣୀମାନେ ସିଏମ କିଶାନ ପୋଟାଲରେ ଆବେଦନ କରି ପାରିବେ ।

୨. ସିଏମ କିଷାନ ଯୋଜନାରେ ଯୋଗ୍ୟ ବିବେଚିତ ହେବା ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ କିମ୍ବା ଜନସେବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ।

୩. ପିଏମ କିଷାନ ଯୋଜନାରେ ଯୋଗ୍ୟ ବିବେଚିତ ହେବା ପାଇ ନିକଟସ୍ଥ କୃଷି କାର୍ଯ୍ୟାଳୟ କିମ୍ବା ଜନେସବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ।

୪. ଉତ୍ତମ ଫସଲ ଓ ଜମିର ସୁରକ୍ଷା ତଥା ମାଟିର ସ୍ୱାସ୍ଥ୍ୟ ବିଷୟରେ ଜାଣିବା ପାଇଁ ମାଟି ପରୀକ୍ଷା କରାଇ ଫଳାଫଳ ମୁତାବକ ଜମିରେ ଅନୁମୋଦିତ ସାର ପ୍ରେୟାଗ କରନ୍ତୁ ।

୫. ଫସଲ ଚାଷ ପୂର୍ବରୁ ବିହନକୁ କାର୍ବେଣ୍ଡାଜିମ, ଥିରାମରେ ବିଶୋଧନ କରି ଚାଷ କାର୍ଯ୍ୟରେ ଲଗାନ୍ତୁ ।

୬. ଅଧିକ ଅମଳ ପାଇବା ପାଇଁ ଅଧିକ ଅମଳକ୍ଷମ ବିହନ ଓ ଶଙ୍କର ଜାତୀୟ ବିହନ ପଞ୍ଜୀକୃତ ବିହନ ବିକ୍ରୟ କେନ୍ଦ୍ର କିମ୍ବା ପ୍ରାଥମିକ କୃଷିସେବା ସମବାୟ ସମିତିରୁ କ୍ରୟ କରନ୍ତୁ ଓ ଗଜା ପରୀକ୍ଷା କରି ଚାଷ କାର୍ଯ୍ୟରେ ବ୍ୟବହାର କରନ୍ତୁ ।

୭. ପ୍ରାକୃତିକ ଦୁର୍ବିପାକ ଦାଉରୁ ଫସଲ କ୍ଷୟକ୍ଷତିର ଭରଣା ପାଇଁ 'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା'ରେ ପଞ୍ଜୀକୃତ କରାନ୍ତୁ। ଏଥିପାଇଁ ନିକଟସ୍ଥ ସେବା ସମବାୟ ସମିତି / ବିଭିନ୍ନ ଜାତୀୟକରଣ ବ୍ୟାଙ୍କ / ବୀମା କମ୍ପାନୀ ଏଜେଣ୍ଟ / ଗ୍ରାମ୍ୟ କୃଷି କର୍ମଚାରୀ /ବ୍ଲକ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ । ( ଋଣୀ ଏବଂ ଅଣଋଣୀ ଚାଷୀଙ୍କ ନିମନ୍ତେ )

୮. 'ଶ୍ରୀ ଅନ୍ନ ଅଭିଯାନ' ଯୋଜନାରେ ମାଣ୍ଡିଆ ଏବଂ ଅନ୍ୟାନ୍ୟ ପୁଷ୍ଟିଶସ୍ୟ ଫସଲର ଉତ୍ପାଦନ ନିମନ୍ତେ ସରକାରଙ୍କ ତରଫରୁ ବିଭିନ୍ନ ସହାୟତା ପ୍ରଦାନ କରାଯାଉଅଛି ।

୯. କୃଷି ଉଦ୍ୟୋଗ ପ୍ରତିଷ୍ଠା କରି ପାରମ୍ପରିକ କୃଷିକୁ ବ୍ୟବସାୟିକ କୃଷିରେ ପରିଣତ କରି କୃଷକର ଆୟ ବହୁଗୁଣିତ କରିବା ପାଇଁ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' (**MKUY**) ରେ ଅନ୍ତର୍ଭୁକ୍ତ ହେବ ପାଇଁ ଆପିକଲର ବସାଇଟ **www.apicol.nic.in** ମାଧମରେ ପଞ୍ଜୀକରଣ କରନ୍ତୁ। ଏହି ଯୋଜନାରେ ସାଧାରଣ ବର୍ଗର ପୁରୁଷ ଉଦ୍ୟୋଗୀମାନଙ୍କ ପାଇଁ ୪୦% ଓ ଅନୁସୂଚିତ ଜାତି/ ଜନଜାତି / ମହିଳା ଉଦ୍ୟୋଗୀ/ ଭିନ୍ନକ୍ଷମ ବ୍ୟକ୍ତି ତଥା କୃଷି ଓ ଆନୁଷଙ୍ଗିକ ବିଷୟରେ ସ୍ନାତକମାନଙ୍କ ପାଇଁ ୫୦% ତଥା ସର୍ବୋଚ୍ଚ ୧କୋଟି ଟଙ୍କା ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ରହିଛି । ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ଗ୍ରାମ୍ୟ କୃଷି କର୍ମଚାରୀ / ବ୍ଲକ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।

୧୦. 'ବଳରାମ' ଯୋଜନାରେ ଭାଗଚାଷୀମାନେ ମିଳିତ ଦେୟ ଗୋଷ୍ଠୀ (**JLG**) ଗଠନ କରି **NABARD** ମାଧ୍ୟମରେ ଫସଲ ଋଣ ପାଇବା ପାଇଁ ନିଜ ଅଞ୍ଚଳର କୃଷକ ସାଥିଙ୍କ ସହିତ ଯୋଗାଯୋଗ କରନ୍ତୁ ।

୧୧. ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ କୃଷି ଯନ୍ତ୍ରପାତି ରିହାତି ମୂଲ୍ୟରେ ଯୋଗାଇ ଦିଆଯାଉଅଛି। **ATMA** ଯୋଜନାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ କରିବା ପାଇଁ **revolving fund** ରୁ ଆର୍ଥିକ ସହାୟତା ପ୍ରଦାନର ବ୍ୟବସ୍ଥା ରହିଛି । ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ବ୍ଲକ କୃଷି ଅଧିକାରୀ ଙ୍କ ସହିତ ଯୋଗାଯୋଗ କରନ୍ତୁ ।

୧୨. ସମନ୍ ତ କୃଷି ପ୍ରଣାଳୀ (**IFS**) ଯୋଜନାରେ କୃଷି ଓ ଆନୁଷଙ୍ଗିକ ବିଭାଗର ବିଭିନ୍ନ ପ୍ରକଳ୍ପ ପ୍ରସ୍ତୁତ କରି ଏହା ବାବଦରେ ସରକାରୀ ରିହାତି ପାଇବା ନିମନ୍ତେ ନିକଟସ୍ଥ ବ୍ଲକ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।

୧୩. କୃଷି ଓ ଆନୁଷଙ୍ଗିକ ବିଭାଗର ବିଭିନ୍ନ ସରକାରୀ ସୁବିଧା ପାଇବା ନିମନ୍ତେ ଚାଷୀ ମାନେ ନିକଟସ୍ଥ ଜନ ସେବା କେନ୍ଦ୍ରଠାରେ 'କୃଷକ ଓଡିଶା' ଓ 'ଗୋ- ସୁଗମ' ପୋର୍ଟାଲରେ ନାମ ପଞ୍ଜୀକରଣ କରାଇନିଅନ୍ତୁ।

୧୪. କୃଷି ସମ୍ବନ୍ଧୀୟ ସମସ୍ତ ପରାମର୍ଶ ପାଇଁ ' ଆମ କୃଷି' ର ଟୋଲ ଫ୍ରି ନମ୍ବର ୧୫୫୩୩୩ ରେ ଯୋଗାଯୋଗ କରନ୍ତୁ ।

ସ୍ /-
ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ
ବାଲେଶ୍ୱର

## ସେଲ୍‌ଫି

**ପ୍ରିୟନାଥ ପାଣି**



ମନ ହୁଏ
ନିଜକୁ ଦେଖେଇ ହୁଅନ୍ତି
ନିଜ ପାଖରେ
ବରଂ ଧରାପଡନ୍ତି
ହଲେ ଆଖି ପାଖରେ
ଝୁଲିପଡନ୍ତି ସାଇତା ଭାବର
ନକ୍ସା ଦେହରେ ।

ଭାଗ ବଣ୍ଟୁରା ରାଗରୋଷ
ଛିଟ ପଡିଯାଆନ୍ତା ସ୍ମୃତି ପୃଷ୍ଠାରେ
କେତେ ଥର ପଚାରେ ନିଜକୁ
ମୁଁ ଆଉ ମୋ ଚିତ୍ର
କେତେ ସମାନ୍ତରାଳ ସତେ !

କିଏ ଦେଖୁଛି ତଫାତ୍
ପରକୁ ଏକା ଭଳି
ହେଲେ ନିଜକୁ
ନା, ମୁଁ ମୋଠୁ ନିଆରା
ଠିକ କାଲି ନ ଥିବା ଅହଂ ଭଳି
ଆଜି ଫେରିଥିବା ପଶ୍ଚାତାପ ଭଳି
ଆଗକୁ ଆସୁଥିବା
ପ୍ରଚଣ୍ଡ ଆଘାତ ଭଳି ।

ବେଳେ ବେଳେ ନିଜ ସହ
ସାମ୍ନା ସାମ୍ନି ହେବାକୁ ବି ଡର
କାଳେ ନିଜର କଳଙ୍କିତ ଇତିହାସ
କବର ତଳୁ ଉଠିବ
କାଳେ ନଖରେ ଅତୀତକୁ ଚିରି
ପକେଇଲେ
ଝରିପଡିବ ଶୋକ

ବର୍ତ୍ତମାନରେ ଅକସ୍ମାତ୍ ଯୁଦ୍ଧ ପାଇଁ
ପୁଣି ଗୋଟେ ପ୍ରସ୍ତୁତି ଚାଲିବ
ଏଇ 'ମୁଁ' ଆଉ 'ମୋର' କୁ ନେଇ ।

ହଁ, ବହୁଥର ସେଲ୍ ଫି ନେଇ
ଲମ୍ୱା ତାଲିକାଟେ ବନେଇଛି
ହାନି ଲାଭର
ସବୁ ଥର ପରି ଏଥର ବି
ସେଇ ସେଲ୍ ଫି ପାଖରେ ମନ
କେବଳ ଯା'
ନିଜକୁ ଭୁଆଁ ବୁଲେଇବା
ଅଭ୍ୟାସରେ ।

+ କଦଳିଆ, ବୈଶିଙ୍ଗା,ମୟୂରଭଞ୍ଜ
ମୋ- ୯୯୩୭୧୨୫୧୫୧

# କର୍ମଫଳ ଓ କାର୍ଯ୍ୟରେ କର୍ତ୍ତାପଣ ତ୍ୟାଗର ଆବଶ୍ୟକତା



**ଇଂ. ବିଜୟ ଚନ୍ଦ୍ର ମିଶ୍ର**

ସଂସାରର ସମସ୍ତ ପ୍ରାଣୀଙ୍କୁ ବଞ୍ଚିବା ପାଇଁ ନିଜର ଦୈନନ୍ଦିନ କାର୍ଯ୍ୟ କରିବାକୁ ପଡ଼ିଥାଏ; ଯଥା— ନିତ୍ୟକର୍ମ, ଖାଦ୍ୟ ଅନ୍ୱେଷଣ, ବାସସ୍ଥାନ ଚୟନ କିମ୍ୱା ନିର୍ମାଣ ଇତ୍ୟାଦି । ମନୁଷ୍ୟ, ପଶୁ, ପକ୍ଷୀ, କୀଟ, ପତଙ୍ଗ ସମସ୍ତେ ବଞ୍ଚି ରହିବା ପାଇଁ ନିଜ ନିଜର କର୍ତ୍ତବ୍ୟ ପାଳନ କରିଥାନ୍ତି । ଏହି ସମସ୍ତ ପ୍ରାଣୀଙ୍କ ମଧ୍ୟରେ ମନୁଷ୍ୟ ଉଚ୍ଚକୋଟୀର ପ୍ରାଣୀ ହୋଇଥିବାରୁ ସେ କେବଳ ନିଜର ଭରଣପୋଷଣ ପାଇଁ କାର୍ଯ୍ୟ କରେନାହିଁ, ବରଂ ନିଜ ପରିବାରବର୍ଗଙ୍କ ଭରଣପୋଷଣର ଦାୟିତ୍ୱ ମଧ୍ୟ ବହନ କରିଥାଏ । ଅନେକ ବ୍ୟକ୍ତିବିଶେଷ ନିଜର ବୃତ୍ତିଗତ ଜୀବନ ବାହାରେ କିଛି ସାମାଜିକ କିମ୍ୱା ପରୋପକାରମୂଳକ କାର୍ଯ୍ୟ କରିବାରେ ମଧ୍ୟ ରୁଚି ରଖନ୍ତି ।

ବହୁ ଉଚ୍ଚଶିକ୍ଷିତ ଓ ସାମର୍ଥ୍ୟସମ୍ପନ୍ନ ବ୍ୟକ୍ତିବିଶେଷ ସର୍ବଦା ନିଜ କାର୍ଯ୍ୟରେ ଉନ୍ନତି ଖୋଜନ୍ତି ଏବଂ ସମାଜରେ ମାନ-ସମ୍ମାନ, ଉଚ୍ଚ ପଦପଦବୀ, ଧନସମ୍ପଦ ଅର୍ଜନ ଓ ସୁଖସ୍ୱାଚ୍ଛନ୍ଦ୍ୟ ପାଇବାକୁ କାମନା କରିଥାନ୍ତି । ନିଜର ପାରଦର୍ଶିତା ଥିଲେ ଜୀବନରେ ଉନ୍ନତି ଚାହିଁବା ସ୍ୱାଭାବିକ ଏବଂ ଏହା ସମାଜର ମଙ୍ଗଳ ପାଇଁ ମଧ୍ୟ ଅତ୍ୟନ୍ତ ଆବଶ୍ୟକ, କାରଣ ସବୁ ମଣିଷଙ୍କ ପାଖରେ କାର୍ଯ୍ୟର ଏଭଳି ପାରଦର୍ଶିତା ମିଳିବା ସାଧାରଣତଃ ସମ୍ଭବପର ନୁହେଁ । ଏହାର କାରଣ ହେଉଛି, ହିନ୍ଦୁ ଧର୍ମବିଶ୍ୱାସ ଅନୁଯାୟୀ ମନୁଷ୍ୟର ଜନ୍ମ, ଜ୍ଞାନ, ମାନ-ସମ୍ମାନ, ଧନ, ସୌନ୍ଦର୍ଯ୍ୟ ଓ ପୁରୁଷାର୍ଥ ଇତ୍ୟାଦି ପ୍ରାରବ୍ଧ କର୍ମ ଅନୁସାରେ ଜନ୍ମଗତ ଭାବେ ପ୍ରାପ୍ତ ହୋଇଥାଏ, ଯାହାକୁ କିଣି ହୁଏନାହିଁ କିମ୍ୱା କୃତ୍ରିମ ଭାବେ ତିଆରି କରାଯାଇପାରେନାହିଁ ।

କିନ୍ତୁ ସାଧାରଣତଃ ଦେଖାଯାଏ ଯେ, କୌଣସି କାର୍ଯ୍ୟ ସମ୍ପାଦନ କଲାବେଳେ କିମ୍ୱା ସଫଳତା ପ୍ରାପ୍ତ ହେଲାବେଳେ ଅନେକ ବ୍ୟକ୍ତିବିଶେଷ ନିଜକୁ ହିଁ ସେହି ସଫଳତାର ଏକମାତ୍ର ହକଦାର ବୋଲି ଭାବିଥାନ୍ତି ଏବଂ ନିଜର କର୍ତ୍ତାପଣ ପାଇଁ ଅହଂକାର ପ୍ରଦର୍ଶନ କରନ୍ତି ।

ଶ୍ରୀମଦଭଗବତ ଗୀତାର ଦ୍ୱିତୀୟ (୨) ଅଧ୍ୟାୟ, ୪୭ତମ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି:

କର୍ମଣ୍ୟେବାଧିକାରସ୍ତେ
ମା ଫଳେଷୁ କଦାଚନ ।
ମା କର୍ମଫଳହେତୁର୍ଭୂର୍ମା
ତେ ସଙ୍ଗୋଽସ୍ତ୍ୱକର୍ମଣି ।।

'ବିହିତ କର୍ମ କରିବାରେ ତୁମର ଅଧିକାର ଅଛି, କିନ୍ତୁ କର୍ମର ଫଳରେ ତୁମର କୌଣସି ଅଧିକାର ନାହିଁ । ନିଜକୁ କେବେ ବି ତୁମର କର୍ମଫଳର କାରଣ ଭାବେ ବିବେଚନା କରନାହିଁ, କିମ୍ୱା କର୍ତ୍ତବ୍ୟହୀନତା (ଅକର୍ମଣ୍ୟତା) ପ୍ରତି ଆକୃଷ୍ଟ ହୁଅନାହିଁ ।'

ଭଗବଦ୍ ଗୀତାର ଏହି ଶ୍ଳୋକଟି ଅତ୍ୟନ୍ତ ଲୋକପ୍ରିୟ । ଏହା କର୍ମ କରିବା ତଥା କର୍ମର ଫଳ ସମ୍ୱନ୍ଧରେ ଅତ୍ୟନ୍ତ ଗଭୀର ତତ୍ତ୍ୱ ବ୍ୟକ୍ତ କରେ । ଏଠାରେ ଶ୍ରୀକୃଷ୍ଣ କର୍ମ ଓ କର୍ତ୍ତାପଣ ସମ୍ୱନ୍ଧରେ ଚାରୋଟି ମୁଖ୍ୟ କଥା କହିଛନ୍ତି:

୧) ତୁମେ କର୍ତ୍ତବ୍ୟ କର, କିନ୍ତୁ ଏହାର ଫଳ ପ୍ରତି ଆସକ୍ତ ବା ଚିନ୍ତିତ ହୁଅନାହିଁ ।

୨) କର୍ମର ଫଳ ତୁମର ବ୍ୟକ୍ତିଗତ ଉପଭୋଗ ପାଇଁ ଉଦ୍ଦିଷ୍ଟ ନୁହେଁ ।

୩) କର୍ମ କରିବା ସମୟରେ 'ମୁଁ କରୁଛି' ବୋଲି କର୍ତ୍ତାପଣ ମନୋଭାବ ତ୍ୟାଗ କର ଏବଂ

୪) କର୍ମ କରିବାରୁ କେବେ କ୍ଷାନ୍ତ ହୁଅନାହିଁ କିମ୍ୱା ଅକର୍ମଣ୍ୟତା ଭାବ ପୋଷଣ କରନାହିଁ ।

ପ୍ରଥମତଃ, ସଭିଙ୍କୁ କାର୍ଯ୍ୟ ସମ୍ପାଦନ କରିବା ବେଳେ ସର୍ବଦା କର୍ତ୍ତାପଣର ମନୋଭାବ ତ୍ୟାଗ କରିବା ଉଚିତ । ଆମକୁ ଏହା ଜାଣିବାକୁ ହେବ ଯେ, କୌଣସି କାର୍ଯ୍ୟ ସଫଳ କରିବା ପାଇଁ ଆମକୁ ବିଭିନ୍ନ ସମୟରେ ଅନେକ ଲୋକଙ୍କଠାରୁ ଅନେକ ପ୍ରକାରର ସାହାଯ୍ୟ ଓ ସହଯୋଗ ନେବାକୁ ପଡ଼ିଥାଏ । ଏହା ସହିତ ପ୍ରାକୃତିକ ଓ ସାମାଜିକ ପରିସ୍ଥିତିର ଅନୁକୂଳ ପରିବେଶ ମଧ୍ୟ କାର୍ଯ୍ୟ ସମ୍ପାଦନରେ ସହାୟକ ହୋଇଥାଏ । ପ୍ରକୃତି ଓ ନିୟତିର ପ୍ରତିକୂଳ ପରିସ୍ଥିତି ଯଥା- ବର୍ଷା, ଝଡ଼ବତାସ, ଭୂସ୍ଖଳନ, ପ୍ରାକୃତିକ ବିପର୍ଯ୍ୟୟ, ଧର୍ମଘଟ, ଗଣଆନ୍ଦୋଳନ, ରାସ୍ତାଘାଟ ବନ୍ଦ ଇତ୍ୟାଦି, ଯାହା ଆମ ନିୟନ୍ତ୍ରଣ ବାହାରେ, ତାହା ଉପୁଜିଲେ କାର୍ଯ୍ୟରେ ସଫଳତା ମିଳିବା ଦୁଃସାଧ୍ୟ କିମ୍ୱା ବିଳମ୍ୱ ହୋଇଥାଏ । ଏଣୁ କାର୍ଯ୍ୟର ସଫଳତା ପାଇଁ ମନୁଷ୍ୟ ନିଜର କର୍ତ୍ତାପଣ ମନୋଭାବ ଓ ଅହଂକାର ପ୍ରଦର୍ଶନ କରିବା ସର୍ବଦା ବର୍ଜନୀୟ ।

ସେହିପରି, ଭଗବାନ ଯଦି ଆମ ଶରୀର, ମନ ଓ ଆତ୍ମାକୁ ତାଙ୍କର ଶକ୍ତି ପ୍ରଦାନ କରିନଥାନ୍ତେ, ତେବେ ଆମେ କିଛି ବି କରିପାରନ୍ତେ ନାହିଁ । ତେଣୁ ଆମର ସମସ୍ତ କର୍ମ ପାଇଁ ଶକ୍ତିର ପ୍ରକୃତ ଉତ୍ସ ଭଗବାନ ହିଁ ଅଟନ୍ତି- ଏହା ମନେରଖି ଆମେ କର୍ତ୍ତାପଣ ମନୋଭାବ ତ୍ୟାଗ କରିବା ଉଚିତ ।

ଦ୍ୱିତୀୟତଃ, କର୍ମ କରୁଥିବା ବ୍ୟକ୍ତି କର୍ମର ଫଳ ପ୍ରତି ଅତ୍ୟଧିକ ଚିନ୍ତା କରିବା ଅନୁଚିତ । ଯେଉଁମାନେ କର୍ମଫଳ ପ୍ରତି ଅଧିକ ଚିନ୍ତିତ ରହନ୍ତି, ସେମାନେ ମନର ଉଦ୍‌ବେଗ ଓ ଅଧୀରତା ହେତୁ କାର୍ଯ୍ୟରେ ଠିକ୍ ଭାବେ ମନୋନିବେଶ କରିପାରନ୍ତି ନାହିଁ । ଫଳରେ କାର୍ଯ୍ୟର ଉତ୍କର୍ଷତା ଓ ଗୁଣାତ୍ମକ ମାନ ଉପରେ ଏହାର କୁପ୍ରଭାବ ପଡ଼ିଥାଏ ଏବଂ କାର୍ଯ୍ୟଟିକୁ ସଠିକ୍ ସମୟରେ ସମ୍ପାଦନ କରିବାରେ ଅସୁବିଧା ହୁଏ । ଏହା ବ୍ୟତୀତ, କର୍ମଫଳ ବିଷୟରେ ସଦାସର୍ବଦା ଚିନ୍ତା କରୁଥିବା ବ୍ୟକ୍ତିବିଶେଷ ମାନସିକ ଚାପ ଓ ଅସ୍ଥିରତା ମଧ୍ୟରେ ରହନ୍ତି । ସେମାନେ ମନର ଶାନ୍ତି ହରାଇ ବସନ୍ତି, ଯାହା ସେମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ ।

ଏହି ସମସ୍ତ ବିଚାର ନିମ୍ନୋକ୍ତ ଲୋକପ୍ରିୟ ସଂସ୍କୃତ ଶ୍ଳୋକରେ ସୁନ୍ଦର ଭାବରେ ଚିତ୍ରିତ କରାଯାଇଛି:

ଯତ୍‌କୃତଂ ଯତ୍‌କରିଷ୍ୟାମି
ତତ୍‌ସର୍ବଂ ନ ମୟା କୃତମ୍,
ତ୍ୱୟା କୃତଂ ତୁ ଫଳଭୁକ୍ ତ୍ୱମେବ
ମଧୁସୂଦନ ।

"ମୁଁ ଯାହା ବି ହାସଲ କରିଛି ଓ ଭବିଷ୍ୟତରେ କରିବାକୁ ଯାଉଛି, ମୁଁ ସେସବୁର ପ୍ରକୃତ କର୍ତ୍ତା ନୁହେଁ । ହେ ମଧୁସୂଦନ ! ତୁମେ ହିଁ ପ୍ରକୃତ କର୍ତ୍ତା ଅଟ ଏବଂ ସମସ୍ତ କର୍ମଫଳର ପ୍ରକୃତ ଉପଭୋକ୍ତା ମଧ୍ୟ ତୁମେ ହିଁ ଅଟ ।"

ଏଣୁ ପ୍ରତ୍ୟେକ ସଫଳ ମଣିଷ ନିଜର କାର୍ଯ୍ୟ ସମ୍ପାଦନ କଲାବେଳେ କର୍ମଫଳ ଆଶା ନରଖି କର୍ତ୍ତବ୍ୟ କରିବା ଉଚିତ । କାର୍ଯ୍ୟରେ ସଫଳତା ମିଳିଲେ କର୍ତ୍ତାପଣର ମନୋଭାବ ତ୍ୟାଗ କରି ଭଗବାନ ଏବଂ ଅନ୍ୟମାନଙ୍କଠାରୁ ପାଇଥିବା ସାହାଯ୍ୟ ପ୍ରତି କୃତଜ୍ଞ ରହିବା ଅତ୍ୟନ୍ତ ଆବଶ୍ୟକ ।

ଯଦିଓ ଏହିଭଳି ବ୍ୟକ୍ତିବିଶେଷ ସଫଳତା ଓ ବିଫଳତା ଉଭୟ ସ୍ଥିତିରେ ନିର୍ବିକାର (ସ୍ଥିତପ୍ରଜ୍ଞ) ରହିଥାନ୍ତି, ତଥାପି ସେମାନଙ୍କ କାର୍ଯ୍ୟରେ ଅପୂର୍ବ ଉତ୍କର୍ଷତା ପରିଲକ୍ଷିତ ହୋଇଥାଏ । ଏହି ବ୍ୟକ୍ତିମାନେ ପ୍ରଶାନ୍ତ ମନୋଭାବ ସମ୍ପନ୍ନ ହେବା ସହିତ ସଫଳତା ପ୍ରାପ୍ତିରେ ଅତ୍ୟନ୍ତ ବିନମ୍ର ବି ହୋଇଥାନ୍ତି ।

+ ଆଇନଜୀବୀ,
ଫ୍ଲାଟ ନମ୍ୱର- ୩୦୫,
ନନ୍ଦିଘୋଷ ଆପାର୍ଟମେଣ୍ଟ,
କମାପଲ୍ଲୀ-ଗୋଇଲୁଣ୍ଡି ରୋଡ଼,
ବ୍ରହ୍ମପୁର - ୭୬୦୦୦୪
ଗଞ୍ଜାମ, (ଓଡ଼ିଶା)
(ମୋ) ୯୪୩୯୯୭୯୯୬୬

With best Compliment from:-

MANAGEMENT SOCIETY, DHAMARA
FISHING HARBOUR, DHAMARA
At:- Dhamara, Dist. Bhadrak- 756171, State: Odisha
www.dhamarafishingharbour.org,
EID- manager.msdfh@gmail.com

An autonomous Society organized for management of Dhamara Fishing Harbour . The Governing Body of the Society is headed by the Commissioner-cum- Secretary to Govt. of Odisha, Deptt. of Fisheries and A.R.D.

Facilities available in the Fishing Harbour :

- Situated 3 K.Ms away from the river mouth enabling smooth sail of trawlers.
- Quality of fish is maintained to international standard by proper handling, processing, packing, icing etc.
- Two jetties having 200 mtrs. length each. Providing better facilities for landing and stack-ing of trawlers/vessels/boats etc.
- Repair of trawlers and vessels in the repair track and dry docking for 24 trawlers at a stretch.
- Supply of fresh water round the 'clock' to the trawlers before going for fishing and to the harbour users.
- Diesel outlet on the jetty for fuel supply.
- 12 Nos. of Ice plants in the vicinity of Dhamara for supply of quality Ice round the clock.
- Storage facilities available for trawler owners.
- Net mending yard for quick repair of nets.
- Rest house facility provided to vessel crews on rent.
- Market complex has been constructed to facilitate business require by the jetty users.
- Pre-Processing Plant for Sea Food Exporter.
- Further facilities to the entrepreneurs and exporters for stor age, shorting, grading and icing are,provided.
- Facilities like Chitin Plant and Cold storage are in the pipe line for construction. Visit us at www.dhamarafishingharbour.org and we will be proud of you.

Manager,
Management Society,
Dhamara Fishing Harbour,
EMail ID : manager.msdfh@gmail.com, dfo.
bhadrak@gmail,com

D.F.O., Bhadrak And Secretary,
Management Society, Dhamara
Fishing Harbour, Dhamara.
Hello: 06784-240223, 06786-222500

DAS I.T.I.
TULANK (Near Mathasahi Chhak),
Balasore - 03
Mob.: 9437191950, 9437445627,
Tel. - 06782 - 251617 (O)
E-mail : das_itc@rediffmail.com

AFFILIATED TO N.C.V.T.
GOVT. OF INDIA, NEW DELHI

AFFILIATED TRADES :
FITTER, ELECTRICIAN, ELECTRONICS
MECHANIC, REFRIGERATION AND
AIR-CONDITIONING MECHANIC,
COMPUTER (COPA),
DRIVER-CUM-MECHANIC, CUTTING AND
SEWING,
SEWING, STENOGRAPHY (ENGLISH)

With Best Compliments from:

KALINGA
ELECTRICAL
CORPORATION

KACHERY ROAD,
BALASORE -756001 (ORISSA)
PH : 265976, 262432(S),
FAX : (06782) 265927

## ଭୁବନେଶ୍ୱରରେ ମୁନି ସମାଜର ଶୁଭ ଜନ୍ମଦିନ ପାଳନ



ଭୁବନେଶ୍ୱର , ୨୫/୭ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି - ମୁନିରାଜ୍ଞୀ ଗୀତାଞ୍ଜଳୀ ବାରିକଙ୍କ ମଧ୍ୟମା କନ୍ୟା ଆୟୁଷ୍ମତୀ ପ୍ରମୋଦିନୀ ବାରିକ-ଶ୍ରୀଯୁକ୍ତ ଗୋପବନ୍ଧୁ ବରଙ୍କ ଏକମାତ୍ର ସୁ ପୁତ୍ରୀ ଆୟୁଷ୍ମତୀ ସୁନୟନା ବାରିକଙ୍କ ୧୩ ତମ ଶୁଭ ଜନ୍ମଦିନ, ଅଜା ଯୋଗୀ ପରମାନନ୍ଦ ମୁନି ଜୀଙ୍କ ଅଧ୍ୟକ୍ଷତାରେ, ତାଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ, ବନ୍ଧୁ-ବାନ୍ଧବଙ୍କ ଗହଣରେ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦପାଠ, ଶାନ୍ତି ପାଠ, କରାଯାଇ ଆୟୁଷ୍ମତୀ ସୁ ନୟନାଙ୍କୁ ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଶାନ୍ତିମୟ ଜୀବନ ଯାପନ ର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା। ଜଣେ ଯଦି ପ୍ରତିଦିନ ମୁନି ସମାଜର ଯମ ନିୟମ ପାଳନ ପୂର୍ବକ କ୍ରୀୟାତ୍ମକ ଯୋଗ ସାଧନ କରି ଚାଲେ, ତେବେ ସେ ନିଶ୍ଚୟ ପ୍ରତ୍ୟେକ କ୍ଷେତ୍ରରେ ,ତାର ସମସ୍ତ ଭାବନାର ବିଜୟଶ୍ରୀ ଲାଭ କରି କରି ଚାଲିବ । ବିଶ୍ୱର ଜଣେ ଆଦର୍ଶ ମଣିଷଟିଏ ହୋଇ ସମାଜର କଲ୍ୟାଣ କରି ଚାଲିବ। ବକ୍ତାମାନେ ଏହା ମତବ୍ୟକ୍ତ କରିଥିଲେ। ଉପସ୍ଥିତ ଥିଲେ,ପରମ ପୂଜ୍ୟା ମଞ୍ଜୁଶ୍ରୀ ମହାନ୍ତି, ମମତା ବାରିକ, ଲୋପାମୁଦ୍ରା ତ୍ରିପାଠୀ, ଦୁର୍ଗା ବର, ବିନିତ୍ କୁମାର ବେହେରା,ଯଦୁନାଥ ବେହେରା, ଶାନ୍ତିଲତା ବେହେରା, ମମତା ଆଚାର୍ଯ୍ୟ, ସୁନିତା ମିଶାଇ, ମିନାରାଣୀ ଜେନା, ପ୍ରମୁଖ ବହୁ ବନ୍ଧୁ ବାନ୍ଧବ ମାନେ । ଶେଷରେ ପିତା ଗୋପବନ୍ଧୁ ବର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଥିଲେ ।ପରମ ପୂଜ୍ୟା ମାତା ପ୍ରମୋଦିନୀ ବାରିକ ସମସ୍ତଙ୍କୁ ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

## ପଣ୍ଡିତ ପୀତବାସ ନନ୍ଦଙ୍କ ବିୟୋଗ: ଅଞ୍ଚଳରେ ଶୋକର ଛାୟା

ନୀଳଗିରି, ୨୫/୭ (ନି.ପ୍ର): ନୀଳଗିରି ଅଞ୍ଚଳର ଜଣାଶୁଣା ପଣ୍ଡିତ ତଥା ବୋହୁମୁଖି ପ୍ରତିଭାର ଅଧିକାରୀ ପଣ୍ଡିତ ପୀତବାସ ନନ୍ଦଙ୍କ ଗୁରୁବାର ରାତି ୧୧:୦୫ ମିନିଟ୍ ସମୟରେ ବିୟୋଗ ହୋଇଯାଇଛି।ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତ ଗୋପୀନାଥପୁର ଶାସନରେ ଶ୍ରୀ ନନ୍ଦ ୧୯୬୨ମସିହା ଏପ୍ରିଲ ୨୭ତାରିଖ ପିତା ସ୍ୱର୍ଗତଃ ରାମକୃଷ୍ଣ ନନ୍ଦ, ମାତା ବୈଦେହୀ ନନ୍ଦଙ୍କ ଔରସରୁ ଜନ୍ମଗ୍ରହଣ କରିଥିଲେ। ରାଜାରଜୁଡ଼ା ଅମଳରୁ ଉକ୍ତ ଶାସନଟି ପ୍ରତିଷ୍ଠା କରାଯାଇଥିବା ବେଳେ ଏଠାରେ ବସବାସ କରୁଥିବା ପ୍ରତ୍ୟେକଟି ବ୍ରାହ୍ମଣ ପରିବାର ଦେବଦେବୀ ଙ୍କ ପୂଜନ କାର୍ଯ୍ୟରେ ବେଶ୍ ପାରଙ୍ଗମ ଥିଲେ। ପୀତବାସଙ୍କ ପିତା ରାମକୃଷ୍ଣ ଜଣେ ବେଦଜ୍ଞ ବ୍ରାହ୍ମଣ ପୂଜକଭାବେ ତାଙ୍କର ବେଶ୍ ନାମ ଥିଲା ଏବଂ ତାଙ୍କର ବଡ଼ ପୁତ୍ର ଭାବେ ପୀତବାସ ମଧ୍ୟ ପୂଜା କାର୍ଯ୍ୟକୁ ନିଜର ଜୀବିକା ଭାବେ ଗ୍ରହଣ କରିଥିଲେ।ଅଞ୍ଚଳରେ ସେ ସମସ୍ତଙ୍କର ପ୍ରିୟ ପୀତବାସ ନନା ଭାବେ ବେଶ୍ ସୁପରିଚିତ ଥିଲେ। ତାଙ୍କର ନିର୍ଭୁଲ ମନ୍ତ୍ରଉଚ୍ଚାରଣ ସମସ୍ତଙ୍କ ପ୍ରତି ମିଷ୍ଟଭାଷୀ କଥାବାର୍ତ୍ତା ଯୋଗୁଁ ସେ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ଗାଁ ର ପ୍ରତ୍ୟେକ ଯାନୀଯାତ୍ରାରେ ଆଗରେ ରହି ସେ ଏବର ଯୁବକମାନଙ୍କୁ ମାର୍ଗଦର୍ଶନ କରୁଥିଲେ।ଗ୍ରାମରେ ଅନୁଷ୍ଠିତ ଯାତ୍ରାରେ ଯୁବକଳାକାର ମାନଙ୍କୁ ନିର୍ଦ୍ଦେଶନା ଦେବାରେ ସେ ବେଶ୍ ଧୁରନ୍ଧର ଥିଲେ। ତାଙ୍କର ଏଭଳି ବହୁତ୍ ମହତ୍ ପ୍ରତିଭା ଯାହା ଲୋକ ସେବାରେ ବିନିଯୋଗ ହୋଇଥିଲା। ତେବେ ହଠାତ୍ ଗତ କାଲି ସନ୍ଧ୍ୟାରେ ତାଙ୍କ ପେଟବଥା କରିବାରୁ ତାଙ୍କୁ ପ୍ରଥମେ ନୀଳଗିରି ଡାକ୍ତରଖାନା ପରେ ଫକୀରମୋହନ ମେଡିକାଲ କଲେଜକୁ ନିଆଯାଇଥିଲା। ସେଠାରେ ତାଙ୍କର ଡାଇବେଟିସ ଅତ୍ୟଧିକ ବୃଦ୍ଧି ପାଇଥିବା ବେଳେ ଅକ୍ସିଜେନସ୍ତର କମ୍ ହୋଇ ଯାଇଥିଲା। ତାଙ୍କୁ ଏଫ୍ ଏମ୍ ୟୁ ରୁ ସଙ୍ଗେ ସଙ୍ଗେ କଟକ ରେଫର୍ କରା ଯାଇଥିଲା। କଟକ ଯିବା ରାସ୍ତାରେ ରାତି ପ୍ରାୟ ୧୧:୦୫ ମିନିଟ୍ ରେ ତାଙ୍କର ଦେହାନ୍ତ ହୋଇଥିବା ଜଣା ଯାଇଛି। ଶୁକ୍ରବାର ଅପରାହ୍ନ ୪ ଘଟିକା ସମୟରେ ଗାଆଁ ମଶାଣିରେ ତାଙ୍କର ଶବସତ୍କାର କରାଯାଇଛି।

## ଗୋଟିଏ ପାଖରେ ଧାରଣା: ଅନ୍ୟ ପଟେ ଗ୍ରାମସଭା, ମୋହନପୁରରେ ନୂତନ ପଞ୍ଚାୟତ ଗୃହ ପାଇଁ ବହୁ ସଂଖ୍ୟକଙ୍କ ମତାମତ ଗୃହୀତ



ବୈଶିଙ୍ଗା , ୨୫/୭ (ନି.ପ୍ର): ଦୀର୍ଘ ୧୦ ବର୍ଷ ଧରି କେନ୍ଦୁଆ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣରେ ଯବନିକା ପଡିବାର ଆଶା ଉଜ୍ଜ୍ୱଳ ହୋଇଥିବାର ଆଜିର ଗ୍ରାମ ସଭାରୁ ପରିଲକ୍ଷିତ ହୋଇଛି । ଗୋଟିଏ ପଟେ କିଛି ଗ୍ରାମବାସୀ ବିଧାୟକ ଶୁଭ ହୋଇଥିବା ସ୍ଥାନରେ ଗୃହ ନିର୍ମାଣ କରିବା ପାଇଁ ଅସ୍ଥାୟୀ କାର୍ଯ୍ୟାଳୟ ସମ୍ମୁଖରେ ଆଜକୁ ଆଠ ଦିନ ହେବ ଧାରଣାରେ ବସିଥିବା ବେଳେ ଅନ୍ୟ ପଟେ ସଂଖ୍ୟାଧିକ ଲୋକେ ଗ୍ରାମ ସଭାରେ ଯୋଗଦେଇଥିଲେ। ଦିବା ୧୧ ଘଟିକା ସମୟରେ କେନ୍ଦୁଆ ପଞ୍ଚାୟତର ସରପଞ୍ଚ ମନମୋହନ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ୱତନ୍ତ୍ର ଗ୍ରାମସଭା ରେ ମୂଖ୍ୟ ଅତିଥି ଭାବେ ବେତନଟୀ ବିଡିଓ ମୁନା ସେଠୀ ଯୋଗ ଦେଇଥିଲେ । ଅନ୍ୟ ଅତିଥି ଭାବେ ବେତନଟୀ ତହସିଲଦାର ଚନ୍ଦ୍ରଜିତ୍ ବେହେରା, ଅତିରିକ୍ତ ବିଡିଓ ଗଗନ ବେହେରା ଯୋଗ ଦେଇଥିଲେ । ଏଥି ସହିତ କେନ୍ଦୁଆ ସମିତି ସଭ୍ୟ ଶ୍ରୀଧର ପଣ୍ଡିତ୍ , କେନ୍ଦୁଆ ପଞ୍ଚାୟତ ଅଧିକାରୀ ଅନୀତା ସେଠୀ ତଥା ଏଡିଓ ସୀମା ଦଳେଇ ପ୍ରମୂଖ ଏହି ଗ୍ରାମସଭା ରେ ଯୋଗ ଦେଇଥିଲେ । ପଞ୍ଚାୟତର ଏହି ନୂତନ ଗୃହ ଟି କେଉଁ ସ୍ଥାନରେ ନିର୍ମାଣ ହେବ ସେଥିପାଇଁ ଉପସ୍ଥିତ ଅଧିକାରୀ ମାନେ ଗ୍ରାମ ସଭାରେ ଯୋଗ ଦେଇଥିବା ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ । ଅନ୍ୟପଟେ ଧାରଣାରେ ବସିଥିବା ଗ୍ରାମବାସୀଙ୍କ ସହିତ ବିଡିଓ ଆଲୋଚନା କରି ଗ୍ରାମସଭା ରେ ଯୋଗଦେବା ପାଇଁ ଅନୁରୋଧ କରିଥିଲେ । ଶେଷରେ ସମସ୍ତଙ୍କ ଉପସ୍ଥିତିରେ ମୋହନପୁର ଠାରେ ଗୃହ ନିର୍ମାଣ କରାଯିବା ନେଇ ସଂଖ୍ୟାଧିକ ଲୋକଙ୍କ ଦ୍ୱାରା ଧ୍ୱନୀ ମତରେ ପ୍ରସ୍ତାବ ପାରିତ ହୋଇଥିଲା । ବିଡିଓ କହିଲେ ସ୍ୱତନ୍ତ୍ର ଗ୍ରାମସଭା ରେ ପାରିତ ହୋଇଥିବା ବିବରଣୀ ଉପସ୍ଥିତ ଗ୍ରାମବାସୀ ଙ୍କ ଦସ୍ତଖତ ପରେ ବ୍ଲକ କୁ ଯିବ ସେଠାରୁ ଜିଲ୍ଲାପାଳ ଙ୍କ ନିକଟକୁ ପଠାଇ ଦିଆଯିବ । ସେଠାରୁ ଅନୁମୋଦନ ପରେ କାର୍ଯ୍ୟକାରୀ ହେବ । ଆଜିର ବୈଠକ ରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଗୋଟିଏ ପ୍ଲାଟୁନ୍ ପୋଲିସ ଫୋର୍ସ ସହିତ ବୈଶିଙ୍ଗା ଆଇଆଇସି ବାରିଣି ଦାସ, ଏସଡିପିଓ ମିନତୀ ବିଶ୍ୱାଳ ପ୍ରମୂଖ ଉପସ୍ଥିତ ରହିଥିଲେ ।

## ସ୍ୱାମୀଙ୍କୁ ଗିରଫ କରିବା ପାଇଁ ସ୍ତ୍ରୀ କଲେ ଦାବି: ପରକୀୟା ପ୍ରୀତି ମିଥ୍ୟା, ସ୍ୱାମୀ ରଚିଥିଲେ ଷଡ଼ଯନ୍ତ୍ର



ବାଲିଆପାଳ , ୨୫/୭ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ଚଉମୁଖ ଗ୍ରାମର ଭୂବନ ମାନାଙ୍କ ଝିଅ ସୁସ୍ମିତା ୧୫ ବର୍ଷ ତଳେ ଭୋଗରାଇ ଥାନା ଅନ୍ତର୍ଗତ ଶଇତଳିଆ ଗ୍ରାମର ଶ୍ରୀକାନ୍ତ ଜେନାଙ୍କ ପୁଅ ରାଜେନ୍ଦ୍ର ଜେନାଙ୍କୁ ଭଲ ପାଇ ବିବାହ କରିଥିଲେ। ଦମ୍ପତିଙ୍କର ପୁଅ ଟିଏ ମଧ ରହିଛି। ବିବାହ ପର ଠାରୁ ପୁଅ ମୁହଁକୁ ଚାହିଁ ଏବଂ ଦୁଇ ପରିବାର ମାନସମ୍ମାନକୁ ଲକ୍ଷ୍ୟ କରି ଶାଶୁ ଘର ଲୋକ ଏବଂ ସ୍ୱାମୀଙ୍କ ନିର୍ଯ୍ୟାତନା ସହ୍ୟ କରି ରହୁଆସୁଥିଲେ ସୁସ୍ମିତା। ସ୍ୱାମୀ ବେ ରୋଜଗାର ଥିବାରୁ କେତେ ବେଳେ ବାପା ଭାଇଙ୍କ ସାହାଯ୍ୟରେ ଗୁଜୁରାଣ ମେଣ୍ଟାନ୍ତି ତ ଆଉ କେତେବେଳେ ସ୍ୱୟଂ ସହାୟିକା ଗୋଷ୍ଠୀ,ଘୋରଇ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ଲୋନ୍ ଆଣି ସ୍ୱାମୀ ଦେଉଥିଲେ। ଏମିତି କି ତାଙ୍କ ନାମରେ ଲୋନ କରି ସ୍ୱାମୀ ଙ୍କୁ ଅଟୋ ରିକ୍ସା ଯୋଗାଇ ଦେଇଛନ୍ତି। ପୁଅକୁ ହଷ୍ଟେଲରେ ରଖି ପାଠ ମଧ ପଢାଉ ଥିଲେ। ଧୀରେ ଧୀରେ ନିର୍ଯାତନା ବଢି ଚାଲିବା ସହିତ ତାଙ୍କ ନାମରେ ହୋଇଥିଲା ଲୋନକୁ ସୁଝାଇବା ପାଇଁ ନିକଟସ୍ଥ କର୍ମଦା ଛକରେ ଘର ଭଡ଼ା ନେଇ ରହି ନର୍ସିଙ୍ଗହୋମରେ କାମ କରି ନିଜର ପେଟ ପୋଷୁଥିଲେ । ବାହାରେ ରହିଲେ ସ୍ୱାମୀ ଅସୁବିଧା ସୃଷ୍ଟି କରିବେ ବୋଲି ଜାଣି ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ, ସେଠାରେ ସମାଧାନ ପତ୍ର ମଧ ହୋଇଥିଲା। ସମାଧାନ ପତ୍ରରେ ସ୍ତ୍ରୀ ଯୋଉଠି ଚାହିବେ ସେଠାରେ ରହିପାରିବେ ବୋଲି ଉଲ୍ଲେଖ ରହିଛି। ମାତ୍ର ପୋଲିସର କଥା ଅମାନ୍ୟ କରି ସ୍ତ୍ରୀ ଥିବା ଭଡାଘରକୁ ସ୍ୱାମୀ ଯାଇ ସେଠାରେ ପାଟି ତୁଣ୍ଡ କରିବା ପରେ ସ୍ୱାମୀଙ୍କୁ ଛାଡ଼ପତ୍ର ଦେବାର ନିଷ୍ପତ୍ତି ନେଇ ନୋଟିସ ପଠାଇଥିଲେ ସୁସ୍ମିତା। ଏ ଘଟଣାରେ ବିବ୍ରତ ହୋଇ ସ୍ୱାମୀ ଗତ ୧୮ ତାରିଖ ଦିନ ଯୋଜନା ବନ୍ଧ ଭାବେ କିଛି ଅସାମାଜିକ ଲୋକଙ୍କୁ ନେଇ ଭଡାରେ ରହୁଥିବା ଘର ଆଗରେ ମୋ ସ୍ତ୍ରୀ ପ୍ରରକ୍ରୀୟା ପ୍ରତିରେ ଛଅ ମାସ ଏଇଠି ଲୁଚିଛି ବୋଲି ପାଟିକରି ଅଭିନୟ କରିଥିଲେ। ନିଜକୁ ଅସୁରକ୍ଷିତ ମନେ କରି ପୋଲିସକୁ ସାହାଯ୍ୟ ମାଗିଥିଲେ ସୁସ୍ମିତା । ଘରୁ କୈଣସି ପୁରୁଷକୁ ପୋଲିସ ନପାଇ ସୁସ୍ମିତାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ଏ ସମସ୍ତ କଥାର କଲ ରେକର୍ଡ ଏବଂ ଭିଡିଓ, ଫୋଟୋ ମହଜୁଦ ରହିଛି ବୋଲି ଶୁକ୍ରବାର ବାଲିଆପାଳ ଶୁଭମ୍ ହୋଟେଲରେ ଖବରଦାତା ସମ୍ମିଳନୀ ଆୟୋଜନ କରି ସୁସ୍ମିତା କହିଛନ୍ତି। ପ୍ରଥମରୁ ସ୍ତ୍ରୀଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଏବଂ ପରେ ଯୋଜନା ବନ୍ଧ ଭାବେରେ ପ୍ରରକ୍ରୀୟା ପ୍ରତିରେ ଦୋଷାରୋପ କରି ମାନସମ୍ମାନ କୁ ସମାଜ ଆଗରେ ନିଲାମ କରିଥିବା ସ୍ୱାମୀଙ୍କୁ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରଶାସନ ଏବଂ ସରକାରଙ୍କୁ ନିବେଦନ କରିଛନ୍ତି ସୁସ୍ମିତା। ଏବାବଦରେ କର୍ମଦା ପୋଲିସ ରାଜେନ୍ଦ୍ରଙ୍କ ଠାରୁ କୈଣସି ଅପରିସ୍ଥିତି ସୃଷ୍ଟି କରେବେ ନାହିଁ ବୋଲି ଲିଖିତ ଭାବେ ସମାଧାନ ପତ୍ର ରଖି ଛାଡିଦେଇଥିବା ଜଣା ପଡିଛି।

## ବାଘ ଆକ୍ରମଣରେ ଯୁବକ ଗୁରୁତର: ଆତଙ୍କିତ ଅଞ୍ଚଳବାସୀ

ନୀଳଗିରି, ୨୫/୭ (ନି.ପ୍ର): କୁଳଡିହା ଅଭୟାରଣ୍ୟରେ ବାଘ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇ ନୀଳଗିରି ମେଡିକାଲକୁ ଆସିଥିବା ବେଳେ ତାଙ୍କୁ ଫକୀରମୋହନ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି । ସୂଚନା ମୁତାବକ ବରହମପୁର ଥାନା କେସିପୁର ପଞ୍ଚାୟତ ବାଲିଆନାଳ ନଟାପଡା ଗ୍ରାମର ନାରଣ ସିଂଙ୍କ ପୁଅ ସୁନୀଲ କୁମାର ସିଂ (୨୬) ଚାଷକାର୍ଯ୍ୟ ପାଇଁ ହଳଲଙ୍ଗଳ ନେଇ ନିକଟସ୍ଥ ବିଲକୁ ଯାଇଥିଲେ। ତେବେ ହଳଫିଟାଇ ବଳଦଗୁଡ଼ିକ ଛାଡ଼ିଦେଇ ଖାଇବସିଥିଲେ। ବଳଦ ଗୁଡ଼ିକ ଚରିଚରି ଜଙ୍ଗଲ ମଧକୁ ପଶିଯାଇଥିବା ବେଳେ ଅପରାହ୍ନ ପ୍ରାୟ ୧୨.୩୦ଟା ସମୟରେ ସୁନୀଲ ବଳଦ ଖୋଜିବାକୁ ଜଙ୍ଗଲ ମଧକୁ ଯାଇଥିବା ବେଳେ ହଠାତ୍ ଏକ ବାଘ ସୁନୀଲଙ୍କୁ ଆକ୍ରମଣ କରିଥିଲା। କିଛି ସମୟପାଇଁ ଉଭୟ ବାଘ ଏବଂ ସୁନୀଲ ମଧରେ ଖଣ୍ଡଯୁଦ୍ଧ ଚାଲିଥିଲା। ପାଖରେ ଚାଷକାମରେ ଲିପ୍ତଥିବା ଚାଷୀମାନେ ବାଘର ଗର୍ଜନ ସହିତ ସୁନୀଲର ଚିତ୍କାର ଶୁଣି ଘଟଣାସ୍ଥଳରେ ପହଞ୍ଚିଥିଲେ ହେଁ ଲୋକମାନଙ୍କୁ ଦେଖି ବାଘ ପଳାଇଯାଇଥିଲା । ସ୍ଥାନୀୟଲୋକେ ସୁନୀଲଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ନୀଳଗିରି ହସ୍ପିଟାଲ ଆଣିଥିଲେ। ତେବେ ହସ୍ପିଟାଲ କତୃପକ୍ଷ ଆଉଟଡୋର ଟିକେଟରେ ଆଶୁଚିକିତ୍ସା କରି ରେମୁଣା ଫକୀରମୋହନ ମେଡିକାଲ କଲେଜ ହସ୍ପିଟାଲକୁ ରେଫର କରିଦେଇଥିବା ବେଳେ ଦେଢ଼ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ହସ୍ପିଟାଲ ପରିସରରେ ସୁନୀଲ ପଡିରହିଥିଲେ। ତେବେ ନିୟମାନୁଯାୟୀ ଆଡ଼ମିଶନ ପରେ ରେଫର୍ କରିବାର ନିୟମଥିବା ସାମାନ୍ୟ ମାନବିକତା ଭୁଲି ସାଲାଇନଦେବା,ଆଶୁଚିକିତ୍ସା କରିବା ବଦଳରେ ଆଉଟଡୋର ଟିକେଟରେ ରେଫରକରିବା ଘଟଣାକୁ ନେଇ ହସ୍ପିଟାଲ ପରିସରରେ ଚାପା ଉତ୍ତେଜନା ପ୍ରକାଶପାଇଥିବା ବେଳେ ଗଣମାଧମ ପ୍ରତିନିଧିଙ୍କ ହସ୍ତକ୍ଷେପପରେ ସାଲାଇନ୍ ଦିଆଯାଇ ଥିବା ଦେଖିବାକୁ ମିଳିଥିଲା। ପରେ ସନ୍ଧ୍ୟା ୬.୩୦ରେ ବାଲେଶ୍ୱର ମେଡିକାଲ କଲେଜକୁ ରେଫର କରାଯାଇଥିଲା। ଏନେଇ ବାଲେଶ୍ୱର ଡି.ଏଫ.ଓ ପ୍ରତୀକ ପ୍ରକାଶ ଇଣ୍ଡଲକରଙ୍କୁ ଯୋଗାଯୋଗ କରିବାପରେ ବାଘ ଆକ୍ରମଣ ଘଟଣାକୁ ସ୍ୱୀକାର କରିଛନ୍ତି। ତେବେ କୁଳଡିହାରେ ବାଘ ରହିଥିବା ସନ୍ଦେହ ଦୂରହୋଇଥିବା ବେଳେ ଆକ୍ରମଣ କରିଥିବା ବାଘଟି ଅଭୟାରଣ୍ୟର ନା ମହାରାଷ୍ଟ୍ରରୁ ଆଣି ଶିମିଳିପାଳ ଅଭୟାରଣ୍ୟରେ ଛଡ଼ା ଯାଇଥିବା ବାଘୁଣୀ ଯମୁନା ବୋଲି ଆଲୋଚନା ଚାଲିଛି। ତେବେ ନୀଳଗିରି ଅଞ୍ଚଳରେ ପ୍ରଥମଥର ଏଭଳି ଘଟଣା ଘଟିଥିବାରୁ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି ।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ୨୭୨.୭୫ବର୍ଗ କି.ମି ଅଭୟାରଣ୍ୟରେ ସ୍ଥାୟୀ ରେଞ୍ଜଅଧିକାରୀ ନଥିବାବେଳେ ଜଣେ ବନପାଳଙ୍କୁ ରେଞ୍ଜଅଧିକାରୀ ଭାବେ ଦାୟିତ୍ୱଦେଇ ବନବିଭାଗ ହାତଟେକି ବସିବା ବିଭାଗପ୍ରତି ସାଧାରଣରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ତେବେ ଜଙ୍ଗଲସଂଲଗ୍ନ ଜନବସତି ଅଞ୍ଚଳରେ ଅନେକଥର ଗାଇଗୋରୁ ବାଘ ଖାଇଯାଉଥିବା ସ୍ଥାନୀୟଲୋକ ଅଭିଯୋଗ କରିଛନ୍ତି।

## ପି.ଏମ୍. ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଭଦ୍ରକରେ 'ଏକ ଭାରତ ଶ୍ରେଷ୍ଠ ଭାରତ' ଓ କଳାଉତ୍ସବ ସମାରୋହ

ଭଦ୍ରକ, ୨୫/୭ (ନି.ପ୍ର): ପି.ଏମ୍. ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକରେ ଶୁକ୍ରବାର ବାର୍ଷିକ 'ଏକ ଭାରତ ଶ୍ରେଷ୍ଠ ଭାରତ' ଉତ୍ସବ ଓ କଳାଉତ୍ସବ ସମାରୋହ ଉତ୍ସାହ ଓ ଆଡ଼ମ୍ବର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାରୋହର ଶୁଭାରମ୍ଭ କରିଥିଲେ ବିଦ୍ୟାଳୟର ଅଧକ୍ଷା ପଦ୍ମାବତୀ ଦ୍ୱିବେଦୀ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇବା ସହ ସେମାନଙ୍କର ପରିଚୟ ପ୍ରଦାନ କରିଥିଲେ। ନିଜ ଅଭିଭାଷଣରେ ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାରତର ବିବିଧ ସଂସ୍କୃତି, ଐକ୍ୟ, ସୃଜନଶୀଳତା ଓ କଳାପ୍ରତିଭାର ବିକାଶ ପାଇଁ 'ଏକ ଭାରତ ଶ୍ରେଷ୍ଠ ଭାରତ' ଭଳି କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ, ଅଭିନୟ, କାହାଣୀ କଥନ, ଚିତ୍ରାଙ୍କନ ଓ ବିଭିନ୍ନ କଳାକୃତି ପ୍ରଦର୍ଶନ କରି ନିଜର ସୃଜନଶୀଳ ପ୍ରତିଭାର ପରିଚୟ ଦେଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ପଦକ ଓ ମାନପତ୍ର ପ୍ରଦାନ କରାଯାଇଥିଲା।ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପୁଷ୍ପେନ୍ଦ୍ର କଚ୍ଛୱା, ଶଙ୍କ. କେ. ଦାସ, ନରେଶ ସାଇନି ଏବଂ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ରାଉତ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିବା ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

## ରାଜ୍ୟସ୍ତରୀୟ ଜୁନିୟର କ୍ରୀଡା ପ୍ରତିଯୋଗିତା ପାଇଁ ଖେଳାଳି ଚୟନ ୨୬ରେ

ବାରିପଦା , ୨୫/୭ (ନି.ପ୍ର): ଓଡିଶା ଏଥଲେଟିକ ଏସୋସିଏସନ ଆନୁକୂଲ୍ୟରେ ରାଇରଙ୍ଗପୁର ଠାରେ ୭୨ତମ ଓଡିଶା ଷ୍ଟେଟ ଜୁନିୟର ଏଥଲେଟିକ ଚାମ୍ପିୟାନସିପ ଅଗଷ୍ଟ ୭ ରୁ ୯ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଅଛି ବୋଲି ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି ଓ ୧୪, ୧୬, ୧୮ ଓ ୨୦ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବର୍ଗର ଇଚ୍ଛୁକ ଖେଳାଳି ମାନେ ଚଳିତ ମାସ ୨୬ ତାରିଖରେ ବାରିପଦା ଷ୍ଟାଡିୟମ ଠାରେ ଆୟୋଜିତ ହେବାକୁ ଥିବା ଚୟନ ଶିବିରରେ ନାମ ପଞ୍ଜିକରଣ କରିପାରିବେ ଓ ଖେଳାଳି ମାନେ ନିଜନିଜର ଏ ଏଫ ଏଇ ପରିଚୟ ପତ୍ର ସହ ଆଧାର କାର୍ଡ, ଡିଜିଟାଲ ଜନ୍ମ ପ୍ରମାଣପତ୍ର ପଞ୍ଜିକରଣ ସମୟରେ ଦାଖଲ କରିବା ଅନିବାର୍ଯ୍ୟ ଓ ଏଥିରେ ଅଂଶଗ୍ରହଣ କରିବା ପାଇଁ ଗସ୍ତ ଖର୍ଚ୍ଚର ବ୍ୟବସ୍ଥା ନାହିଁ ବୋଲି ସମ୍ପାଦକ ଶ୍ରୀ ଦାସ ଜଣାଇଛନ୍ତି ଓ ୨୭/୧୦/୨୦୧୪ ପରେ ଜନ୍ମଗ୍ରହଣ କରିଥିବା ଖେଳାଳି ଏହି ଚୟନ ଶିବିରରେ ଭାଗ ନେଇପାରିବେ ନାହିଁ ବୋଲି ଏଥଲେଟିକ ସମ୍ପାଦକ ଅମ୍ବିକା ରାଉତ ଜଣାଇଛନ୍ତି ।

## ୮୦ ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ: ସକାଳ ୯:୧୫ରେ ଜିଲ୍ଲାସ୍ତରୀୟ ଉତ୍ସବରେ ପତାକା ଉତ୍ତୋଳନ

ଖୋରଧା , ୨୫/୭ (ନି.ପ୍ର): ଆଗାମୀ ଜିଲ୍ଲାସ୍ତରୀୟ ୮୦ ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ତଥା ସ୍ୱାଧୀନତା ଦିବସ ପାଳନ କମିଟି ଉପାଧ୍ୟକ୍ଷ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଚଳିତ ବର୍ଷ ସ୍ୱାଧୀନତା ଦିବସ ପାଳନ ଉତ୍ସବ ବି ଜେ ବି ହାଇସ୍କୁଲ ପଡ଼ିଆଠାରେ ଆୟୋଜନ କରାଯିବ। ଉକ୍ତ ଦିନ ପ୍ରତ୍ୟୁଷରେ ରାମଧୁନ ଗାନ କରାଯାଇ ସହର ପରିକ୍ରମା କରାଯିବ। ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସକାଳ ୬ ଘଟିକା ସମୟରେ ପ୍ରଭାତ ଫେରି, ସକାଳ ୭ ଘଟିକା ସମୟରେ ସହରରେ ଅନୁରୂପ ଭାବେ ସମସ୍ତ ବ୍ଲକ୍ ଓ ପୌରାଞ୍ଚଳ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନଙ୍କରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ, ସକାଳ ୭ ଘଟିକା ୩୦ ମିନିଟ ସମୟରେ ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବାକୁ ଥିବାବେଳେ ସକାଳ ୯:୧୫ ଘଟିକା ସମୟରେ ବି ଜେ ବି ହାଇସ୍କୁଲ ପଡ଼ିଆଠାରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ ରେ ଅଭିବାଦନ ଗ୍ରହଣ କରିବେ। ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ଆନ୍ତର୍ଜାତୀୟ ଓ ଜାତୀୟ କ୍ଷେତ୍ରରେ ଜିଲ୍ଲାର ଉଦୀୟମାନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବାପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା । ଦିବସ ଉପଲକ୍ଷେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲା କାରାଗାରରେ ଯଥାକ୍ରମେ ରୋଗୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ମଧ ସ୍ଥିର ହୋଇଅଛି। ସେହିପରି ପ୍ୟାରେଡ ପୂର୍ବାଭ୍ୟାଷ ଆସନ୍ତା ୧୧ ତାରିଖ ଠାରୁ ୧୨ ତାରିଖ ଅପରାହ୍ନ ୩ଘଟିକା ସମୟରେ ଏବଂ ୧୩ ତାରିଖ ସକାଳ ୮ ଘଟିକା ସମୟରେ ଆରକ୍ଷିତ ଆରକ୍ଷୀ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ ବି ଜେ ବି ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଅଛି । ଦିବସକୁ ଆକର୍ଷଣୀୟ ଓ ଜନସାଧାରଣଙ୍କୁ ସରକାରଙ୍କ ବିକାଶ ମୂଳକ ଯୋଜନାର ବାର୍ତ୍ତା ପ୍ରଦାନ କରିବା ନିମନ୍ତେ ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ ନିର୍ମାଣ କରିବା ନିମନ୍ତେ ଅଧକ୍ଷ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ କାର୍ଯ୍ୟାଳୟ ମାନଙ୍କରେ ଆଲୋକମାଳାରେ ଶୁ ସଜ୍ଜିତ କରିବାକୁ ଅଧକ୍ଷ ନିର୍ଦ୍ଦେଶ ଦେଇଛନ୍ତି । ସର୍ବୋପରି ପବିତ୍ର ୮୦ ତମ ଖୋରଧା ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସକୁ ଶାନ୍ତି, ମୈତ୍ରୀ, ସମ୍ପ୍ରିତି, ଭାଇଚାରା, ରାଷ୍ଟ୍ରୀୟ ସଂହତି ସହ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରିବା ନିମନ୍ତେ ବୈଠକର ଅଧକ୍ଷ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଜିଲ୍ଲା ବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ବୈଠକରେ ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀନିବାସ ମହାନ୍ତି ମଞ୍ଚାସୀନ ଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସ୍ୱାଗତ ଭାଷଣ, ଅତିଥି ପରିଚୟ ଏବଂ ଧନ୍ୟବାଦ ପ୍ରଦାନ ଏବଂ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଦର ବି ଡି ଓ, ସିଦ୍ଧାର୍ଥ ପଟ୍ଟନାୟକ,ପୌର ନିର୍ବାହୀ ଅଧିକାରୀ କାବେରୀ ମୁଦୁଲି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରସ୍ମିବାଳା ପରିଡ଼ା, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ କୃଷି, ଶ୍ରେୟା ଶାଶ୍ୱତୀ,ଆର ଆଇ ଅଫ ପୁଲିସ ଶ୍ରୀ ବିଜୟ କୁମାର ସାହୁ , ଉପଖଣ୍ଡ ପୋଲିସ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ସରୋଜ କୁମାର ମିଶ୍ର, ବୁଦ୍ଧିଜୀବୀ ନିକୁଞ୍ଜ ପଟ୍ଟନାୟକ, ଶୁଭ୍ରାଂଶୁ ସାମନ୍ତରାୟ, ପ୍ରାକ୍ତନ ଆରକ୍ଷୀ ଅଧିକ୍ଷକ ଦେବ ପ୍ରସାଦ ମଜୁମଦାର, ବୁଦ୍ଧିଜୀବୀ ସତ୍ୟବାଦୀ ବଳିୟାର ସିଂହ, ଭୀମ ସେନ ପ୍ରଧାନ, ସମାଜସେବୀ ଇତିଶ୍ରୀ ସାହୁ,ପ୍ରାଣ ନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧ୍ୟାପକ, ପଦାର୍ଥ ବିଜ୍ଞାନ ଡ଼ଃ ସୁବୋଧ ଜଗଦେବ ଙ୍କ ସମେତ ସଂପୃକ୍ତ ବିଭାଗର ଅଧିକାରୀ,ସ୍ୱାଧୀନତା ଦିବସ ପାଳନ କମିଟି ସମସ୍ତ ସଦସ୍ୟ/ ସଦସ୍ୟା, ବୁଦ୍ଧିଜୀବୀ, ସହରର ମାନ୍ୟ ଗଣ୍ୟ ବ୍ୟକ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ

ନୀଳଗିରି , ୨୫/୭ (ନି.ପ୍ର): ଶୁକ୍ରବାର ଦିବା ୧୧ଘଟିକା ସମୟରେ ନୀଳଗିରି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସାମାଜିକ ସମୀକ୍ଷା ବୈଠକରେ ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ, ଉପାଧକ୍ଷ ଶ୍ରୀଯୁକ୍ତ ଜ୍ୟୋତିର୍ମୟ ପୋଥାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମ କେଶରୀ ପରିଡ଼ା, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଁ. ଶ୍ରୀଯୁକ୍ତ ଗୟାଧର ସିଂ ପ୍ରମୁଖ ମଞ୍ଚାସିନ ଥିଲେ।ଏହି ବ୍ଲକ୍ ସ୍ତରୀୟ ଜନ ଶୁଣାଣି ଆର୍ଥିକ ବର୍ଷ ୨୦୨୬-୨୭ ର ପ୍ରଥମ ପର୍ଯ୍ୟାୟ ଗତ ୧ ଅକ୍ଟୋବର ୨୦୨୫- ୩୧ ମାର୍ଚ୍ଚ୨୦୨୬ ମଧ୍ୟରେ ସମ୍ପାଦିତ ସମସ୍ତ କାର୍ଯ୍ୟର ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତ ମାନଙ୍କରେ ସରକାରଙ୍କ ପକ୍ଷରୁ ଅନୁଦାନ ରାଶିରେ ବିଭିନ୍ନ କ୍ଷେତ୍ରରେ ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ଅଞ୍ଚଳରେ ହିତାଧିକାରୀଙ୍କ ଆବାସ ଯୋଜନାରେ ଘର, ସାମାଜିକ ବନୀ କରଣ ଏବଂ ଗ୍ରାମ ସଭା ଉପରେ ଗୁରୁତ୍ୱ ଆରୋପ କରାଥିଲା। ଏହି ସାମାଜିକ ସମୀକ୍ଷାରେ ବିଭିନ୍ନ ପଞ୍ଚାୟତରୁ ନିର୍ବାଚିତ ଜନ ପ୍ରତିନିଧି,ଜୋବ କାର୍ଡ ଧାରୀ ଶ୍ରମିକ,ସମାଜସେବୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ଏନ୍.ଜି.ଓ., ଜନସାଧାରଣ ଏବଂ ଗଣ ମାଧ୍ୟମର ପ୍ରତିନିଧିଗଣ ଯୋଗ ଦେଇଥିଲେ।

# ଚଳିତ ଜୁଲାଇ ୨୭ ତାରିଖ ଦିନ ଉଦଳାଠାରେ ଯୁଗ୍ମ ଜନଶୁଣାଣି ଶିବିର

ଉଦଳା , ୨୫/୭ (ନି.ପ୍ର): ଚଳିତ ଜୁଲାଇ ୨୭ ତାରିଖ ସୋମବାର ଦିନ କପ୍ତିପଦା ଉପଖଣ୍ଡ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ । ଉଦଳାସ୍ଥିତ ଉପଜିଲ୍ଲାପାଳଙ୍କ ପ୍ରତକ୍ଷ ତତ୍ୱାବଧାନରେ ତାଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହେବାକୁ ଥିବା ଏହି ଶୁଣାଣି କାର୍ଯ୍ୟ ପୁର୍ବାହ୍ନ ୧୦ ଘଟିକା ସମୟରେ ଅନୁଷ୍ଠିତ ହେବ । ସରକାରୀ ଯୋଜନାର କାର୍ଯ୍ୟକାରିତା, ଦୁର୍ନିତୀ, ଜନକଲ୍ୟାଣ, ସାମାଜିକ ସୁରକ୍ଷା ଆଦି ସମ୍ବଳିତ ବ୍ୟକ୍ତିଗତ ବା ସାମୂହିକ ସମସ୍ୟା ନେଇ ନିର୍ଦ୍ଧାରିତ ସମୟ ପୁର୍ବରୁ ପହଂଚି ନିଜ ଦରଖାସ୍ତକୁ ପଂଜିକୃତ କରାଇବାକୁ କପ୍ତିପଦା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ସୁଚନା ପ୍ରଦାନ କରାଯାଇଛି ।

# ଶିଶୁ ପତ୍ରିକା କଇଁଫୁଲ ଉନ୍ମୋଚିତ




ବଡ଼ସାହି , ୨୫/୭ (ନି.ପ୍ର): ଶତଦଳ ଶିଶୁ ସାହିତ୍ୟ ପ୍ରତିଷ୍ଠାନ, ବେତନଟୀ ଦ୍ୱାରା ପ୍ରକାଶିତ ତ୍ରୈମାସିକ ଶିଶୁ କିଶୋର ପତ୍ରିକା କଇଁଫୁଲ ର ୨୩ ତମ ସଂଖ୍ୟାର ଉନ୍ମୋଚନ ଉତ୍ସବ ବଡସାହି ବ୍ଲକ୍ ଅଧୀନସ୍ଥ ବିଜୟ ଉଚ୍ଚ ବିଦ୍ୟାଳୟ, ବାଘମରା ପରିସରରେ ଆୟୋଜିତ ହୋଇଯାଇଛି । ଏଥିପାଇଁ ଆୟୋଜିତ ସଭାରେ ବିଜୟ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ଏହି ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ମହାନ୍ତ ଅଧକ୍ଷତା କରିଥିଲାବେଳେ ମୟୂର ସାହିତ୍ୟ ସଂସଦ, ବେତନଟୀର ସଭାପତି ବରିଷ୍ଠ କବି ଭାସ୍କର ଦ୍ୱିବେଦୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଶିଶୁ ସାହିତ୍ୟ କିପରି ଭବିଷ୍ୟତ ନାଗରିକ ମାନଙ୍କୁ ଗଠନ କରିପାରେ ତାହା ବିଭିନ୍ନ ମହାପୁରୁଷଙ୍କ ଉଦାହରଣ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ । ମାସିକ ଶିଶୁ ପତ୍ରିକା ଆମ ସୁନାଚାନ୍ଦ ଓ କାକଳୀର ସଂପାଦକ ଡକ୍ଟର କୁମାର ବାବୁଲି ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ବିଭିନ୍ନ ଗଳ୍ପ ମାଧ୍ୟମରେ ଛାତ୍ରୀ ଛାତ୍ରୀଙ୍କୁ ପିତୃମାତୃ ସେବା ଓ ଭକ୍ତିର ମାହାତ୍ମ୍ୟ ବୁଝାଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲେଖକ ପ୍ରତାପ ରଣସିଂ, ଶିକ୍ଷାବିତ୍ ଶିଶିର କୁମାର ଦାଶ ଓ ପରିବେଶବିତ୍ ସୁଶାନ୍ତ କୁମାର କର ଓ କଇଁଫୁଲର ସଂପାଦକ ପର୍ଶୁରାମ ସାହୁ କଇଁଫୁଲ ପତ୍ରିକା ସଂପର୍କରେ ସୂଚନା ଦେଇଥିଲା ବେଳେ ଶିକ୍ଷକ କବି ନାରଦ ସୁନ୍ଦର ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ତିନିଜଣ ପ୍ରତିଭାବାନ୍ ଛାତ୍ର-ଛାତ୍ରୀଙ୍କୁ କଇଁଫୁଲ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କଇଁଫୁଲର ଆଜୀବନ ସଦସ୍ୟା ବିଜୟା ପତି, ବନମାଳୀ ନାଏକ ବିଶେଷ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ନୀରଦ ସୁନ୍ଦର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଇସ୍ତଫା ଦେଲେ...

ମୋତେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଦେଶସେବା କରିବାର ସୁଯୋଗ ମିଳିଥିବାରୁ ମୁଁ ତାଙ୍କ ପ୍ରତି ମୋର କୃତଜ୍ଞତା ଜ୍ଞାପନ କରୁଛି। ଏହା ମୋର ଦୃଢ଼ ସଂକଳ୍ପ ଯେ ଆମେ ଦେଶର ଯୁବଶକ୍ତିକୁ କୌଣସି ଭ୍ରମ କିମ୍ବା ଦ୍ୱନ୍ଦ୍ୱ ଜାଲରେ ଫସିବାକୁ ଦେବୁ ନାହିଁ। ଧର୍ମେନ୍ଦ୍ର କହିଛନ୍ତି, ଯନ୍ତର ମନ୍ତର ଏବଂ ସାରା ଦେଶରେ ସୃଷ୍ଟି ହୋଇଥିବା ପରିସ୍ଥିତିର ସୁଯୋଗ ଯେପରି କୌଣସି ଦେଶବିରୋଧୀ ଶକ୍ତି ନ ନିଅନ୍ତି, ଦେଶର ଏକତା ଯେପରି ଅକ୍ଷୁଣ୍ଣ ରହେ, ଭାରତର ଜଣେ ହେଲେ ସୁଦ୍ଧା ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଯେପରି କୌଣସି ଆଇନଗତ ଜଟିଳତା ମଧ୍ୟରେ ଛନ୍ଦି ହୋଇ ନପଡ଼େ ଏବଂ ଆମର ପିଲାମାନେ ଯେପରି ନିଜ ପାଠପଢ଼ାରେ ମନୋନିବେଶ କରି କ୍ୟାରିୟର ଗଢ଼ିବା ଉପରେ ଧ୍ୟାନ ଦିଅନ୍ତି — ଏହାକୁ ଦୃଷ୍ଟିରେ ରଖି ମୁଁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନିକଟରେ ମୋର ଇସ୍ତଫା ପତ୍ର ପ୍ରଦାନ କରିଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଖବର ପାଇବା ପରେ ଯନ୍ତର ମନ୍ତରରେ ଉତ୍ସବର ମାହୋଲ ଦେଖିବାକୁ ମିଳିଛି। 'ଛାତ୍ର ଶକ୍ତି ଜିନ୍ଦାବାଦ' ନାରାରେ ପ୍ରକମ୍ପିତ ହୋଇଛି ପୂରା ଯନ୍ତରମନ୍ତର। ଯନ୍ତର ମନ୍ତରରରେ ମଞ୍ଚ ଉପରୁ ଧର୍ମେନ୍ଦ୍ରଙ୍କ ଇସ୍ତଫା କଥା ଘୋଷଣା କରି ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ କହିଛନ୍ତି, ଆମେ କରି ଦେଖାଇଲୁ। ସେମାନେ କହୁଥିଲେ ଯେ ଏହି ସରକାରରେ କେହି ଇସ୍ତଫା ଦେବେ ନାହିଁ। କିନ୍ତୁ ଆମେ ଏହା କରି ଦେଖାଇ ଦେଲୁ। ସିଜେପି କହିଛି ଯେ ଆହୁରି ୩ଟି ଦାବି ପୂରଣ ହେବା ବାକି ଅଛି। ସେମାନଙ୍କ ଅନ୍ୟ ପ୍ରମୁଖ ଦାବିଗୁଡ଼ିକ ହେଉଛି, ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ବିରୋଧରେ ସରକାର କୌଣସି ମାମଲା କରିବେ ନାହିଁ, ନିଟ୍ ପ୍ରଶ୍ନପତ୍ର ଲିକ୍ ପରେ ଯେଉଁ ଆଶାୟୀ ଛାତ୍ରଛାତ୍ରୀମାନେ ଆତ୍ମହତ୍ୟା କରିଥିଲେ ସେମାନଙ୍କ ପରିବାରଗୁଡ଼ିକୁ ସରକାର ୧ କୋଟି ଲେଖାଏ କ୍ଷତିପୂରଣ ପ୍ରଦାନ କରିବେ ଓ ରାପିଡ୍ ଆକ୍ସନ ଫୋର୍ସ ଏବଂ ଦିଲ୍ଲୀ ପୁଲିସ୍ ସର୍ବସମ୍ମୁଖରେ କ୍ଷମା ପ୍ରାର୍ଥନା କରୁ। ସମସ୍ତ ଦାବି ପୂରଣ ନେଇ ସରକାରଙ୍କଠାରୁ ଲିଖିତ ପ୍ରତିଶ୍ରୁତି ଦାବି କରିଛି ସିଜେପି। ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ବିରୋଧରେ କୌଣସି ମାମଲା ରୁଜୁ କରାଯିବ ନାହିଁ ଓ ନିଟ୍ ପ୍ରଶ୍ନପତ୍ର ଲିକ୍ ପରେ ଯେଉଁ ଆଶାୟୀ ଛାତ୍ରଛାତ୍ରୀମାନେ ଆତ୍ମହତ୍ୟା କରିଥିଲେ ସେମାନଙ୍କ ପରିବାରଗୁଡ଼ିକୁ ୧ କୋଟି ଲେଖାଏ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଗତକାଲି ସିଜେପି ସହିତ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ବେଳେ ଦୁଇ କେନ୍ଦ୍ର ମନ୍ତ୍ରୀ ଜେ.ପି ନଡ୍ଡା ଓ ଜିତେନ୍ଦ୍ର ସିଂହ କଥିତ ପ୍ରତିଶ୍ରୁତି ଦେଇଥିଲେ।

## ସୃଷ୍ଟି ହେଲା ଲଘୁଚାପ...

ସେହିପରି ଓ ଆସନ୍ତକାଲି କେନ୍ଦୁଝର ରେ ଅତ୍ୟନ୍ତ ପ୍ରବଳ ବର୍ଷା ପାଇଁ ରେଡି ଆଲର୍ଟ ଥିବା ବେଳେ ଯାଜପୁର କଟକ ଢେଙ୍କାନାଳ ଅନୁଗୁଳ, ଦେଓଗଡ ସମ୍ବଲପୁର ଝାରସୁଗୁଡା, ସୁନ୍ଦରଗଡ, ମୟୁରଭଞ୍ଜ ଓ ବରଗଡ଼ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଓ୍ୱାରେଞ୍ଜ ବର୍ଣ୍ଣିଙ୍ଗ ଜାରି କରିଛି ପାଣିପାଗ ବିଭାଗ। ସେହିପରି କଳାହାଣ୍ଡି, ନୂଆପଡା, ବଲାଙ୍ଗୀର , ସୋନପୁର, ବୌଦ୍ଧ, କନ୍ଧମାଳ, ନୟାଗଡ, ଖୋର୍ଦ୍ଧା, ପୁରୀ ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ ଓ ବାଲେଶ୍ୱର ରେ ପ୍ରବଳ ବର୍ଷା କୁ ନେଇ ୟେଲୋ ବର୍ଣ୍ଣିଙ୍ଗ ଜାରି କରିଛି ପାଣିପାଗ ବିଭାଗ। ୭ ଦିନ ଅର୍ଥାତ ୩୧ ତାରିଖ ଯାଏ ପ୍ରବଳ ବର୍ଷା ସମ୍ଭାବନା ଥିବା ବେଳେ ବିଭିନ୍ନ ଜିଲ୍ଲାକୁ ହଳଦିଆ ଓ କମଳା ଚେତାବନୀ ଦେଇଛି ବିଭାଗ। ଏପଟେ ପୁରୀ ରେ ରଥ ଯାତ୍ରା ର ଉତ୍ସବ ଲାଗିଥିବା ବେଳେ ଆଜି ଅର୍ଥାତ ସୁନାବେଶରେ ଅତି ପ୍ରବଳ ବର୍ଷା ସହ ଆସନ୍ତାକାଲି ପ୍ରବଳ ବର୍ଷା ପାଇଁ ଚେତାବନୀ ଦେଇଛି ବିଭାଗ। ସେପଟେ ଲଗାଣ ବର୍ଷା କାରଣରୁ ମହାନଦୀ , ବ୍ରାହ୍ମଣୀ ଏବଂ ବୈତରଣୀ ଉପର ମୁଣ୍ଡରେ ଜଳସ୍ତର ବୃଦ୍ଧି ପାଇବ। ତଳିଆ ଅଞ୍ଚଳରେ ବନ୍ୟାର ଆଶଙ୍କା ସୃଷ୍ଟି ହୋଇପାରେ ବୋଲି ଆକଳନ କରିଛି ପାଣିପାଗ ବିଭାଗ । ସେପଟେ ଉତ୍ତର ଓଡିଶା ଉପକୂଳରେ ୪୦ ରୁ ସର୍ବାଧିକ ୬୦ କିମି ପବନ ବହିବାର ସମ୍ଭାବନା ଥିବା ବେଳେ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆସନ୍ତା ୨୫ ରୁ ୨୭ ୩ ଦିନ ଯାଏ ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବିଙ୍କୁ ଯିବାକୁ ବାରଣ କରିଛି ବିଭାଗ । ଅନ୍ୟପଟେ ଗତ ୨୪ ଘଂଟାରେ ୧୩ ଜିଲ୍ଲାରେବର୍ଷା ରେକର୍ଡ ହୋଇଥିବା ବେଳେ ସୁନ୍ଦରଗଡ ପାନପୋଷ ଠାରେ ସର୍ବାଧିକ ୯୮. ୮ ମିମି ବର୍ଷା ରେକର୍ଡ ହୋଇଛି।

## ଇରାନ ପରମାଣୁ ଅସ୍ତ୍ର ...

ଆୟତୋଲ୍ଲା ଅଲି ଖେମିନିଙ୍କ ତୁଳନାରେ ପରମାଣୁ ଅସ୍ତ୍ର ହାସଲ କରିବାକୁ ବହୁ ଆଗ୍ରହୀ। ଆମେରିକୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକ ଅନୁସାରେ ମୋଜତାବା ପରମାଣୁ ଅସ୍ତ୍ର ହାସଲ କରିବା ପାଇଁ ମହତ୍ତ୍ୱାକାଂକ୍ଷା ରଖିଛନ୍ତି। ତେବେ ଚଳିତ ବର୍ଷ ମାର୍ଚ୍ଚରେ ସର୍ବୋଚ୍ଚ ନେତା ହେବା ପରଠାରୁ ସେ ପରମାଣୁ ଅସ୍ତ୍ର ବିକାଶ ବିଷୟରେ କୌଣସି ବିବୃତି ଦେଇ ନାହାନ୍ତି। ଅନୁମାନ କରାଯାଉଛି ମୋଜତାବା ଏକ ଏପରି ଯୁଦ୍ଧାସ୍ତ୍ର ଖୋଜୁଛନ୍ତି ଯାହାକୁ ଏକ ଦୂରଗାମୀ କ୍ଷେପଣାସ୍ତ୍ରରେ ଫିଟ୍ କରାଯାଇପାରିବ। ସେ ଏହା ଉପରେ କାମ ମଧ୍ୟ କରୁଛନ୍ତି। ନ୍ୟୁୟର୍କ ଟାଇମ୍ସ ଲେଖିଛି, ଯଦି ଏହା ପ୍ରମାଣିତ ହେବ ଯେ ଇରାନର ସର୍ବୋଚ୍ଚ ନେତା ପରମାଣୁ ବୋମା ହାସଲ କରିବାକୁ ପ୍ରସ୍ତୁତି କରୁଛନ୍ତି, ତେବେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ବୃଦ୍ଧି ପାଇଁ ଏହା ଏକ କାରଣ ହୋଇପାରେ। ଆମେରିକୀୟ ଖବରକାଗଜ, ଓ୍ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ଦାବି କରିଛି ଯେ, ଇରାନ ପିକାକ୍ସ ମାଉଣ୍ଟେନ୍‌ରେ ଏକ ଭୂତଳ କମ୍ପ୍ଲେକ୍ସରେ ସେଣ୍ଟ୍ରିଫ୍ୟୁଜ୍ ସଂରକ୍ଷଣ କରିଛି। ରିପୋର୍ଟ ଅନୁଯାୟୀ, ଫୋର୍ଡୋର ଗୁପ୍ତ ପରମାଣୁ କେନ୍ଦ୍ରରେ ବୋମା ବିସ୍ଫୋରଣ ପରେ, ଇରାନ ଆମେରିକୀୟ ବୋମା କେତେ ଗଭୀରତା ପର୍ଯ୍ୟନ୍ତ ପ୍ରଭାବଶାଳୀ ହେଉଛି ତାହା ପରୀକ୍ଷା କରିଥିଲା। ତେହେରାନ ସେଣ୍ଟ୍ରିଫ୍ୟୁଜଗୁଡ଼ିକୁ ପିକାକ୍ସ ପର୍ବତକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଥିଲା। କାରଣ ଏହା ଭୂପୃଷ୍ଠର ବହୁ ଗଭୀରତାରେ ଅବସ୍ଥିତ। ଆମେରିକାର ଗୁଇନ୍ଦା ସଂସ୍ଥାଗୁଡ଼ିକ ସତର୍କ କରାଇ ଦେଇଛନ୍ତି ଯେ, ସମ୍ଭାବ୍ୟ କମାଣ୍ଡୋ ଅପରେସନର ଆଶଙ୍କାରେ ଇରାନ ସେଠାରେ ସ୍ଥଳସେନା ମୁତୟନ କରିଛି। ଏହି ଗୁଇନ୍ଦା ରିପୋର୍ଟ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚିନ୍ତା ବଢ଼ାଇ ଦେଇଛି।

## ସିନେଟରେ ଏଚ୍-୧-ବି ଭିସା ସମ୍ପର୍କିତ...

ଏହି କର୍ମଚାରୀମାନଙ୍କର ତତ୍ତ୍ୱଗତ କିମ୍ବା ବୈଷୟିକ ଦକ୍ଷତା ରହିଥିବା ଆବଶ୍ୟକ। ଆମେରିକୀୟ ପ୍ରଯୁକ୍ତିବିଦ୍ୟା କମ୍ପାନିଗୁଡ଼ିକ ପ୍ରତିବର୍ଷ ଭାରତ ଏବଂ ଚୀନ୍ ଭଳି ଦେଶରୁ ହଜାର ହଜାର କର୍ମଚାରୀଙ୍କୁ ନିଯୁକ୍ତି ଦେବା ପାଇଁ ଏହି ଭିସା ଉପରେ ନିର୍ଭର କରିଥାନ୍ତି। ଯୋଗ୍ୟ ଏବଂ କଠିନ ପରିଶ୍ରମୀ ଆମେରିକୀୟମାନଙ୍କୁ ଶସ୍ତା ବିଦେଶୀ ଶ୍ରମିକଙ୍କ ସହିତ ବଦଳାଇବା ପାଇଁ ନୁହେଁ, ବରଂ ବିଶେଷଜ୍ଞଙ୍କ ପଦବୀ ପାଇଁ ଶ୍ରମିକ ଅଭାବକୁ ପୂରଣ କରିବା ପାଇଁ ଏହି ଭିସା କାର୍ଯ୍ୟକ୍ରମ ସୃଷ୍ଟି କରାଯାଇଥିଲା। ସେ କହିଛନ୍ତି, ମୁଁ ଯେଉଁ ବିଲ୍ ଆଗତ କରିଛି, ତାହା ହେଉଛି ଏଚ୍-୧-ବି ଅପବ୍ୟବହାର ସମାପ୍ତି ଆଇନ, ଏହି କାର୍ଯ୍ୟକ୍ରମକୁ ଏହାର ପ୍ରକୃତ ଉଦ୍ଦେଶ୍ୟକୁ ଫେରାଇ ଆଣିବା ସହ ଆମେରିକୀୟ ଶ୍ରମିକମାନଙ୍କୁ ପ୍ରାଥମିକତା ଦେବ। ଏହି ଆଇନ ଅପବ୍ୟବହାରକୁ ଉତ୍ସାହିତ କରୁଥିବା ନୀତିଗୁଡ଼ିକୁ ବନ୍ଦ କରି କଠୋର ସୁରକ୍ଷା ନିୟମ ସୃଷ୍ଟି କରିବା ସହିତ ଆମର ଜାତୀୟ ସୁରକ୍ଷା ସ୍ୱାର୍ଥକୁ ପ୍ରାଥମିକତା ଦେବ। ଏହି ବିଲ୍ ସ୍ଥାୟୀ ଭାବରେ ଏକ ଦରମା-ଭିତ୍ତିକ ଚୟନ ପ୍ରଣାଳୀ କାର୍ଯ୍ୟକାରୀ କରିବାକୁ କହିଛି। ଏହା ସହ ରାଣ୍ଡମ ଲଟେରୀକୁ ବଦଳାଇବାକୁ ପ୍ରସ୍ତାବ ଦେଇଛି। ଏଥିରେ ଏକ କାଳୀନ ବହୁ ସ୍ଥାନରେ କାର୍ଯ୍ୟ କରୁଥିବା ଏବଂ ତୃତୀୟ-ପକ୍ଷ କର୍ମଚାରୀ-ଏଜେନ୍ସି ମଡେଲଗୁଡ଼ିକ ଉପରେ ରୋକ ଲଗାଇବାକୁ ମଧ୍ୟ ପ୍ରାବଧାନ ରହିଛି।

# ପ୍ରଦୀପ କୁମାର ରାୟଙ୍କ 'ଅନନ୍ୟା ଅତୁଳନୀୟା' ଲୋକାର୍ପିତ




ଭୁବନେଶ୍ୱର ୨୫/୭: (ନି.ପ୍ର) ଟାଇମପାସ ପ୍ରକାଶନ ପକ୍ଷରୁ ସ୍ଥାନୀୟ ବୁଦ୍ଧମନ୍ଦିର ସଭାଗୃହରେ ଆୟୋଜିତ ଏକ ସ୍ୱତନ୍ତ୍ର ପୁସ୍ତକପର୍ବରେ ଲୋକାର୍ପିତ ହୋଇଯାଇଛି ବିଶିଷ୍ଟ ଲେଖକ ଓ ଅନୁବାଦକ ପ୍ରଦୀପ କୁମାର ରାୟଙ୍କ ଫିଚର ପୁସ୍ତକ 'ଅନନ୍ୟା ଅତୁଳନୀୟା'। ବିଶ୍ୱର ଅଶୀ ଜଣ ପ୍ରେରଣାଦାୟୀ ନାରୀଙ୍କ ସଂଘର୍ଷ ଓ ସଫଳତାର ଲୋମହର୍ଷଣକାରୀ କାହାଣୀକୁ ନେଇ ସଂକଳିତ ଏହି ପୁସ୍ତକ ଉନ୍ମୋଚନ କରି ବରିଷ୍ଠ ଲେଖିକା ପ୍ରଫେସର ସଂଘମିତ୍ରା ମିଶ୍ର କହିଥିଲେ ଯେ ଯୋଉ ଘରର ମୂଳଦୁଆ ଯେତେ ଟାଣ, ସେ ଘର ସେତେ ଅଧିକ ମହଲା ପର୍ଯ୍ୟନ୍ତ ଯାଇପାରେ ! ନାରୀ ସବୁ ସଭ୍ୟତାର ମୂଳଦୁଆ ପରି । ଗାଳ୍ପିକା ତଥା 'କାଦମ୍ବିନୀ'ର ସଂପାଦିକା ଡ. ଇତି ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକଟିର ଭୂୟସୀ ପ୍ରଶଂସା କରି କହିଥିଲେ ଯେ ସମାଜରେ ସଂସ୍କାର ଆଣିଥିବା ନାରୀମାନଙ୍କୁ ଇତିହାସ ସବୁବେଳେ ଅଣଦେଖା କରିଥାଏ । କିନ୍ତୁ ପୁରାଣ ଓ ସାହିତ୍ୟ ସାହସିନୀ ନାରୀଙ୍କର ଗାଥା ବର୍ଣ୍ଣନା କରିଆସିଛି । ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ କବି ତଥା ସମ୍ବାଦ ସାହିତ୍ୟଘରର ରାଜ୍ୟ ସଂଯୋଜିକା ଡ. ଶୁଭଶ୍ରୀ ଲେଙ୍କା କହିଥିଲେ ଯେ ନିଜ ସମୟର ଚିନ୍ତାଧାରାଠାରୁ ଅଧିକ ଭାବିଥାଏ ଜଣେ ନାରୀ । ନାରୀ ମାନେ ଅଧା ପୃଥିବୀର ଅଧିଶ୍ୱରୀ । ଲେଖକ ଶ୍ରୀ ରାୟ ପୁସ୍ତକ ପଛର ପ୍ରେରଣା ଓ ଉପଲବ୍ଧି ବଖାଣିଥିବା ବେଳେ ଲେଖକ ତଥା 'ଟାଇମପାସ୍'ର ନିର୍ଦ୍ଦେଶକ ସରୋଜ ବଳ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ପରିଚାଳନାରେ ସହଯୋଗ କରିଥିଲେ ବିଭୂତି ଖୁଣ୍ଟିଆ, ତିଲୋତ୍ତମା ଦାସ, ସୋନମ ଦାସ, ସୁବ୍ରତ ମହାନ୍ତି, ସସ୍ମିତ ଲେଙ୍କା ଓ ସମାସ ବଳ । ଶତାଧିକ ଲେଖକ ଓ ପାଠକ ପୁସ୍ତକପର୍ବରେ ଯୋଗଦେଇ ଏହାକୁ ସଫଳ କରିଥିଲେ ।

# ଆନ୍ଦୋଳନ , ଧର୍ମଘଟ କେବେ ବିଫଳ ହୁଏ ନାହିଁ

ଭଦ୍ରକ ୨୫/୭(ନି.ପ୍ର) ଗତ ୨୭ଦିନ ଦିଲ୍ଲୀ ଜନ୍ତର ମନ୍ତରେ ଚାଲିଥିବା ଗଣତାନ୍ତ୍ରିକ ଆନ୍ଦୋଳନକୁ ସମର୍ଥନ କରି ସମସ୍ତ ରାଜ୍ୟରେ ଅବାଜ ଉଠିଲା ସେଥିପାଇଁ କେନ୍ଦ୍ର ମଂତ୍ରୀ ମଣ୍ଡଳରୁ ମାନବ ସମ୍ବଳ ଓ ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଇସ୍ତଫା ଦେବାକୁ ପଡିଲା। ଦେଶ ରେ ଗଣତନ୍ତ୍ର ଅଛି ରହିବ। ଜନଗଣ ଙ୍କ କଥା କହିବାର ଅଧିକାର ରହିଛି ରହିବ। ଆନ୍ଦୋଳନକୁ ସମର୍ଥନ କରି ଥିବା ସମସ୍ତଙ୍କର ସହାୟତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି ବୋଲି ଦିବ୍ୟ ସିଂହ ନାୟକ ସି. ପି. ଆଇ (ଏମ୍) ମତବ୍ୟକ୍ତ କରିଛନ୍ତି ।

# ଧର୍ମପରାୟଣା ମହିଳାଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା, ୨୫/୭ (ନି.ପ୍ର): ମାର୍ଶାଘାଇ ତହସିଲ କାର୍ଯ୍ୟାଳୟ ନିକଟ ପୁରୁଷୋତ୍ତମପୁର ଗ୍ରାମର ଧର୍ମପରାୟଣା ମହିଳା ସ୍ୱର୍ଗତ ତ୍ରିବେଣୀ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ମହାକାଳପଡ଼ା କଂଗ୍ରେସ ନେତା ତଥା କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସମ୍ପାଦକ ବିଭ୍ରାଂଶୁ ଶେଖର ଲେଙ୍କା,ତପନ ସାହୁ, ଆଇନଜୀବି ଯଶୋବନ୍ତ ରାଉତ, ବିଚିତ୍ରାନନ୍ଦ ବେହେରା,ବୁଲୁ କିଶୋର ବେହେରା,ଶିଳ୍ପୀ ଅଶୋକ କୁମାର ବେହେରା, ଅମରେଶ ପଟେଲ, କୁଲୁ ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବଡ଼ ପୁଅ ପ୍ରୀତିଶ ରଞ୍ଜନ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

# ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଶାନ୍ତିପୂର୍ଣ୍ଣ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ସତ୍ୟାଗ୍ରହ




ଭଦ୍ରକ , ୨୫/୭ (ନି.ପ୍ର): ଦିଲ୍ଲୀର ଯନ୍ତର-ମନ୍ତର ଠାରେ ଛାତ୍ର/ଛାତ୍ରୀ ମାନେ ନିଜର ହକ ପାଇଁ ଓ ନିଟ ପେପର ଲିକ ଘଟଣାକୁ ବିରୋଧ କରି ଆନ୍ଦୋଳନ କରୁଥିବା ବେଳେ ସରକାର ପୋଲିସ ଲଗାଇ ଯେଉଁ ଭଳି ଭାବେ ସେମାନଙ୍କୁ ମାଡ଼ମାରି କ୍ଷତାକ୍ତ କରିଥିବା ବେଳେ ସେମାନଙ୍କୁ ଆନ୍ଦୋଳନକୁ ସମର୍ଥନ କରି ଘଟଣା ସ୍ଥଳରେ ପହଂଚି ଥିବା ବିରୋଧି ଦଳର ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳର ଅନ୍ୟ ନେତୃବୃନ୍ଦ ଙ୍କ ପ୍ରତି ପୋଲିସ ଯେଉଁ ଭଳି ଦୁଃବ୍ୟବହାର ପ୍ରଦର୍ଶନ କରିଛି ତାହାକୁ ବିରୋଧ କରି ଆଜି ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ସଭାପତି ନଳିନୀ ମହାନ୍ତିଙ୍କ ନେତୃତ୍ୱରେ ଧାମନଗର ନିର୍ବାଚନ ମଣ୍ଡଳୀର ଅସୁରାଳି ଠାରେ ଶାନ୍ତିପୂର୍ଣ୍ଣ କ୍ୟାଣ୍ଡାଲ ଶୋଭାଯାତ୍ରା ଓ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି । ଏହି କ୍ୟାଣ୍ଡାଲ ଶୋଭାଯାତ୍ରା ଅସୁରକ୍ଷଳି ବଜାର ପରିକ୍ରମା କରି ବଜାର ମଧ୍ୟ ସ୍ଥଳରେ ଥିବା ଦୁର୍ଗା ମଣ୍ଡପ ରେ ପହଂଚି ଥିଲା କ୍ଷକ୍ଷ ପରେ ମହାତ୍ମାଗାନ୍ଧୀଙ୍କ ଫଟୋଚିତ୍ର ସମ୍ମୁଖରେ ଅନୁଷ୍ଠିତ ସତ୍ୟାଗ୍ରହରେ ଜିଲ୍ଲା ସଭାପତିଙ୍କ ସମେତ ଦଳୀୟ ନେତୃବୃନ୍ଦ ଓ କର୍ମୀ ମାନେ ସାମିଲ ହୋଇଥିଲେ । ଆୟୋଜିତ କ୍ୟାଣ୍ଡାଲ ଶୋଭାଯାତ୍ରା ଓ ସତ୍ୟାଗ୍ରହରେ ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ପୀତବାସ ଧଳ, ଜିଲ୍ଲା ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନା, ଅଭିଷେକ ରାଉତ,ବିଜୟ ବାରିକ,ଧାମନଗର ବ୍ଲକ ସଭାପତି ଅରବିନ୍ଦ ନାୟକ, ହୃଦାନନ୍ଦ ସେଠି,ବିଦ୍ୟାଧର ଜେନା,ନାରୀନେତ୍ରୀ ଜାନକୀ ମଲ୍ଲିକ, ନିମାଇଁ ଚରଣ ଜେନା, ପ୍ରସନ୍ନ ଧଳ, ନରେନ୍ଦ୍ର ମଲ୍ଲିକ,ପ୍ରଦୀପ୍ତ କିଶୋର ଦାସ, ସୁଧାଂଶୁ ଶେଖର ଦାସ, ରବୀନ୍ଦ୍ର ବେହେରା, ନିରାକାର ଧଳ, ସୁଧୀର ଖୁଣ୍ଟିଆ ଆଲୋକ ଦାସ, ଦୀନବନ୍ଧୁ ଦାସ ପ୍ରମୁଖ ଦଳୀୟ ନେତୃବୃନ୍ଦ ସରକାରଙ୍କ କ୍ରୁର ଶାସନ ବ୍ୟବସ୍ଥାକୁ ତୀବ୍ର ବିରୋଧ କରି ସ୍ଲୋଗାନ ଦେଇ ସତ୍ୟାଗ୍ରହରେ ସାମିଲ ହୋଇଥିଲେ । କେନ୍ଦ୍ର ସରକାରଙ୍କ ଶିକ୍ଷା ନୀତି ସମ୍ପୂର୍ଣ ଭୁଶୁଡି ପଡିବା ସହ ଶିକ୍ଷା କ୍ଷେତ୍ରରେ ବିଫଳତା ଓ ପରୀକ୍ଷା ଓ ପରିଚାଳନା ରେ ଅନିୟମିତତା କାରଣରୁ ଲକ୍ଷ ଲକ୍ଷ ଯୁବ ଓ ଛାତ୍ର ମାନଙ୍କ ଭବିଷ୍ୟତ କୁ ଅନ୍ଧାର ମଧ୍ୟକୁ ଠେଲି ଦିଆଯାଇଛି । କଂଗ୍ରେସ ଦଳ ସର୍ବଦା ଯୁବ ଛାତ୍ର ମାନଙ୍କ ପାଇଁ ଲଢେଇ କରି ଆସିଛି ବୋଲି ଜିଲ୍ଲା ସଭାପତି ଶ୍ରୀ ନଳିନୀ ମହାନ୍ତି ଆୟୋଜିତ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ସତ୍ୟାଗ୍ରହରେ ମତପ୍ରକାଶ କରିଛନ୍ତି ।

# ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି ପକ୍ଷରୁ ବାଣିଜ୍ୟ ଓ ଅର୍ଥନୀତି ପାଠ୍ୟକ୍ରମର ନୂତନ ଶିକ୍ଷାବର୍ଷ ୨୦୨୬ ଆରମ୍ଭ

ଭୁବନେଶ୍ୱର, ୨୫/୭ (ନି.ପ୍ର): ପୂର୍ବ ଭାରତର ଅଗ୍ରଣୀ ଉଚ୍ଚଶିକ୍ଷା ଅନୁଷ୍ଠାନ 'ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି' (ବିଜିୟୁ) ପକ୍ଷରୁ ବି.କମ୍ (୨୦୨୬-୩୦), ଏମ୍.କମ୍ (୨୦୨୬-୨୮), ଏମ୍.ବି.ଏ (ଫିନ୍-ଟେକ୍) (୨୦୨୬-୨୮), ବି.ଏସ୍.ସି ଅର୍ଥନୀତି (୨୦୨୬-୩୦) ଏବଂ ଏମ୍.ଏସ୍.ସି ଅର୍ଥନୀତି (୨୦୨୬-୨୮) ପାଠ୍ୟକ୍ରମର ନୂତନ ଛାତ୍ରଛାତ୍ରୀମାନଙ୍କୁ ନେଇ ଶିକ୍ଷାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିର୍ଲା ସ୍କୁଲ୍ ଅଫ୍ କମର୍ସ ଏବଂ ବିର୍ଲା ସ୍କୁଲ୍ ଅଫ୍ ଇକୋନୋମିକ୍ସର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ 'ଏ.ଏମ୍.ଏଲ୍ ରାଇଟ୍ ସୋର୍ସ'ର ଡାଇରେକ୍ଟର - ଟ୍ୟାଲେଣ୍ଟ ଏକ୍ୱିଜିସନ୍, ଏପାକ୍ ର ଶ୍ରୀମତୀ ରୀତିକା ସୁଦ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ 'ଏ.ୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ'ର ଆଞ୍ଚଳିକ ମୁଖ୍ୟ ଶ୍ରୀ ଅମିତ ଜଗାମ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହାସହ ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟିର କୁଳପତି ପ୍ରଫେସର କୁଲଭୂଷଣ ବଲୁନି, ବିର୍ଲା ସ୍କୁଲ୍ ଅଫ୍ କମର୍ସର ଡିନ୍ ପ୍ରଫେସର ପ୍ରଦୀପ୍ତ କୁମାର ସାନ୍ୟାଲ, ବିର୍ଲା ସ୍କୁଲ୍ ଅଫ୍ ଇକୋନୋମିକ୍ସର ଡିନ୍ ଡ଼ଃ ଅଜିତ କୁମାର ଦାଶ ଏବଂ କୁଳସଚିବ ଶ୍ରୀ ତନ୍ମୟ କୁମାର ପଟ୍ଟନାୟକଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା, ପ୍ରାକ୍ତନ ଛାତ୍ରଛାତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅଭିଭାଷଣରେ ମୁଖ୍ୟ ଅତିଥି ଶ୍ରୀମତୀ ରୀତିକା ସୁଦ୍ କହିଥିଲେ, 'ଶିକ୍ଷା ଆରୋହଣର କୌଣସି ଶେଷ ନାହିଁ। ଏହି କ୍ରମାଗତ ପରିବର୍ତ୍ତନଶୀଳ ଯୁଗରେ ନିଜର ଜିଜ୍ଞାସା ବଜାୟ ରଖନ୍ତୁ, ଲକ୍ଷ୍ୟପ୍ରତି ଏକାଗ୍ର ରୁହନ୍ତୁ ଏବଂ ସଦାସର୍ବଦା ନୂତନତ୍ୱକୁ ଆପଣେଇବା ପାଇଁ ତତ୍ପର ରୁହନ୍ତୁ।' ଏହି ଅବସରରେ ସମ୍ମାନିତ ଅତିଥି ଶ୍ରୀ ଅମିତ ଜଗାମ୍ ନିଜ ବକ୍ତବ୍ୟରେ କହିଥିଲେ, 'ଭାରତ ଆଜି ବିଶ୍ୱର ଅନ୍ୟତମ ଦ୍ରୁତ ବିକାଶଶୀଳ ଅର୍ଥବ୍ୟବସ୍ଥା ଭାବେ ଉଭା ହେଉଥିବା ବେଳେ, ଏହାର ଭବିଷ୍ୟତକୁ ନୂଆ ରୂପ ଦେବାର ସୁଯୋଗ ଆପଣମାନଙ୍କ ପାଖରେ ରହିଛି। ନିଜର ଦକ୍ଷତା ଓ ମୂଲ୍ୟବୋଧ ବୃଦ୍ଧି କରନ୍ତୁ ଏବଂ ପ୍ରତ୍ୟେକ ସୁଯୋଗର ସଦୁପଯୋଗ କରନ୍ତୁ।' ନୂତନ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି କୁଳପତି ପ୍ରଫେସର କୁଲଭୂଷଣ ବଲୁନି କହିଥିଲେ, 'ସଫଳତା କେବଳ ସଂଯୋଗରୁ ମିଳେନାହିଁ, ଏହା ସଠିକ୍ ମାନସିକତା ଏବଂ ନିରନ୍ତର ପରିଶ୍ରମ ଦ୍ୱାରା ପ୍ରାପ୍ତ ହୋଇଥାଏ। ଆମର ବାଣିଜ୍ୟ ଓ ଅର୍ଥନୀତିର ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରରେ ଆଗଭର କରିବା ପାଇଁ ବିଜୁୟୁ ପକ୍ଷରୁ ପାଠ୍ୟକ୍ରମ ସହ ଫ୍ରେଞ୍ଚ (ଫରାସୀ) ଭାଷା ଶିକ୍ଷାକୁ ସାମିଲ୍ କରାଯାଇଛି। ନୂତନ ବ୍ୟାଚ୍ ?କୁ ସ୍ୱାଗତ କରି ବିର୍ଲା ସ୍କୁଲ୍ ଅଫ୍ କମର୍ସର ଡିନ୍ ପ୍ରଫେସର ପ୍ରଦୀପ୍ତ କୁମାର ସାନ୍ୟାଲ କହିଥିଲେ, "ପାଠ୍ୟପୁସ୍ତକ ଧାରଣା ବୁଝିବାରେ ସାହାଯ୍ୟ କରେ, କିନ୍ତୁ ପ୍ରକୃତ ଶିକ୍ଷା ଅନୁଭୂତିରୁ ଆସିଥାଏ। ବ୍ୟାବହାରିକ ଜ୍ଞାନକୁ ଆପଣାନ୍ତୁ ଏବଂ କୃତ୍ରିମ ବୁଦ୍ଧିମତ୍ତା ଓ ନୂତନ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରି ଶିକ୍ଷାଲାଭର ମାଧ୍ୟମକୁ ବିସ୍ତୃତ କରନ୍ତୁ।" ନିଜର ବିଚାର ପ୍ରକାଶ କରି ବିର୍ଲା ସ୍କୁଲ୍ ଅଫ୍ ଇକୋନୋମିକ୍ସର ଡିନ୍ ଡକ୍ଟର ଅଜିତ କୁମାର ଦାଶ କହିଥିଲେ, 'ଆଜି ଆପଣଙ୍କ ସ୍ୱପ୍ନ ଏବଂ ଆକାଂକ୍ଷା ପୂରଣ ଦିଗରେ ଏକ ନୂତନ ଯାତ୍ରାର ଆରମ୍ଭ।'

# ରେଡିଓ ଭାବଗ୍ରାହୀରେ ଜାତୀୟ ପ୍ରସାରଣ ଦିବସ

କେନ୍ଦ୍ରାପଡ଼ା, ୨୫/୭ (ନି.ପ୍ର): ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ଏକ ମାତ୍ର ଗୋଷ୍ଠୀ ବେତାର କେନ୍ଦ୍ର ବାରୁଅ ସ୍ଥିତ ରେଡିଓ ଭାବଗ୍ରାହୀ ଆନୁକୁଲ୍ୟରେ ଜାତୀୟ ପ୍ରସାରଣ ଦିବସ ଯଥାବିଧି ପାଳିତ ହୋଇଯାଇଛି। ରେଡିଓ ଭାବଗ୍ରାହୀର ସରୋଜିନୀ ଷ୍ଟୁଡ଼ିଓରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ଭାବଗ୍ରାହୀ କଳା ନିକେତନ ଏବଂ ରେଡିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଟ୍ରଷ୍ଟି ଶ୍ରୀମତୀ ଧୀରାମଣି ପରିଡ଼ା ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।ଆର୍ଡିସିଓ୍ୱ ।ଇଓ ର ସଂପାଦକ ଚିତରଞ୍ଜନ ପ୍ରଧାନ ଏବଂ ମହ୍ଲାର ଅର୍କେଷ୍ଟ୍ରାର ସମ୍ପାଦକ ରଞ୍ଜନ କୁମାର ବରାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜାତୀୟ ପ୍ରସାରଣ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଗୀତିକାର ବିମଳ ପ୍ରସାଦ ପରିଡ଼ା ବକ୍ତବ୍ୟ ପ୍ରଦାନ ପୂର୍ବକ କହିଥିଲେ ଯେ ୧୯୨୭ ମସିହା ଜୁଲାଇ ୨୩ ତାରିଖରେ ଇଣ୍ଡିଆନ୍ ବ୍ରଡ୍ କାଷ୍ଟିଙ୍ଗ୍ କମ୍ପାନୀ ପ୍ରଥମ ଥର ପାଇଁ ବମ୍ବେରୁ ରେଡିଓ ପ୍ରସାରଣ ଆରମ୍ଭ କରିଥିଲେ। ୧୯୩୬ ମସିହାରେ ଭାରତ ସରକାର ଏହାକୁ ଅଲ୍ ଇଣ୍ଡିଆ ରେଡ଼ିଓ ଏବଂ ୧୯୫୭ ମସିହାରେ ଆକାଶବାଣୀ ନାମରେ ନାମିତ କରିଥିଲେ। ଅନ୍ୟତମ ଅତିଥି ପ୍ରବଚକ ବିକ୍ରମ କେଶରୀ ପରିଡ଼ା ରେଡିଓ ପ୍ରସାରଣର ବିକାଶକୁ ମନେପକାଇବା ସହିତ ଶିକ୍ଷା, ସୂଚନା ଓ ମନୋରଞ୍ଜନ କ୍ଷେତ୍ରରେ ରେଡିଓର ଭୂମିକାକୁ ସମ୍ମାନ ଦେବା ଜାତୀୟ ପ୍ରସାରଣ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଏହି କ୍ରମରେ ରେଡିଓ ଭାବଗ୍ରାହୀ ବହୁ ଜନ ହିତାୟ , ବହୁ ଜନ ସୁଖାୟ ଉକ୍ତିକୁ ତାର ନିଜସ୍ୱ କାର୍ଯ୍ୟକ୍ରମ ମାଧ୍ୟମରେ ସାକାର କରୁଛି ବୋଲି ରେଡିଓ ଭାବଗ୍ରାହୀ ଟ୍ରଷ୍ଟ ସଭାପତି ସୁଶ୍ରୀ ସଙ୍ଗୀତା ଜେନା ମତବ୍ୟକ୍ତ କରିଥିଲେ। ଆରମ୍ଭରେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଫଟୋ ଚିତ୍ର, ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି, ଭିକାରୀ ବଳ, କବି ଭାବଗ୍ରାହୀ ପରିଡ଼ା ଏବଂ କବି ପତ୍ନୀ ସରୋଜିନୀ ପରିଡ଼ାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ସ୍ୱନକ୍ଷତ୍ର ବିଶେଷାଙ୍କ



## ଶୁଭେଚ୍ଛା



ଦୈନିକ ନିରପେକ୍ଷ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି' ଓ ମୂଲ୍ୟବୋଧ ଭିତ୍ତିକ ସାହିତ୍ୟ ପତ୍ରିକା 'ସାଗରିକା'ର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ରାଜ୍ୟର ସମସ୍ତ ସାହିତ୍ୟପ୍ରେମୀଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା।

**ଡ଼. ଶିଶିର କୁମାର କର**
ଗବେଷକ ଓ ସାହିତ୍ୟିକ, ଶ୍ରୀକଣ୍ଠପୁର ବାଲେଶ୍ୱର

## ଶୁଭେଚ୍ଛା



'ଧ୍ୱନି ପ୍ରତିଧ୍ୱନି'ର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା। ଏହି ସମ୍ବାଦପତ୍ର ସମସ୍ତଙ୍କ ଭିତରେ ଜନାଦୃତ ହୋଇ ସମାଜର ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟକରୁ ଏତିକି ହିଁ କାମନା କରୁଛି।

**ସୁରଜ ଲୋହାର**
ଜିଲ୍ଲା ସଭାପତି, ଯୁବ ମୋର୍ଚ୍ଚା
ଭାରତୀୟ ଜନତା ଯୁବ ମୋର୍ଚ୍ଚା ମୟୂରଭଞ୍ଜ (ପୂର୍ବ)

## With Best Compliments from:



Best Wishes for 36 Annual Day celebration of Dhwani Pratidhwani & Sagarika 2026.

**Krishna Medical Store**
Prop: S.S. Mandal
Mob: 7008789852

## With Best Compliments from:



Best Wishes for 36 Annual Day celebration of Dhwani Pratidhwani & Sagarika 2026.

**MR. HARIHARA GIRI**
Special class Contractor
Guhal Dangri
Mob: 7894726677

## ଶୁଭେଚ୍ଛା



'ଧ୍ୱନୀ ପ୍ରତିଧ୍ୱନି'ର ୩୬ ତମ ସ୍ୱନକ୍ଷତ୍ର ଉତ୍ସବରେ ଶୁଭକାମନା।

ତିଆଡି କଲ୍ୟାଣ ମଣ୍ଡପ,
ବୈଶିଙ୍ଗା, ମୟୂରଭଞ୍ଜ
ଫୋନ-୮୨୪୯୨୨୭୬୯୨,୮୯୧୭୪୪୩୯୬୬

## ଶୁଭେଚ୍ଛା



'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ୩୬ତମ ସ୍ୱନକ୍ଷତ୍ର ସମାରୋହ ଉପଲକ୍ଷେ ଅଜସ୍ର ଶୁଭେଚ୍ଛା।

**ରଞ୍ଜନ କୁମାର ବରାଳ**
କଣ୍ଟ୍ରାକ୍ଟର (ଆରଡବ୍ଲ୍ୟୁଏସଏସ), ରାଇରଙ୍ଗପୁର
ମୋ: ୯୪୩୭୭୯୭୯୭୫

## With Best Compliments from:



**Ashish Parida**
"PRIDE" Volentier Organisetion, Baisinga, Mayurbhanj- 757028
Ph: 9861926926




'ଧ୍ୱନି ପ୍ରତିଧ୍ୱନି'ର ସ୍ୱନକ୍ଷତ୍ରରେ ଶୁଭେଚ୍ଛା।

**ଅନୁପମା ଟ୍ରେଡର୍ସ, ବୈଶିଙ୍ଗା।**




ଓଡ଼ିଶାର ଅଗ୍ରଣୀ ଦୈନିକ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି'ର ୨୦୨୬ ମସିହା ବାର୍ଷିକ ସମାରୋହ ପାଳନ ନିମନ୍ତେ ହାର୍ଦ୍ଦିକ ଶୁଭେଚ୍ଛା !

ଅଧକ୍ଷ ପ୍ରିୟାଂଶୀ ରାଧେ ସାଇନ୍ସ ରେସିଡେନସିଆଲ୍ ହାୟର ସେକେଣ୍ଡାରୀ ସ୍କୁଲ, ବୈଶିଙ୍ଗା, ମୟୂରଭଞ୍ଜ

## With Best Compliments from:



**RAJIB RANJAN SENAPATI**
BETNOTI BLOCK, BJD PRESIDENT
Ph: -9937033908

MINISTRY OF PORTS, SHIPPING AND WATERWAYS
SAGARMALA
DISHA'S FIRST PORT

ପାରାଦୀପ ବନ୍ଦର ପ୍ରାଧିକରଣ
୧ ନମ୍ବର ବୃହତ ବନ୍ଦର
୧୫୬.୦୫ ନିୟୁତ ମେଟ୍ରିକ୍ ଟନ୍
(ଆର୍ଥିକ ବର୍ଷ ୨୦୨୪-୨୫)



ସର୍ବଶ୍ରେଷ୍ଠ ଉତ୍ପାଦନକ୍ଷମ ବନ୍ଦର:
୩୫,୧୦୧ ମେଟ୍ରିକ୍ ଟନ୍/ପ୍ରତିଦିନ ବର୍ଥ ଉତ୍ପାଦକତା
ଭାରତର ସବୁଠାରୁ ବଡ ପ୍ରମୁଖ ବନ୍ଦର

- ବାର୍ଷିକ ୨୮୯ ମିଲିୟନ ଟନ୍ ପରିଚାଳନା କ୍ଷମତା
- ସର୍ବାଧିକ ରେଳ ରେକ୍ ହ୍ୟାଣ୍ଡଲିଂ କ୍ଷମତା
- ଅଗ୍ରଣୀ ଅଶୋଧିତ ତୈଳ ହ୍ୟାଣ୍ଡଲିଂ କ୍ଷମତା



ପାରାଦୀପ ବନ୍ଦର ପ୍ରାଧିକରଣ
ପାରାଦୀପ ବନ୍ଦର ପ୍ରାଧିକରଣ, ଜଗତସିଂହପୁର, ପାରାଦୀପ-୭୫୪ ୧୪୨
ParadipPort ParadipPortAuthority ParadipPortAuthority
ParadipPortAuthority Paradip-Port-Authority www.paradipport.gov.in



ISO 9001
KAILASH FISHERIES & AQUATICS
ASTAPURA, BAISINGA
KAILASH
FISHERIES & AQUATICS
Astapura, Baisinga, Mayurbhanj, Odisha
www.kailashfisheries.com E.mail :- kailashfisheriess926@gmail.com
We Have Successful Breeding of 26 Varity of Fish Species & Consultancy Services




WE ARE SUPPLING FISH SEED IN SPAGES OF SPAWN, ADVANCE SPAWN, FRY, ADVANCE FRY, ADVANCE FINGER LING & YEARLING.
WE ALSO PRODUCE AND SUPPLY FRESH WATER PRAWN (Macrobrachium Rosenbergii) SEEDS IN PL & JUVENAL STAGE THROUGH OUT THE YEAR

WE SUPPLY STRESS FREE MULTISPECIES FISH SEEDS IN SCIENTIFIC OXYGEN POLY PACKING BAGS TO DIFFERENTS PARTS OF INDIA BY ROAD, RAILWAY AND AIRWAYS

Mob : 9437147897, 9437191841, 6372133302, 8908074364

ଧ୍ୱନି ପ୍ରତିଧ୍ୱନି
୨୬ ଜୁଲାଇ ୨୦୨୬
ବାଲେଶ୍ୱର
ରବିବାର
୧୨

# ସ୍ୱନକ୍ଷତ୍ର ବିଶେଷାଙ୍କ




## ଶୁଭେଚ୍ଛା



'ଧ୍ୱନି ପ୍ରତିଧ୍ୱନି'ର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା । ଏହି ସମ୍ବାଦପତ୍ର ସମସ୍ତଙ୍କ ଭିତରେ ଜାଗରଣ ସୃଷ୍ଟିକରି ସମାଜର ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟକରୁ ଏତିକି ହିଁ କାମନା କରୁଛି ।

**ବିକାଶ କୁମାର ଦାସ**

ସାଧାରଣ ସମ୍ପାଦକ, ବୈଶିଙ୍ଗା ମଣ୍ଡଳ ଭାରତୀୟ ଜନତା ପାର୍ଟି, ବୈଶିଙ୍ଗା, ମୟୂରଭଞ୍ଜ

## ଶୁଭେଚ୍ଛା



'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ସହ ନିରୋଗ କାମନା କରୁଛି ।

**ତୃପ୍ତିରାଣୀ ପାତ୍ର**

ବିଶିଷ୍ଟ ଲେଖିକା, ସହଦେବଖୁଣ୍ଟା ବାଲେଶ୍ୱର

## ଶୁଭେଚ୍ଛା



ବାଲେଶ୍ୱରରୁ ପ୍ରକାଶ ପାଉଥିବା ଦୈନିକ ନିରପେକ୍ଷ ଖବର କାଗଜ 'ଧ୍ୱନି ପ୍ରତିଧ୍ୱନି'ର ୩୬ ତମ ବାର୍ଷିକ ଉତ୍ସବ ଅବସରରେ ମୁଁ ସମସ୍ତ ଭାଇ ଭଉଣୀ ମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

**ଯଶୋଦା ନନ୍ଦନ ଆଶ**

ରୋଟାରିଆନ ଓ ସମାଜସେବୀ, ବାଲେଶ୍ୱର

## ନାମଲେଖା ଚାଲୁଅଛି-୨୦୨୬

## ସାଇ ସାଧନା ସେବାଶ୍ରମ

**ଦିବ୍ୟସିଂହପୁର, ଉଦଳା, ମୟୂରଭଞ୍ଜ**

(+୨ ବିଜ୍ଞାନ, +୨ କଳା ଏବଂ +୩ ବିଜ୍ଞାନ)

୧୦୦% ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ-୨୦୨୬

Only for ST/SC Students
(Not for Service Holders)

**ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା**

Contact No: 9437294587, 9437443950, 9937557158



LN
916 Hallmark Gold

## LAXMI NARAYAN JEWELLERY

Motiganj, Balasore, Ph: 06782- 262754
Extension Counter :
V.N. Marga, Balasore, Ph : 06782- 265495
Web : www.lnjewellery.com

22 ct & KDM Gold Ornaments

UCO BANK

## Drive Your Dream Car Home with Ease

## UCO CAR LOAN

With Easy EMI, Low Interest, and Instant Digital Sanction

EMI Starts From 1531/-* Per Lac

Special Offer
100% waiver in documentation & processing charges for loan sanctioned digitally

ROI Starts From 7.45%* p.a.



Scan to apply

Apply through mBanking Plus App or visit our Bank's Website at www.uco.bank.in

*For T&C Visit Our Bank's Website at http://www.uco.bank.in

1800 8910 (Toll Free) 8334001234 7666399400 Follow us

## ମା' ବୈଷ୍ଣବି ମେଡ଼ିସିନ୍ ଷ୍ଟୋର ଏବଂ କ୍ଲିନିକ୍

ଜେଲ୍ ରୋଡ଼, ବାଲେଶ୍ୱର, ମୋ : ୭୯୭୮୩୬୦୭୩୭/ ୯୮୪୩୬୦୮୨୨୨
Website - www.maavaishnobimedicinestoreandclinic.com

MAA VAISHNOBI MEDICINE STORE & CLINIC
SUPER SPECIALIST CLINIC
ALL TYPES OF BRANDED MEDICINE AVAILABLE WITH BEST PRICE
Jail Road, Balasore, Mobile- +91 7978360737
https://maavaishnobimedicinestoreandclinic.com

**DR. SUSHANTA KU. MAHARANA** — MBBS, MD (MEDICINE), SENIOR MEDICINE SPECIALIST, DIST. HEAD QUARTER HOSPITAL, BALASORE. ପରାମର୍ଶ: ପ୍ରତ୍ୟେକ ଦିନ

**DR. SURYA PRAKASH ROUTRAY** — MBBS, MD CONSULTANT PHYSICIAN & DIABETOLOGIST F. ( GERIATRIC MEDICINE) KIIMS HOSPITAL, BBSR DIST. HEAD QUARTER HOSPITAL, BALASORE. ପରାମର୍ଶ: ମାସର ପ୍ରତ୍ୟେକ ଦିନ

**DR. L.C. MAITY** — EX. ARMY, RETD. ARMY DENTAL CORP. ପରାମର୍ଶ: ପତ୍ୟେକ ଦିନ

**ASST. PROF. DR. NISITH RANJAN KABAT** — MBBS, MS, MCH (UROLOGY AND RENAL TRANSPLANTATION) DNB (UROLOGY) ASST. PROF. DEPT. OF UROLOGY IMS & SUM HOSPITAL, BBSR. ପରାମର୍ଶ: ପ୍ରତ୍ୟେକ ମାସର ପ୍ରଥମ ରବିବାର

**DR. S. RAKESH KUMAR** — M.D. GENERAL MEDICINE, D.M GASTROENTEROLOGY (SGPGIMS, LUCKNOW) FORMER ASST. PROF. GASTROENTEROLOGY (SGPGIMS LUCKNOW) ASSOCIATE PROF. GASTROENTEROLOGY (IMS & SUM HOSPITAL, BHUBANESWAR). ପରାମର୍ଶ: ପ୍ରତ୍ୟେକ ମାସର ପ୍ରଥମ ସୋମବାର

**DR. TUKU CHAND PATRA** — MBBS, MS (SURGERRY) DIST. HEAD QUARTER HOSPITAL, BALASORE. ପରାମର୍ଶ: ମାସର ପ୍ରତ୍ୟେକ ଦିନ

**DR. GOUTAM KU. PARAMANIK** — MBBS, MD (PULMONARY MEDICINES) ASST. PROF. FMMCH, BALASORE CONSULTANT IN : ASTHMA, TB, CHEST DISEASE AND CRITICAL CARE MEDICINE. ପରାମର୍ଶ: ମାସର ପ୍ରତ୍ୟେକ ଦିନ

**DR. ABHIJIT TRIPATHY** — MBBS, MD MEDICINE FELLOWSHIP IN EMERGENCY MEDICINE EX - RESIDENT TATA MAIN HOSPITAL, JAMSHEDPUR DIST. HEAD QUARTER HOSPITAL, BALASORE. ପରାମର୍ଶ: ମାସର ପ୍ରତ୍ୟେକ ଦିନ

**ASSO. PROF. DR. NILAMADHAB PRUSTY** — MBBS, MS (ENT) SURGEON, ASSO. PROF. FMMCH, BALASORE. କାନ, ନାକ, ଗଳା ଶୈଲ୍ୟ ଚିକିତ୍ସକ. ପରାମର୍ଶ: ପ୍ରକ୍ୟେକ ମଙ୍ଗଳବାର ରୁ ଶନିବାର

**DR. NITISH RANJAN ACHARYA** — MS (GENERAL SURGERY) MCH (CANCER SURGERY) SENIOR SPECIALIST IN CANCER SURGERY & ONCOLOGIST MANIPAL UNIVERSITY HOSPITAL. ପରାମର୍ଶ: ପ୍ରତ୍ୟେକ ମାସର ଦ୍ୱିତୀୟ ଶନିବାର

**DR. SOUMYA KANTI MOHAPATRA** — MBBS, DNB, FNB (CARDIOLOGY) SENIOR CONSULTANT - PEDIATRIC CARDIOLOGY CARE HOSPITAL, BBSR. ପରାମର୍ଶ: ପ୍ରତ୍ୟେକ ମାସର ଚତୁର୍ଥ ଶୁକ୍ରବାର

**ASST. PROF. DR. GADADHAR PANDA** — MD ( MEDICINE) ( M.A.M.C. NEW DELHI), DM (GASTROENTROLOGY & HEPATOLOGY) (CMC VELLORE) Ex. Asst. Prof. - CMC VELLORE SUM ULTIMATE MEDICARE, BBSR. ପରାମର୍ଶ: ପ୍ରତ୍ୟେକ ମାସର ଶେଷ ରବିବାର

**DR. SARAT KU. SAHU** — MD (MEDICINE), DM (CARDIOLOGY) HOD. SR. INTERVENTIONAL CARDIOLOGY, SUM ULTIMATE HOSPITAL, BBSR. ପରାମର୍ଶ: ପ୍ରତ୍ୟେକ ମାସର ଦ୍ୱିତୀୟ ଗୁରୁବାର

**DR. ARUN KUMAR GIRI** — MBBS, MD (PAEDIATRICS), PGPN (BOSTON UNIVERSITY), SENIOR PAEDIATRIC CONSULTANT, SNCU DIST. HEAD QUARTER HOSPITAL, BALASORE. ପରାମର୍ଶ: ପ୍ରତ୍ୟେକ ଦିନ

**DR. NIRMALYA MOHAPATRA** — MBBS, MD (P.M.R) FELLOWSHIP IN PAIN MEDICINE ( AIIMS, NEW DELHI) Asst. Prof. ( P.M.R), FM Medical College & Hospital, Balasore. ପରାମର୍ଶ: ମାସର ପ୍ରତ୍ୟେକ ଦିନ

**ASST. PROF. DR. JYOTI RANJAN MALLIK** — MS (OPHTHAL) EX- SENIOR RESIDENT, AIIMS, BBSR EX- ASST. PROF. FMMCH CATARACT, PHACOSURGERY & MEDICAL RETINA. ମୋତିଆବିନ୍ଦୁ ଓ ମେଡିକାଲ ରେଟିନା ବିଶେଷଜ୍ଞ. ପରାମର୍ଶ: ମାସର ପ୍ରତ୍ୟେକ ଦିନ

**DR. P.K. CHOUDHURY** — MBBS (S.C.B), D.DERM (WB) MSC (PEDIATRIC DERMATOLOGY) PGDCD, PGDCC (PUNE), FELLOW ASIAN SOCIETY OF PEDIATRIC DERMATOLOGY COSMETIC DERMATOLOGY AND ASTHETIC PHYSICIAN. ପରାମର୍ଶ: ପ୍ରତ୍ୟେକ ମାସର ଦ୍ୱିତୀୟ ଶନିବାର, ରବିବାର ଏବଂ ସୋମବାର

**DR. JAYANTA KUMAR SAHU** — MS (SURGERY) FAIS GASTROENTEROLOGIST LAPROSCOPIC & ENDOSCOPIC SURGEON MINISTRY OF DEFENCE, GOVT. OF INDIA ARMY HOSPITAL, NAGPUR. ପରାମର୍ଶ: ପ୍ରତ୍ୟେକ ଦିନ

**ASST. PROF. DR. SHOBHANA PRADHAN** — GYNAECOLOGY MS (O & G) ASSISTANT PROFESSOR FM, MCH, BALASORE. ପରାମର୍ଶ: ପ୍ରତ୍ୟେକ ଦିନ

**DR. JAYDEV GIRI** — ASSO. PROF. DEPT. OF UROLOGY SUM HOSPITAL, BBSR. ପରାମର୍ଶ: ପ୍ରତ୍ୟେକ ମାସର ଦ୍ୱିତୀୟ ଓ ତୃତୀୟ ରବିବାର

**DR. ASISH ASUTOSH CHOUDHURY** — MD Psychistry, NIMHANS (BANGALORE) FORMER PSYCHIATRY, AIIMS, BBSR ASST. PROF. - IMS & SUM HOSPITAL, BBSR. ପରାମର୍ଶ: ପ୍ରତ୍ୟେକ ମାସ ପ୍ରଥମ ରବିବାର

**ASSO. PROF. DR. SATYAJIT SAMAL** — MS, M.C.H., (Urology) ASSO. PROF. SCB MEDICAL COLLEGE & HOSPITAL,CTC. ମୂତ୍ର ରୋଗ ବିଶେଷଜ୍ଞ. ପରାମର୍ଶ: ପ୍ରତ୍ୟେକ ମାସର ଶେଷ ରବିବାର

**DR. MANINDRA NAYAK** — M.ch Surgical Oncology ( AIIMS) Consultant Surgical Oncology APOLLO CANCER CENTRE, BBSR. ପରାମର୍ଶ: ପ୍ରତ୍ୟେକ ମାସ ଚତୁର୍ଥ ଶନିବାର

**DR. RAJESH KU. NAYAK** — MBBS, MS (O&G) SCB MEDICAL COLLEGE & HOSPITAL CTC SR. SPECIALIST GYNAECOLOGIST SPECIALIST IN HIGH RISK PREGNANCY. ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ. ପରାମର୍ଶ: ପ୍ରତ୍ୟେକ ଦିନ

**DR. RASMITA BEHERA** — MD NEURO PSYCHIATRIST (SCB MCH CUTTACK) ASST. PROF. GMCH, PHULBANI (EX - SR AT FMMCH BALASORE. ସ୍ନାୟୁ ଓ ମାନସିକ ରୋଗ ବିଶେଷଜ୍ଞ. ପରାମର୍ଶ: ମାସର ଦ୍ୱିତୀୟ ଏବଂ ଚତୁର୍ଥ ଶନିବାର ଓ ରବିବାର

**DR. SRIKANTA ACHARYA** — MBBS, MD (SKIN & VD) (DERMATOLOGY & COSMETOLOGY) SCB Medical College & Hospital, Cuttack F.M.Medical College & Hospital SKIN, SEX & LEPROSY SPECIALIST. ପରାମର୍ଶ: ପ୍ରତ୍ୟେକ ମଙ୍ଗଳବାର ଏବଂ ଶୁକ୍ରବାର

**ASST. PROF. DR. RAJEEB KUMAR BEHERA** — MBBS, MD, ASST. PROF. (PHARMACOLOGY) F.M. GOVT. MEDICAL COLLEGE & HOSPITAL BLS. ବରିଷ୍ଠ ଭେଷଜ ବିଶେଷଜ୍ଞ. ପରାମର୍ଶ: ପ୍ରତ୍ୟେକ ଦିନ

**DR. JYOTIRMAY JENA** — MS, MCH- GASTRO SURGERY (BANGALORE), ASST. PROF. SUM HOSPITAL BBSR. CONSULTANTING GASTROSURGERY, AMRI HOSPITAL, BBSR (MANIPAL HOSPITAL). ପରାମର୍ଶ: ପ୍ରତ୍ୟେକ ମାସର ତୃତୀୟ ଶନିବାର

**DR. DEBASISH DASH** — MBBS MD (MEDICINE) SCB MCH, CUTTACK DM (ENDOCRINOLOGY), IPGME & R (KOLKATA). ପରାମର୍ଶ: ମାସର ପ୍ରତ୍ୟେକ ସୋମବାର ଓ ଶୁକ୍ରବାର

# ସ୍ୱନକ୍ଷତ୍ର ବିଶେଷାଙ୍କ

## ସ୍ୱପ୍ନର ପୃଥିବୀ

### ଶରତ କୁମାର ଦାସ



ଗତକାଲି
ସ୍ୱପ୍ନରେ ଏକ ସୁନ୍ଦର ପୃଥିବୀ ସହ
ଭେଟହେଲା

ଯାହାର ରଙ୍ଗଥିଲା ସ୍ୱଚ୍ଛ ଓ ଉଜ୍ଜ୍ୱଳ
ପ୍ରେମ ଥିଲା
ଗତିଶୀଳ ଓ ପରିବ୍ୟାପ୍ତ

ସେଠି
ନିବିଡ଼ ଅନ୍ଧାରର ଆଲିଙ୍ଗନ ଥିଲା
ଶୟନରତ ମଣିଷଙ୍କ ପାଇଁ
ପାତଳ ଖରା ଭେଦି
ଶାନ୍ତିର କପୋତ ଉଡ଼ିବୁଲୁଥିଲେ
ଦୂର ଦିଗନ୍ତରେ
ନା ସେଠି ଯୁଦ୍ଧର ବିଭୀଷିକା ଥିଲା
ନା ଭୟର ଆତଙ୍କ
ସ୍ନେହଶୀଳା ମା'ଟିଏ ପରି
ମାଟି ଖୁ ଉଦାର ଥିଲା
ଆମକୁ କୋଳେଇ ନେବାରେ
ନୂଆ ନୂଆ ଫ୍ରକ ପିନ୍ଧୁଥିବା
ଝିଅଟିଏ ପରି
ଜୀବନ ଲହରଉଥିଲା
ତା'ନିଜସ୍ୱ ଶୈଳୀରେ

ସେଠି ସ୍ୱର୍ଗପୁର ନ ଥିଲା ସତ
ହେଲେ ସ୍ୱର୍ଗଠୁ ଅଧିକ ଥିଲା
ଥାକ ଥାକ ମେଘଙ୍କର
ନିବିଡ଼ ଆଲିଙ୍ଗନ
ତମାମ ଅହଙ୍କାରଠୁ ଉର୍ଦ୍ଧ୍ୱରେ
ଏକ ଉର୍ଦ୍ଧ୍ୱଗାମୀ ଚେତନାର
ବିସ୍ତୀର୍ଣ୍ଣ ଧାନକ୍ଷେତ ଫସଲଉ
ଥିଲା
ସମସ୍ତଙ୍କ ଅଲକ୍ଷ୍ୟରେ
ଯେଉଁଠି କେବଳ
ପ୍ରେମ ଓ ଭଲପାଇବାର
ପର୍ଯ୍ୟାପ୍ତ କୁହୁଡିରେ
ପହଁରିବୁଲୁଥିଲେ
ପ୍ରଜ୍ୱଳିତ ଦୀପଶିଖା ମାନେ ।

ଝଝଝଝପାଲୁର ବଙ୍ଗଳା
ଘର ନମ୍ବର.. ୨୬, ବ୍ରହ୍ମପୁର
(ମୋ) ୯୮୬୧୪୦୨୪୭୩

## ରିକ୍ସାବାଲା

### ସୁଜିତ କୁମାର ମିଶ୍ର



ଏ କେବଳ ନକ୍ସା ଆଉ
ନକ୍ସଲର ସହରରେ
ରିକ୍ସାବାଲା ପାଇଁ ପୁଣି
ରଜ କଣ ଯେ ?

ମହମହ ଅନ୍ନ ବ୍ୟଞ୍ଜନରେ ଭରା
ଥାଳିରୁ ସବୁ ସରିଗଲା ପରେ
ଯାହା ବଳକା ରହିଥାଏ
ସେଇ ଦୁଃଖ ସବୁ ରିକ୍ସାବାଲାର,
ତାକୁ ପିନ୍ଧି ସେ
ଖୋଲା ଆକାଶର
ବର୍ଷା ପ୍ରତୀକ୍ଷାରେ ନିରନ୍ତର ।

ତା ଆଖିରେ ଏମିତି ପରଳ ଯେ
ସେ ନା ଦେଖିପାରୁଛି
ପୁନେଇଁ ରାତିକୁ
ନା ଖିଲିପାନର ଚିକ୍କଣ ମଉଜକୁ ।

ଫୁଲକୁ ଭ୍ରମର ଲୁଟିଲା ପରି
ସହର ସବୁ ଲୁଟି ନେଲା ପରେ
ରିକ୍ସାବାଲା ଗୋଟିଏ ଅନ୍ତିମ ଆଶାର
ହାଡ କଙ୍କାଳର ଦେହ,
ତୁମେ ନିଇତି ରଙ୍ଗୀନ ଇଚ୍ଛାରେ
ଶାଢୀ ଆଉ କମିଜ୍ ବଦଳଉଥିବା
ଗୋଟିଏ ବିଜ୍ଞପିତ ମୋହ ।

ଅନେକ ସମୟରେ
ଜହ୍ନରାତିର ମହୋତ୍ସବରେ
ତା ପାଇଁ ମଳି ମଳି ଆଖିରୁ ଝରୁଥାଏ
ପୁଣ୍ୟ ନଈର ଲୁହ ।

ସେ ପ୍ରେମରେ
ଗାଧୋଇ ଦେଇଥିବା
ମଣିଷ ମାନଙ୍କୁ
ଏବେ ସବୁ ପ୍ରାପ୍ତିର କୁବେର,
ଭଗ୍ନ ପ୍ରତିଶ୍ରୁତିର ରଥଚକରେ ଗଡିଗଡି
ସେ କିନ୍ତୁ ଫିକା ଆଉ ଫକୀର,

ପୋଡ଼ପିଠାର ଶ୍ୱାସରୁ ମାପୁଥାଏ ସେ
ମଣିଷ ଅନ୍ତରର ଲଳିତ ସ୍ୱର ।
ରିକ୍ସାବାଲାଟିଏ ନହେଲେ
କଣ ଲେଖାଯାଇପାରେ
ରିକ୍ସାବାଲାର କବିତା ?

ଝରୁଥିବା ନିରାଶାରୁ
ଲେଖନୀ କଣ ହୁଏ
ଦ୍ରୋହର ଅନଳ ଶିଖା ?
ତୁମେ ସୁରକ୍ଷାର ଛାଇ
ସେ ମରଣର ଜୁଇ,
ତା ପାଦ, ପେଟରେ ପାରଦ
ତାତିର ଅହରହ ପ୍ରହାର,
ତୁମେ ସ୍ୱପ୍ନ ସାଉଁଟୁଥିବା
ରାଜା ପ୍ରବର ।
ନିଅଣ୍ଟିଆ ଆଶା ଆଉ
ଜୀବନକୁ ନେଇ
ତୁମ ଫେରିବା ବାଟକୁ
ସେ ରହିଛି ଚାହିଁ,

ହେଲେ ବର୍ଷା କାହିଁ ?
ଯେଉଁଠି ସିଂହାସନ ଗୋଟିଏ
ଯଶକିର୍ତ୍ତୀର ମାୟା
ସେଇଠି ରିକ୍ସାବାଲାଟିଏ
ମାଟିର ମଣିଷ
ନା ହାତମୁଠା ଭିତରେ
ସହଜରେ ରହିପାରୁଥିବା
ହତାଶବୋଧର ଛାୟା ?

ସାରା ଶୁଷ୍କତାରେ
ଶ୍ରାବଣର ଧାରା ହୋଇ
କିଏ ଅଟକାଇବ
ତା ପାଦପୀଡା ?

ଝଝଝଝ
ଜନାର୍ଦ୍ଦନପୁର ଶାସନ,
କେନ୍ଦୁଝର,
ମୋ) ୭୬୮୩୮୬୭୭୪୨

## ସକାଳ ଖୋଜିବାକୁ ଆସିଥିବା ଝିଅ

### ଜୟନ୍ତୀ ବିଶ୍ୱାଳ ବେହୁରିଆ



ଯେଉଁ ମାଟିରେ ରେବତୀ
ଜହ୍ନ ଆଲୁଅରେ ବସି ନିଜପାଇଁ
ସ୍ୱପ୍ନ ସଜାଡୁଥିଲା ବେଳେ
ଦୁର୍ଦ୍ଦଶାର ଭାଗ୍ୟପିନ୍ଧି
ଦିନେ ନୀରବରେ ଢଳି ପଡିଥିଲା,
ସେଇ ମାଟିର ଆଉ ଜଣେ ଝିଅ
କମର କଷି ବାହାରି ଆସିଥିଲା
ସକାଳ ଖୋଜିବାକୁ ।
କହି ଆସିଥିଲା
ଝିଅମାନଙ୍କୁ ତୁମେ ଆଉ ଚିନ୍ତା କରିବନି,
ଏ ଦେଶର ସବୁ ପଥ
ଖୋଲା ରହିବ ଏଣିକି ତୁମପାଇଁ ।
ସକାଳ ଖୋଜିବାକୁ ଆସିଥିବା
ଝିଅଟି ମନ ବଳାଇଥିଲା
ଶତାବ୍ଦୀର କାନ୍ଥରେ କରିବ ନାନା କୃତିକମ,
ରଙ୍ଗେଇବ ତାକୁ ବିଭିନ୍ନ ରଙ୍ଗରେ ,
ଦିଗ୍‌ବଳୟକୁ ଲମ୍ବିଥିବା ରାସ୍ତାଗୁଡିକର
ଦୁଇ ପାର୍ଶ୍ୱରେ ରୋପିଦେବ ସବୁଜ ବୃକ୍ଷ,
ସେଠିକି ଆସିବେ କୁନିକୁନି
ଅନେକ ପକ୍ଷୀ ଦୂରଦୂରାନ୍ତରୁ
ଦୁଃଖ ଭୁଲି ଗାଇବେ ମିଠା ମିଠା ଗୀତ...
ସକାଳ ଖୋଜିବାକୁ ଆସିଥିବା
ଝିଅଟି ଦିନେ, କେମିତି ଅନ୍ଧାରର ଘାଟିରେ
ଖସି ପଡିଲା, କାହାକୁ ଜଣାନାହିଁ
ତାହା ରହସ୍ୟ ହୋଇ ରହିଗଲା ।

ଝିଅମାନେ କେବେ ଯଦି ସତ୍ୟକୁ
ସାମ୍ନାକୁ ଆଣିଲେ
ପୁରୁଷତନ୍ତ୍ରର ଅହଂକାରକୁ
ଆଙ୍ଗୁଳି ଦେଖାଇଲେ
କାନୁନ୍‌ର କାଠଗଡାରେ ଠିଆହେଇ
ନ୍ୟାୟ ଉପରେ ପ୍ରଶ୍ନ ଉଠାଇଲେ,
ବ୍ୟବସ୍ଥାର ବିରୁଦ୍ଧରେ
ଯିବାର ସାହସ କଲେ,
ସକାଳ ଖୋଜୁଥିବା ଝିଅମାନେ
ଦିନେ ଏମିତି
ନିଜେ ହିଁ ଅଂଧାର ପାଲଟି ଯିବେ ।

ଏକ ବିକୃତ ଫାଶ
ଓ ଶିକ୍ଷିତ ପବନ ତଳେ ଲୁଚିରହିଥିବା
ଏକ ଘୃଣ୍ୟ ମାନସିକତା ଉପରୁ
ପରଦା ହଟେଇବାର
ଜିଦ୍‌ରେ ଥିବା ଝିଅମାନେ
ଏ ଦେଶର ଦୀର୍ଘ ନୀରବ ଇତିହାସରେ,
ଖବରର ଶିରୋନାମା ପାଲଟି ଯିବେ ।

+ କୃଷ୍ଣ ନଗର, ବାଲିଆ, ବାଲେଶ୍ୱର
(ମୋ) ୮୯୧୭୬୭୫୭୮୩

## ଯେ ପକ୍ଷୀ ଉଡ଼େ ଯେତେ ଦୂର

### ଜ୍ୟୋତ୍ସ୍ନା ମିଶ୍ର ପାଣିଗ୍ରାହୀ



ଅଦ୍ଭୁତ ଏ ସଂସାର, ଆହୁରି ଅଦ୍ଭୁତ ଏ ମନ। ସମସ୍ତଙ୍କ ସହ ଏ ମନ ମିଶେ ନାହିଁ। ଆଉ ଯାହା ସହ ମିଶିଯାଏ, ସ୍ୱତଃସ୍ଫୂର୍ତ୍ତ ଭାବରେ ସେଇଠି ସମ୍ପର୍କଟା ଏକ ସୂକ୍ଷ୍ମ ପର୍ଯ୍ୟାୟରେ ପହଞ୍ଚିଯାଏ, ଯେଉଁଠି ଗଭୀର ବିଶ୍ୱାସ, ସ୍ନିଗ୍ଧ ଅନୁରାଗ ଜୀବନରେ ପ୍ରୀତିର ପାରିଜାତ ଭରିଦିଏ । ହୃଦୟର କୋମଳ ଆବେଗ ପରସ୍ପରକୁ ଆକର୍ଷିତ କରିଥାଏ । ଫୁଲଗଛ ସବୁର କଟିଂ କରୁକରୁ ଭାବି ହେଉଥିଲେ ଜ୍ୟୋତି, କଣ କରିବେ ଏବେ ଶେଖର ? ଚାଳିଶବର୍ଷ ଧରି ଜୀବନ ଗୋଟେ ଧରାବନ୍ଧା ନିୟମରେ ଚାଲିଥିଲା ।

ବିଛଣାରୁ ଉଠି ଚାହା ପିଉ ପିଉ ପେପର ପଢା, ତାପରେ ନିତ୍ୟକର୍ମ ଶେଷ କରି ବ୍ରେକଫାଷ୍ଟ ସାରି ଅଫିସ ବାହାରିଯାଅ। ପାଞ୍ଚଟାରେ ଫେରି ପୁଣି ପଢାପଢିରେ ରାତି ନଅଟା ପର୍ଯ୍ୟନ୍ତ ବ୍ୟସ୍ତ ରହିବା ତ ନିତିଦିନିଆ କଥା। ତା ଭିତରେ ବି ସେ ଘରକଥା ଭଲ ଭାବରେ ବୁଝିଥାନ୍ତି । ହେଲେ ସବୁ ଠିକ୍ ସମୟରେ ହେବା ଦରକାର। ଟିକିଏ ଏପଟ ସେପଟ ହେଇଗଲେ ଭୀଷଣ ରାଗିଯାଆନ୍ତି ସେ।

ସେଥିପାଇଁ ତ ଜ୍ୟୋତି ଜଗିରଖି ସବୁ ସମୟ ମାଫିକ୍ କରିଥାଆନ୍ତି । ହେଲେ ଏବେ ? ସମୟ କେମିତି କଟେଇବେ ଶେଖର ? ଭାବି ହେଉଥିଲେ ଜ୍ୟୋତି। କେତେଥର ଶେଖରଙ୍କୁ କହିଛନ୍ତି, କ୍ଲବର ମେମ୍ବର ହେଇଯିବା ପାଇଁ । ହେଲେ ସେ ତ ରାଜି ହେଲେନାହିଁ କ୍ଲବକୁ ଯିବାପାଇଁ । କହିଲେ କଣ ନା, ସେଠି କ୍ରିଏଟିଭିଟି କଣ ଅଛି ? ଖାଲି ଯାହା ଇଆଡୁ ସିଆଡୁ ଗପ, ତାସ୍, ପାନୀୟ ଆଉ ଖାଦ୍ୟର ସମାହାର। ଏହାଛଡା ଆଉ ଅଧିକ କିଛି ଅଛି ?

ହଉ ଯଦି କ୍ଲବ ନଯିବ ତେବେ କଉ ବାବାଙ୍କ ଗ୍ରୁପରେ ମିଶିଯାଅ। ସବୁଦିନ ସଂଧ୍ୟାରେ ଭଜନ କୀର୍ତ୍ତନ କରିବ । ସତ୍‌ସଙ୍ଗ ଯିବ, ତାପରେ ପ୍ରସାଦ ସେବନ କରି ଘରକୁ ଫେରିବ । ରୋଷେଇର ଝମେଲା ବି ରହନ୍ତା ନାହିଁ ।

ନା କହି ରୋକ୍‌ଠୋକ୍ ମନା କରିଦେଲେ ଶେଖର । ଏସବୁର ପାଖ ବି ସେ ମାଡିବେ ନାହିଁ । ସେଇ ଘର ଭିତରେ ଦିନସାରା ରହି ବହି ଆଉ ବାଗାନ୍ ଭିତରେ ନିଜକୁ ସୀମାବଦ୍ଧ କରିଦେଇଥିଲେ ସେ। ଶେଖରଙ୍କୁ ଦେଖିଲେ ମନେମନେ ବ୍ୟସ୍ତ ହେଇପଡନ୍ତି ଜ୍ୟୋତି । ଶେଖର କେମିତି ଚୁପଚାପ୍ ହେଇ ଯାଉଛନ୍ତି ଦିନକୁ ଦିନ। ଘର ଭିତରେ ଷ୍ଟଡି ଟେବୁଲ୍ ପାଖରେ ବସିଥିବେ ତ ଗଲା ବସିଥିବେ। ଯେତେ କଥା ପଚାରିଲେ ବି ଉଁ କି ଚୁଁ କିଛି କହିବେନି । ପୁଣି ହଠାତ କହିଉଠିବେ, କଣ କହୁଥିଲ କି ! ଅଫିସ ଗଲାବେଳର ସେ ଛାନିଆ, ଚଇନିଚିକ୍କଣ ଚେହେରାର ଔଜଲ୍ୟ ଧୀରେଧୀରେ କମିଗଲାଣି। ଶେଖର ବେଳେବେଳେ ଗପ, କବିତା ବି ଲେଖୁଥିଲେ। ପାଠକ ପାଠିକାମାନଙ୍କର କେତେ ଫୋନ୍, ଚିଠି ବି ଆସୁଥିଲା। ହେଲେ ଏବେ ସେସବୁ ବି ବନ୍ଦ। ଜ୍ୟୋତି ଲେଖାଲେଖି କରିବାକୁ ଯେତେ କହିଲେ ବି ସେ ଚୁପ୍ ହେଇ ରହୁଛନ୍ତି।

ହଠାତ କଲିଂବେଲ୍‌ର ଆୱାଜ୍‌ରେ ଜ୍ୟୋତି ଭାବନାରାଇଜରୁ ଫେରିଆସିଲେ। କବାଟ ଖୋଲିବାବେଳକୁ ସାମନାରେ ଜଣେ ପଚିଶ ଛବିଶବର୍ଷର ଯୁବତୀ ଠିଆ ହେଇ ପ୍ରଶ୍ନ କରୁଥିଲେ ଏଇଟା କଣ ଶେଖର ସାର୍‌ଙ୍କ ଘର ? ଜ୍ୟୋତି ହଁ କହିଲାରୁ, ଝିଅଟି ସାର୍‌ଙ୍କୁ ଦେଖାକରିବା ପାଇଁ ଚାହିଁଲା। ତାକୁ ଡ୍ରଇଁରୁମ୍‌ର ସୋଫାରେ ବସେଇ ଦେଇ ଜ୍ୟୋତି ଶେଖରଙ୍କୁ ଡାକିବାକୁ ଗଲେ। ଚାହା ଦୁଇକପ୍ ଆଣିବାକୁ କହି ଶେଖର ଡ୍ରଇଁରୁମ୍‌କୁ ଆସିଲେ । ଅଧଘଣ୍ଟାଏ ଧରି କଥାବାର୍ତ୍ତା ସେମାନଙ୍କର ଚାଲିଥିବା ଭିତରେ ଜ୍ୟୋତି ରୋଷେଇଘରେ ଲଞ୍ଚ ପ୍ରିପେୟାରରେ ବ୍ୟସ୍ତ ରହିଗଲେ। ହଠାତ ଶେଖରଙ୍କୁ ରୋଷେଇଘରେ ଦେଖି ଚମକି ପଡିଲେ ଜ୍ୟୋତି । ଆରେ , ଏପଟେ କେମିତି ପାଦ ପଡିଗଲା ତମର ଯେ ? ସେ ଟିକେ ହସିକି ପଚାରିଲେ ।

ଖୁସି ଲାଗୁଥିଲେ ଶେଖର। କହିଲେ ଜାଣିଛ, ସୁବର୍ଣ୍ଣା ଆମ ଅଫିସରେ ଜଏନ୍ କରିଛି । ମୋ ଠୁ କାମ ଶିଖିବା ପାଇଁ କହୁଥିଲା । ଭଲକଥା ତ, ଜ୍ୟୋତି କହିଲା। ତମେ ତ ଘରେ ବସିଛ । ଯାହାହେଉ କାମ ଶିଖେଇବା ପାଇଁ ତ ଟିକେ ବାହାରକୁ ଯିବ । ତମକୁ ଭଲ ଲାଗିବ । ହଁ, କହିଲେ ଶେଖର ।

ଆସ୍ତେ ଆସ୍ତେ ଶେଖର ପୁଣି କର୍ମଚଞ୍ଚଳ ହେଇଉଠୁଥିଲେ । କେଉଁଦିନ ସକାଳୁ ତ କେବେ ଦ୍ୱିପ୍ରହରରେ କାମ ଅଛି କହି ବାହାରି ଯାଉଥିଲେ । ସବୁବେଳେ ଫୋନରେ ବ୍ୟସ୍ତ ବି ରହୁଥିଲେ। ଜ୍ୟୋତି ଖୁସି ହେଉଥିଲେ । ଯାହାହେଉ, ତାଙ୍କର ଗୋଟେ ବଡ ଚିନ୍ତା ଗଲା। ହଠାତ ଏଇ ସମୟରେ ତାଙ୍କ ମୋବାଇଲରେ ବାନ୍ଧବୀ ତୃପ୍ତିର ଫୋନ୍ ଆସିଲା । ସେ ହ୍ୟାଲୋ କହିଲା ମାତ୍ରେ, ସେପଟରୁ ତୃପ୍ତି କହିଲା, ଆରେ ତୁ ପାଲ୍ ହାଇଟ୍ସକୁ ଆସିଛୁ। ଉପରକୁ ଆସେ । ମୁଁ ଆଉ ମୋ ମିଷ୍ଟର ଏଇଠି ବସି ସୁପ୍ ପିଉଛୁ। ଭାଇନାଙ୍କୁ ତତେ ଦେଖିଲି ତଳେ । ଭଲ ଗ୍ରୀନ୍ କଲର୍‌ର ଶାଢୀଟେ ତ ପିନ୍ଧିଛୁ । ହସି ହସି ସେ କହିଲା ତୁ ଝକାସ୍ ଲାଗୁଛୁ ମା। ପୂରାପୂରି ସେଇ କଲେଜ ସମୟର ଲୀନାଚନ୍ଦ୍ରାୱାକର ଭଳି ପଚିଶବର୍ଷୀୟା ସୁନ୍ଦରୀ ତରୁଣୀ ତ.....!!!

ନା ...ନା ମୁଁ ତ ଯାଇନି । ତୁ ଆଉ କାହାକୁ ଦେଖିଥିବୁ ମ , କହି ସେ ଫୋନ୍ ରଖିଦେଲେ । ଶେଖର କଣ ସେଇ ଯୁବତୀ ସହ ଲଞ୍ଚ କରିବାକୁ ପାଲ୍‌ହାଇଟ୍‌କୁ ଯାଇଛନ୍ତି ? ଭାବି ହେଉଥିଲେ ଜ୍ୟୋତି । ତାଙ୍କୁ ତ କିଛି କହିନାହାନ୍ତି ! କହିଥିଲେ, ସେ ତ କେବେବି ମନା କରିନଥାନ୍ତେ,ଏକଥା ଶେଖର ଭଲରେ ଜାଣିଛନ୍ତି ।ତଥାପି ତାଙ୍କୁ ଲୁଚେଇଲେ କାହିଁକି ? ଷାଠିଏବର୍ଷ ତ ଆଜିକାଲି କିଛି କମ୍ ନୁହେଁ । ଶେଖର ତ ଜିନ୍ସ, ଟିସାର୍ଟ ପିନ୍ଧି ବାହାରି ପଡିଲେ ,କେହି ବି ତାଙ୍କର ଷାଠିଏ ହେଲାଣି ବୋଲି କହିବେନି। ଚୁପ୍ ହେଇ ଭାବି ହେଉଥିଲେ ଜ୍ୟୋତି । ପଇଁତିରିଶ ବର୍ଷର ଦାମ୍ପତ୍ୟ ଜୀବନରେ ତାଙ୍କର ଏଭଳି ପରିସ୍ଥିତି କେବେ ଆସିନଥିଲା। ତାଙ୍କର, ପିଲାମାନଙ୍କର କଥା ସବୁ ଠିକ୍ ଭାବରେ ବୁଝିଛନ୍ତି ଶେଖର । କେବେବି ଅଣଦେଖା କି ଅବହେଳା କରିନାହାନ୍ତି ।ଆଜି ବଡପୁଅ ତା ଲାଇଫ୍‌ରେ ଶେଟଲ୍ଡ । ବାହାରେ ଅଛି ।ସାନ ବି ଏଇବର୍ଷ ଇଞ୍ଜିନିୟରିଂ ସାରି ଇନଫୋସିସ୍ ରେ ଜଏନ୍ କରିଛି। ତେବେ ଏବେ କଣ ହେଲା ? ସେ କଣ ଶେଖରଙ୍କ ମନମାଫିକ୍ ହେଇପାରିନାହାନ୍ତି ? ହେଲେ ସେମିତି ତ ଜଣାପଡିନି କେବେ ବି। ଶେଖରଙ୍କ ଘରକୁ ସେ ଠିକ୍ ଭାବରେ ସମ୍ଭାଳିବା ଭିତରେ ସେ କଣ ଶେଖରର ମନକୁ ବୁଝିନାହାନ୍ତି କି ?

ପଡିଶାଘରର ରୀନା ଅପା ହଠାତ ପହଞ୍ଚିଯାଇ ତା ଉପରେ ଖପ୍ପା । କହିଲେ ନଜରରେ ରଖ ଶେଖରଙ୍କୁ । କିଛି ଜାଣୁଛ ନା ନାହିଁ ? କଣ ହେଲା କି ଅପା, ସେ ପଚାରିଲେ। ଚୁପ୍ ଚୁପ୍ କି କହିଲେ ରୀନା ଅପା, ନାତି, ନାତୁଣୀଙ୍କୁ ନେଇ କାଲି ପାର୍କ ଯାଇଥିଲି । ସେଠାରେ ଶେଖରଙ୍କୁ ଜଣେ ଝିଅ ସହ କଥା ହେଉଥିବା ଦେଖିଲି । ହସି ହସି ବାଦାମ ଖୁଆଖୋଇ ହେଉଥିଲେ ଦୁଇଜଣ। ହଁ, ହଁ ମୁଁ ଜାଣେ ସେ ଝିଅକୁ, କହିଲେ ଜ୍ୟୋତି। ଭଲ ଝିଅଟେ। ଏଙ୍କ ପାଖରୁ କାମ ଶିଖୁଛନ୍ତି । କାମ ଶିଖୁ ଶିଖୁ ଯେମିତି କାମ ନ କରିଦିଏ, ଚଢାଗଳାରେ କହି କହି ଚାଲିଗଲେ ରୀନା ଅପା।

ସେ କଣ କରିବେ ? ମନାକଲେ ହୁଏତ ଶେଖର ନ ଯାଇପାରନ୍ତି । ଘରେ ଭିତରେ ରହିଯିବେ। ହେଲେ ଶେଖରଙ୍କ ମନକୁ ତ ସେ ଚାବି ପକେଇ ରଖିପାରିବେନି ?

ଜ୍ୟୋତି ତାଙ୍କୁ କିଛି କହିବେନି। ସେ ଯାହା କରିବା କଥା କରନ୍ତୁ। ସେ ଭଲ ଭାବରେ ଜାଣିଛନ୍ତି, ଶେଖର କେବେ ହେଲେ କିଛି ଭୁଲ୍ କରିବେନି। ନିଜର ଭଲପାଇବା ଉପରେ ଜ୍ୟୋତିର ଗଭୀର ବିଶ୍ୱାସ ଅଛି । ଉଡନ୍ତୁ, ଯେତେ ଦୂର ଯାଏ। ହେଲେ ରାତି ହେବା ଆଗରୁ ସେ ନିଶ୍ଚିତ ଏଇଠିକୁ ହିଁ ଫେରିବେ । ଜ୍ୟୋତି ଉଠିଲେ।

+ ଫକୀରମୋହନ ନଗର,
ଆଇଟିଆଇ ଛକ,
ବାଲେଶ୍ୱର-୧
ମୋ : ୮୨୬୦୦୪୩୬୯୨

## କୃତ୍ରିମ ବୁଦ୍ଧିମତା : ମଣିଷର ନୂଆ ସହଯୋଗୀ ନା ପ୍ରତିଦ୍ୱନ୍ଦ୍ୱୀ ?

### ମିଳନ କୁମାର ମିଶ୍ର (ଭରଦ୍ୱାଜ)



'ମୋ ପାଇଁ ଗୋଟିଏ ପ୍ରବନ୍ଧ ଲେଖିଦିଅ', 'ଏହି ଫଟୋକୁ ଭିଡିଓ କରିଦିଅ', 'ଚାକିରି ପାଇଁ ବାୟୋଡାଟା ପ୍ରସ୍ତୁତ କର' - ଏହିଭଳି ଅନେକ କାମ ଆଜି କିଛି ଯାହାକୁ ମାତ୍ର କେଇ ସେକେଣ୍ଡ ମଧ୍ୟରେ କରିଦେଉଛି କୃତ୍ରିମ ବୁଦ୍ଧିମତା ବା ଏଆଇ (Artificial Intelligence) । ଯେଉଁ ପ୍ରଯୁକ୍ତିକୁ କିଛି ବର୍ଷ ପୂର୍ବରୁ କଳ୍ପନାର ବିଷୟ ବୋଲି ଧରାଯାଉଥିଲା, ତାହା ଆଜି ଆମ ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ଯାଇଛି । ବିଶେଷକରି ଯୁବପିଢ଼ି ଏହାକୁ ଶିକ୍ଷା, ଗବେଷଣା, ବ୍ୟବସାୟ ଓ ସୃଜନଶୀଳ କାର୍ଯ୍ୟରେ ବ୍ୟାପକ ଭାବେ ବ୍ୟବହାର କର ପାରୁଛନ୍ତି ।

କିନ୍ତୁ ଯେପରି ପ୍ରତ୍ୟେକ ନୂଆ ପ୍ରଯୁକ୍ତି ମଣିଷ ପାଇଁ ସୁଯୋଗ ଆଣେ, ସେହିପରି କିଛି ନୂଆ ସଙ୍କଟ ମଧ୍ୟ ସୃଷ୍ଟି କରେ । ଏଆଇ ମଧ୍ୟ ଏହାର ବ୍ୟତିକ୍ରମ ନୁହେଁ । ପ୍ରଥମେ, ଶିକ୍ଷା କ୍ଷେତ୍ରରେ ଏଆଇର ଅତ୍ୟଧିକ ନିର୍ଭରଶୀଳତା ଏକ ଚିନ୍ତାର ବିଷୟ । ଅନେକ ଛାତ୍ରଛାତ୍ରୀ ନିଜେ ଚିନ୍ତା ନକରି ପ୍ରବନ୍ଧ, ପ୍ରକଳ୍ପ, ଗବେଷଣା ପତ୍ର ଓ ଗୃହକାର୍ଯ୍ୟ ସମ୍ପୂର୍ଣ୍ଣ ଏଆଇ ଦ୍ୱାରା ପ୍ରସ୍ତୁତ କରାଉଛନ୍ତି । ଏଥିରେ ନକଲ ପ୍ରବୃତ୍ତି ବଢୁଛି ଏବଂ ସୃଜନଶୀଳ ଚିନ୍ତାଧାରା, ବିଶ୍ଲେଷଣ କ୍ଷମତା ଓ ସମସ୍ୟା ସମାଧାନର ଦକ୍ଷତା ଧୀରେ ଧୀରେ କ୍ଷୀଣ ହେବାର ଆଶଙ୍କା ରହିଛି । ଶିକ୍ଷାର ମୂଳ ଉଦ୍ଦେଶ୍ୟ କେବଳ ଉତ୍ତର ପାଇବା ନୁହେଁ, ବରଂ ଚିନ୍ତା କରିବାର କ୍ଷମତାକୁ ବିକଶିତ କରିବା ।

ଦ୍ୱିତୀୟତଃ, ଭୁଲ ସୂଚନା ସମାଜ ପାଇଁ ନୂଆ ବିପଦ ସୃଷ୍ଟି କରୁଛି। ଏଆଇ ଦ୍ୱାରା ଆଜି ଏପରି ଫଟୋ, ଭିଡିଓ ଓ ଅଡିଓ ପ୍ରସ୍ତୁତ କରାଯାଉଛି, ଯାହାକୁ ସାଧାରଣ ଲୋକ ସହଜରେ ସତ ବୋଲି ବିଶ୍ୱାସ କରି ନେଉଛନ୍ତି । ଏହା ନିର୍ବାଚନ, ସାମାଜିକ ସଦ୍ଭାବ, ବ୍ୟକ୍ତିଗତ ସମ୍ମାନ ଓ ଜନମତ ଉପରେ ଗୁରୁତର ପ୍ରଭାବ ପକାଉଛି । ସୂଚନାର ଯୁଗରେ ମିଥ୍ୟାକୁ ସତ ଭାବେ ଉପସ୍ଥାପନ କରିବା ଆଜି ସବୁଠାରୁ ବଡ଼ ସମସ୍ୟା ରୂପେ ଦେଖା ଦେଉଛି ।

ଏଆଇ ସହ ସାଇବର ଅପରାଧ ମଧ୍ୟ ଅଧିକ ଜଟିଳ ହେଉଛି । ମିଥ୍ୟା ଇ-ମେଲ୍, ନକଲି ଭଏସ୍ କଲ୍, ଆର୍ଥିକ ଠକେଇ ଓ ବ୍ୟକ୍ତିଗତ ତଥ୍ୟ ଚୋରି ଭଳି ଅପରାଧରେ ଏଆଇର ବ୍ୟବହାର ମଧ୍ୟ ବଢୁଛି । ସାଧାରଣ ଲୋକ ଅନେକ ସମୟରେ ଅସଲ ଓ ନକଲ ମଧ୍ୟରେ ପାର୍ଥକ୍ୟ ଜାଣି ପାରୁନାହାନ୍ତି । ତେଣୁ ଡିଜିଟାଲ୍ ସଚେତନତା ଆଜି ପୂର୍ବାପେକ୍ଷା ଅଧିକ ଆବଶ୍ୟକ ।

ଚାକିରି କ୍ଷେତ୍ରରେ ମଧ୍ୟ ଏଆଇ ଏକ ବଡ଼ ପରିବର୍ତ୍ତନ ଆଣୁଛି । ପୁନରାବୃତ୍ତିମୂଳକ ଓ ତଥ୍ୟଭିତ୍ତିକ ଅନେକ କାର୍ଯ୍ୟ ଆଜି ମେସିନ୍ ଦ୍ୱାରା ସମ୍ପାଦିତ ହେଉଛି । ଏହା ଫଳରେ କିଛି ପାରମ୍ପରିକ ଚାକିରିର ଚାହିଦା କମି ଯାଇପାରେ । କିନ୍ତୁ ଏହା ସହିତ ନୂଆ କୌଶଳ, ନୂଆ ଚାକିରି ଓ ନୂଆ ଉଦ୍ୟମର ସୁଯୋଗ ମଧ୍ୟ ସୃଷ୍ଟି ହେଉଛି। ତେଣୁ ଏଆଇ ସଦାସର୍ବଦା ଏକ ସଙ୍କଟ ନୁହେଁ; ବରଂ ନୂତନ କୌଶଳ ଆହରଣ ପାଇଁ ଆମର ଏକ ପ୍ରସ୍ତୁତି ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ମାନସିକ ନିର୍ଭରଶୀଳତା । ଛୋଟ ଛୋଟ ସିଦ୍ଧାନ୍ତରୁ ଆରମ୍ଭ କରି ଲେଖାଲେଖି, ଯୋଜନା ପ୍ରସ୍ତୁତି ଓ ସୃଜନଶୀଳ କାର୍ଯ୍ୟ ପର୍ଯ୍ୟନ୍ତ ସବୁକିଛି ପାଇଁ ଯଦି ଆମେ ଏଆଇ ଉପରେ ନିର୍ଭର କରିବା, ତେବେ ଧୀରେ ଧୀରେ ମଣିଷର ସ୍ୱାଧୀନ ଚିନ୍ତାଶକ୍ତି, କଳ୍ପନାଶକ୍ତି ଓ ବିବେଚନା କ୍ଷମତା ଦୁର୍ବଳ ହୋଇପାରେ । ପ୍ରଯୁକ୍ତି ଆମର ସହଯୋଗୀ ହେବା ଉଚିତ୍, ପ୍ରତିଦ୍ୱନ୍ଦ୍ୱୀ ନୁହେଁ ।

ଭାରତ ଓ ଓଡ଼ିଶା ପରିପ୍ରେକ୍ଷୀରେ ଏଆଇ ଏକ ବଡ଼ ସୁଯୋଗ ନେଇ ଆସିଛି । ଡିଜିଟାଲ୍ ଇଣ୍ଡିଆ, ଷ୍ଟାର୍ଟଅପ୍ ଇଣ୍ଡିଆ, ସ୍ମାର୍ଟ କୃଷି, ଇ-ଶାସନ, ସ୍ୱାସ୍ଥ୍ୟସେବା ଓ ଶିକ୍ଷା କ୍ଷେତ୍ରରେ ଏଆଇର ବ୍ୟବହାର ଦ୍ରୁତ ଗତିରେ ବଢିବାରେ ଲାଗିଛି । ଓଡ଼ିଶାରେ ମଧ୍ୟ ଯୁବପିଢ଼ି ଅନଲାଇନ୍ ଶିକ୍ଷା, ସଫ୍ଟୱେର୍ ବିକାଶ, ଡିଜିଟାଲ୍ ବ୍ୟବସାୟ ଓ ଷ୍ଟାର୍ଟଅପ୍ ମାଧ୍ୟମରେ ଏଆଇକୁ ଆପଣାଇବା ଆରମ୍ଭ କରିଛନ୍ତି । କୃଷିରେ ପାଣିପାଗ ପୂର୍ବାନୁମାନ, ରୋଗ ଚିହ୍ନଟ, ଫସଲ ପରିଚାଳନା ଓ ବଜାର ସଂଯୋଗରେ ଏଆଇ ଚାଷୀଙ୍କୁ ସହାୟତା କରିପାରିବ କିନ୍ତୁ ଏଥିପାଇଁ ଡିଜିଟାଲ୍ ସାକ୍ଷରତା, ଉନ୍ନତ ପ୍ରଶିକ୍ଷଣ ଓ ଗ୍ରାମାଞ୍ଚଳରେ ପ୍ରଯୁକ୍ତିର ସମାନ ସୁବିଧା କରିବା ଜରୁରୀ ।

ଏଆଇର ସଫଳ ବ୍ୟବହାର ପାଇଁ ନୈତିକତା ସବୁଠାରୁ ବଡ଼ ଆଧାର । ଏହାର ବ୍ୟବହାର ସ୍ୱଚ୍ଛ, ଦାୟିତ୍ୱପୂର୍ଣ୍ଣ ଓ ମାନବକଲ୍ୟାଣମୁଖୀ ହେବା ଆବଶ୍ୟକ । ଗୋପନୀୟତାର ସୁରକ୍ଷା, ମୌଳିକ ଅଧିକାରର ସମ୍ମାନ, ଭୁଲ ସୂଚନାର ପ୍ରତିରୋଧ ଓ ଶିକ୍ଷାରେ ସତ୍ୟତା ବଜାୟ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ । କେବଳ ସରକାର କିମ୍ବା ପ୍ରଯୁକ୍ତି କମ୍ପାନୀ ନୁହେଁ, ପ୍ରତ୍ୟେକ ବ୍ୟବହାରକାରୀଙ୍କୁ ମଧ୍ୟ ଦାୟିତ୍ୱଶୀଳ ହେବାକୁ ପଡ଼ିବ ।

କୃତ୍ରିମ ବୁଦ୍ଧିମତା ମାନବ ସଭ୍ୟତାର ଏକ ଯୁଗାନ୍ତକାରୀ ବୈଜ୍ଞାନିକ ସଫଳତା । ନା ଏହା ନିଜେ ବିକାଶର ପ୍ରତୀକ, ନା ବିନାଶର ଦୂତ; ବରଂ ଏହାର ପ୍ରଭାବ ନିର୍ଭର କରେ ମଣିଷର ଉଦ୍ଦେଶ୍ୟ, ବିବେକ ଓ ବ୍ୟବହାର ଉପରେ । ପ୍ରଯୁକ୍ତି ଆମର କାର୍ଯ୍ୟକୁ ସହଜ କରିପାରେ, କିନ୍ତୁ ଚିନ୍ତା, ବିଚାର ଓ ମୂଲ୍ୟବୋଧର ସ୍ଥାନ କେବେ ନେଇପାରିବ ନାହିଁ । କୃତ୍ରିମ ବୁଦ୍ଧିମତାଠାରୁ ମାନବିକତା, ନୈତିକତା, ସୃଜନଶୀଳତା ଓ ସହାନୁଭୂତି ହିଁ ମଣିଷର ପ୍ରକୃତ ଶକ୍ତି । ତେଣୁ ଏଆଇକୁ ଭୟ କରିବାର ନୁହେଁ, ବରଂ ଦାୟିତ୍ୱବୋଧ ଓ ସଚେତନତାର ସହ ବ୍ୟବହାର କରିବାର ସମୟ ଆସିଛି । କାରଣ ଏଆଇ ମଣିଷର ସହଯୋଗୀ ହୋଇପାରେ, କିନ୍ତୁ ମଣିଷର ବିବେକଠାରୁ ବଡ଼ କେବେ ହୋଇପାରିବ ନାହିଁ । ଆଗାମୀ ଡିଜିଟାଲ୍ ଯୁଗରେ ପ୍ରଯୁକ୍ତି ଓ ମାନବିକତା ମଧ୍ୟରେ ଏହି ସନ୍ତୁଳନ ହିଁ ଆମର ସୁରକ୍ଷା, ସମୃଦ୍ଧି ଓ ସଫଳତାର ପ୍ରକୃତ ଚାବିକାଠି ହେବ ।

ମାର୍ଫତ୍: ମନ୍ମଥ କୁମାର ମିଶ୍ର
ବିଶ୍ୱେଶ୍ୱପୁର୍ ଶାସନ,
କେନ୍ଦୁଝର ବଜାର
କେନ୍ଦୁଝର-୭୫୮୦୦୨
ମୋ: ୭୦୦୮୨୪୧୨୮୭



# ସ୍ୱନକ୍ଷତ୍ର ବିଶେଷାଙ୍କ

## ଆମେ ଯାହା ଖୋଜୁ

### ପ୍ର. ଗିରିଜା ଶଂକର ଶର୍ମା



ଆଜି ମୁଁ ଖୋଜୁଛି ସେମାନଙ୍କୁ
ସମୟର ଷଡ଼ଯନ୍ତ୍ର କ୍ରମେ ଯେଉଁମାନେ
ଏବେ ହଜି ଗଲେଣି ଦୃଶ୍ୟପଟ୍ଟରୁ ।
ଆଜି ମୁଁ ଖୋଜୁଛି ସେଇ ଭାଇର ହାତ
ଯିଏ କୋଳାଗ୍ରତ କରି ନେଉଥିଲା ତା' ନିଜ ଭାଇକୁ,
ସେଇ ପଡ଼ୋଶୀ ପରିବାରକୁ
ଯେଉଁମାନେ ନିଜ ଲୋକଙ୍କଠୁ ବେଶୀ ଆତ୍ମିୟ ଥିଲେ ।

ଆଜି ମୁଁ ଖୋଜୁଛି ଟିକେ ସ୍ୱଚ୍ଛ ପବନ
ଯାହାକୁ ପ୍ରଗତି ଆଳରେ ଆମର କଳ କାରଖାନା,
ଯାନ ବାହାନ ପ୍ରଦୂଷିତ କଲେଣି ବର୍ଷ ବର୍ଷ ଧରି,
ଶୀତଳ ମୃତ୍ୟୁର ଜାଲଟିଏ ଆମକୁ ଆବୃତ୍ତ କଲାଣି
ଆମ ଅଜାଣତରେ,
ଆମ ଆୟୁଷ ସହ ଲୁଚକାଳି ଖେଳି ।

ଆଜି ମୁଁ ଖୋଜୁଛି ପ୍ରଭାତୀ ପକ୍ଷୀଙ୍କ କଳରୋଳ
ସହରର ପ୍ରାସାଦରେ ଆଡ୍ଡା ଜମାଉ ନାହାନ୍ତି
ଗୋଟିଏ ବି ପକ୍ଷୀ
କୁଆଡ଼େ ଗଲେ ଘରଚଟିଆ, ବଣି, କଜ୍ୱଳପାତୀ
କିଏ ନିଶ୍ଚିହ୍ନ ହେଲାଣି ତ ଆଉ କିଏ
ନିଶ୍ଚିହ୍ନ ହେବାକୁ ଯାଉଛି ।

ଘନ ଜଂଗଲ ଏବେ ପତଳା ହେଲାଣି
ବାଘ, ସିଂହ ଜଂଗଲ ଛାଡ଼ି ଏବେ
ମଣିଷର ପିଂଜରା ଭିତରେ ।

ହାତୀ ମାନେ ଘୁରି ବୁଲୁଛନ୍ତି,
ଗାଁ ଗହଳରେ, ସହରରେ ।
ବଦଳି ଗଲାଣି ଏବେ ଜଂଗଲର ମାନଚିତ୍ର ।

ମୁଁ ଏବେ ଚାହୁଁଛି, ନଈରେ ବହୁ କାଚକେନ୍ଦୁ ଜଳ
ତାର କୁଳୁକୁଳୁ ମର୍ମରରେ ପ୍ରତିଧ୍ୱନିତ ହେଉ ଜଂଗଲ,
ଆକାଶର ଜହ୍ନ ଆଉ ତାରା
ସମସ୍ତେ ଏକାଠି ହୁଅନ୍ତୁ ତାରି ବକ୍ଷରେ,
କିନ୍ତୁ ଆଜିର ହତଭାଗା ପିଢ଼ି, ଦେଖି ପାରିବନି
ନଈରେ ପାଣି । ନଈ ଏବେ ଶୁଖିଲା ବାଲିର ଶଯ୍ୟା

ମୁଁ ଯାହା ଖୋଜୁଛି, ହୁଏତ ଆଉ କେବେ ମିଳିବନି
ସମୟ ହୁଏତ ଫେରିବନି ପଛକୁ ।
ଯାହା ବଦଳି ଯାଇଛି, ସେସବୁ ହୁଏତ ବଦଳିଛି
ଚିରକାଳ ପାଇଁ ।

+ ଧନକଉଡ଼ା, ସଂବଲପୁର- ୭୬୮୦୦୬
ମୋ: ୮୯୧୭୪୯୪୦୯୫

## ଠାକୁରେ କାହିଁକି ଟାହିଆ ନାହିଁ ଏଥର ?

### ସ୍ୱାଗତିକା ତରାଇ



ଆଜି ତୁମର ପହଣ୍ଡି ଦେଖି,
ଭକ୍ତ ଯେ ଭକ୍ତିରେ ବିହ୍ୱଳ ହେଲା,
ମୁଣ୍ଡରେ ଟାହିଆ ନ ପିନ୍ଧିବା ଦେଖି,
ଭକ୍ତ ଆଶ୍ଚର୍ଯ୍ୟ ଭ୍ରମିତ ହେଲା ।

କେଉଁ ଅଭିମାନେ ନୀରବ ହେଲ,
କାହା ଉପରେ ଏ ମାନ ?
ନା କି ଆମ ପାପର ଭାରରେ,
ନୁଆଁଇଦେଲ ନିଜ ସମ୍ମାନ ?

ପ୍ରତିବର୍ଷ ତୁମ ଟାହିଆ ଦେଖି,
ମନ ଭରିଗଲା ଆନନ୍ଦରେ,
ଏବେ କିନ୍ତୁ ସେ ଶୂନ୍ୟ ଶିର,
କଷ୍ଟ ଭରିଦେଲା ହୃଦୟରେ ।

ସତ କୁହ ପ୍ରଭୁ, କ'ଣ ହେଲା ?
କାହିଁକି ଏମିତି ନୀରବି ଗଲ ?
ନା କି ଆମ ଭକ୍ତିରେ କେଉଁଠି,
କମିଯାଇଛି ସେ ଭାବର ପ୍ରେମ ?

ତୁମେ ତ ଜଗତର ନାଥ,
ତୁମର କ'ଣ ହେବ ଅଳଙ୍କାର ?
ତଥାପି ତୁମ ଟାହିଆ ବିନା,
କାନ୍ଦିଉଠେ ଭକ୍ତର ସଂସାର ।

କାହୁଁ ବୁଝିବୁ ଲୀଳା ତୁମର,
ଅନନ୍ତ ତୁମ ଅଭିପ୍ରାୟ ।
ମର୍ତ୍ତ୍ୟ ବୁଦ୍ଧିର ମାପକାଠିରେ,
ମାପି ହୁଏନି ସେ ଲୌକିକ ନ୍ୟାୟ ।

ଠାକୁରେ କାହିଁକି ଟାହିଆ ନାହିଁ
ଏଥର ?'
ଭକ୍ତ ମନେ ଉଠେ ପ୍ରଶ୍ନ ଅପାର ।
କିଏ ନେଲା ସେ ସୁବର୍ଣ୍ଣ ଶୋଭା,
ନା କି ରହିଛି ତମର ଗୁପ୍ତ ଇଚ୍ଛା ?

ମୁକୁଟ ବିନା ବି ମହିମା ଅପାର,
ହସୁଛନ୍ତି ପ୍ରଭୁ କରୁଣା ଅଧର ।
ଭକ୍ତିର ଫୁଲେ ଶୋଭେ ତାଙ୍କ ଶିର,
ପ୍ରେମ ହିଁ ତାଙ୍କ ସର୍ବଶ୍ରେଷ୍ଠ ଅଳଙ୍କାର ।

ସୁନା କି ରତ୍ନ ନୁହେଁ ତାଙ୍କ ଗର୍ବ,
ଭକ୍ତର ହୃଦୟ ତାଙ୍କ ସତ୍ୟ ସ୍ୱର୍ଗ ।
ଆଖିର ଲୁହେ ଯିଏ ଧରେ ତାଙ୍କ
ନାମ,
ସିଏ ଲଭେ ପ୍ରଭୁଙ୍କର ଅମୃତ ଧାମ ।

ଟାହିଆ ନଥିଲେ କ'ଣ ହେଲା ଆଜି,
ଜଗନ୍ନାଥ ସଦା ଭକ୍ତ ପାଖେ ରାଜି ।
ରୂପ ନୁହେଁ, ଭାବ ହିଁ ତାଙ୍କ ଆଧାର,
ସେଥିପାଇଁ ଜଗତ କହେ :
'ଜୟ ଜଗନ୍ନାଥ, କରୁଣାସାଗର ।

+ଜେଲରୋଡ଼,
ବାଲେଶ୍ୱର

## ମାଆ

### ତୃପ୍ତିରାଣୀ ପାତ୍ର



ମାଆ ତୁମେ ଗଲା ପରେପରେ
ଖୋଜୁଛି କେତେ ନୀରବ ଅନ୍ତରେ
କାହାକୁ ବି ମୁଁ କିଛି କହି ନ ପାରେ
ତୁମକୁ ଯାହା କହୁଥାଏ
ଧିରେଧିରେ ।
କାହାର ଜୀବନ ଆଗେ ଚାଲିଯାଏ
ଆଉ କିଏ ଯିବାକୁ
ପ୍ରସ୍ତୁତ ହେଉଥାଏ
ସେହି ସମୟକୁ କେହି ଚାହିଁ ନଥାଏ
ମୃତ୍ୟୁଦୂତ ସତେ ଛପି ରହିଥାଏ ।
ପ୍ରାଣ ଯେବେ ପିଣ୍ଡରୁ ବାହାରି ଯାଏ
ନିଃଶ୍ୱାସ ପ୍ରଶ୍ୱାସ ଧିରେ କମିଯାଏ
ଜନ୍ମମୃତ୍ୟୁ ଚିରନ୍ତନ ସେ ସୂଚାଇଦିଏ
ମାୟାମୋହରୁ ସେ ମୁକ୍ତି ପାଇଥାଏ ।

ମୃତ୍ୟୁ ଏକ
ଅଲୋଡ଼ା ଅତିଥି ବେଶେ ଆସିଥାଏ
ବିନା ନିମନ୍ତ୍ରଣେ ଧାଇଁ ଆସିଥାଏ
ଅତି ପ୍ରିୟେ ଆପଣାର କରିଦିଏ
ନିଜ ଘରକୁ ପାଛୋଟି ନେଇଯାଏ ।
ସବୁ ସୁଖଦୁଃଖ ଶେଷ ହୋଇଯାଏ
ମା ଏମିତି ଦିନରେ ତୁମକୁ ସେ ନିଏ
ସେଦିନକୁ ସଦା ମୁହିଁ
ଝୁରି ହେଉଥାଏ
କାରଣ ତୁମକୁ ତ ମୁଁ
ବେଶି ଭଲପାଏ ।
ତୁମ ଅତି ଆଦରର ସାନ ଝିଅଟିଏ
ବାପା ମାଆଙ୍କର ଗେହ୍ଲେଇ ପରାଏ
ବଢ଼ି ପଢି ତୁମ କଥା ସବୁ ମାନୁଥାଏ
ସେଥିପାଇଁ କେତେ ଆଶିଷ
ଜୀବନେ ପାଏ ।
ମାଆ ତୁମ ସେନେହ ଶରଧା ହୃଦେ
ପାଶେ ସାଇତି ଥାଏ
ତୁମକୁ ଅନ୍ତରେ ନିତି
ଝୁରି ହେଉଥାଏ
ଟିକେ ଆସନ୍ତନି ସପନରେ ଥରୁଟିଏ
ମନେ ବଡ଼ ଆଶାବାନ୍ଧି
ରହିଛି ସତରେ
ଦେଖିବି ଆତ୍ମସନ୍ତୋଷରେ ଟିକିଏ ।

+ସହଦେବଖୁଣ୍ଟା, ବାଲେଶ୍ୱର

## ବିସ୍ଥାପନ

### ଅରସ୍ମିତା ବେହେରା



ପାହାଡ଼ର ଛାତି ଉପରେ
ସକାଳର କାକର ବିନ୍ଦୁ
ଝଲମଲ କରୁଥିଲା,
ଝରଣା ଗାଉଥିଲା ତା'ର
ପୁରୁଣା ଗୀତ
ଆଉ ଜଙ୍ଗଲ ପଥରେ
ଏକ ସାଧବ ବୋହୁ ପରି
ଧୀରେ ଧୀରେ ଚାଲୁଥିଲା
ପାହାଡ଼ୀ ତଳ ଗାଁ ।

ଆଦିବାସୀ ପିଲାର ହସରେ
ଥିଲା ମହୁଲ ଫୁଲର ସୁଗନ୍ଧ
ବୁଢ଼ାକେନ୍ଦୁ ଗଛର ଛାଇ ତଳେ
ବସିଥିଲା ପୂର୍ବ ପୁରୁଷଙ୍କ ଇତିହାସ ।

ହଠାତ୍ ମାନଚିତ୍ର ଉପରେ
ଅଙ୍କା ହେଲା
କିଛି ସରଳ ରେଖା
ଆଉ ପାହାଡ଼ର ଛାତିରେ
ଗର୍ଜି ଉଠିଲା ଲୌହ ଦାନବ ।
ଝରଣା ଆଜି ବି ବହୁଛି
କିନ୍ତୁ ତା'ର କୂଳରେ
ସେଇ ଗାଁ ନାହିଁ ।
କାକର ବିନ୍ଦୁ ଆଜି ବି ପଡୁଛି

କିନ୍ତୁ ସେମାନଙ୍କୁ ଦେଖିବାକୁ
ସେଇ, ଆଖି ନାହିଁ ।

ବିସ୍ଥାପିତ ଲୋକଙ୍କ ହାତରେ
ରହିଯାଇଛି କେବଳ
ମାଟିର ଗନ୍ଧ ଆଉ ସ୍ମୃତିର ଠିକଣା
ଯେପରି ସାଧବ ବୋହୂର ସିନ୍ଦୂରରେ
ଲୁଚି ରହିଥାଏ ଅସଂଖ୍ୟ
ଅକୁହା ବେଦନା
ପାହାଡ଼ ନୀରବ, ଝରଣା ନୀରବ,
ଆଉ ନୀରବ ହେଇଯାଇଛି
ସମୟ ମଧ
କେବଳ ପବନ ପଚାରେ
ଘର ହରାଇଥିବା ଲୋକଙ୍କ ପାଇଁ
ପୃଥିବୀର କେଉଁ କୋଣଟି
ସତରେ ନିଜର ଘର ?

+କସିପଦା, ରୂପ୍ସା, ବାଲେଶ୍ୱର



## ମହଣ ମହଣ ସୁନାରେ

### ଜେନା ପ୍ରଦୀପ



ମହଣ ମହଣ ସୁନାରେ ସଜେଇ
ହେଉଛ ବେଶ
ଦିଅହେ ଫେରାଇ ମଣିଷ ମୁହଁରେ
ହଜିଲା ହସ ।

କେତେ ଐଶ୍ୱର୍ଯ୍ୟ ଅଛି ତୁମ ପାଖେ
ଦେଖାଅ ଠାଣି
ଅସରା ସୁଖର ପସରା ମେଲିଛ
ନାଗର ମଣି
ରୂପ ମାଧୁରୀକୁ ଦେଖି
ଏ ମଣିଷ ହେଉଛି ବଶ ।

ଦୁଃଖ ଦରଦକୁ ବୁଝିପାର ବୋଲି
ଜଗତ ଜାଣେ
ବ୍ରହ୍ମାଣ୍ଡ ଠାକୁର ନାମ ବହିଅଛ
ଆପଣା ଗୁଣେ
ଆହେ ଦୀନବନ୍ଧୁ ଦୁଃଖ ହର
ଦେଇ ମଧୁ ପରଶ ।

+ଲକ୍ଷ୍ମୀପାଦ,ପ୍ଲଟ ନଂ ୩ଇ
୧୦୧୮, ସେକ୍ଟର ୧୩,
ମର୍କତନଗର(କେଡିଏ), କଟକ,
ମୋ - ୯୯୩୮୫୨୦୩୭୧

## ଉଠ ମଣିମା ଫେରିବା ବେଳ ହେଲା

### ଶ୍ରୀ ପରେଶ ରାୟ ମହାପାତ୍ର

ଉଠ ମଣିମା,
ଫେରିବା ବେଳ ହେଲା
ଆଡ଼ପ ଲିଳା ସରିଗଲା,
କଷ୍ଟ ପୁରିଗଲା
ଶ୍ରୀମନ୍ଦିର ଫେରିଚାଲ ମହାପ୍ରଭୁ,
ଉଠ ମଣିମା, ଉଠ ।

ତାଳଧ୍ୱଜ, ନନ୍ଦିଘୋଷ ଓ
ଦେବଦଳନ
ଦକ୍ଷିଣ ମୋଡ଼ରେ ଠିଆ
ମହାଲକ୍ଷ୍ମୀ ପରା ଆସିଥିଲେ
ମା' ରୋଷରେ କେତେ କଥା
କହିଗଲେ,
ମୁଣ୍ଡ ପାତିଦେଲୁ
ଉଠ ମଣିମା, ଉଠ ।

ମାଉସୀ ମା' ପୋଡ଼ପିଠା
ଆପଣଙ୍କୁ କେଡ଼େ ମିଠା,
ତେଣେ ଖଳି ଯନ୍ତା ହେଲାଣି

ଦିନ ପରେ ଦିନ
ତାଙ୍କ ନଅ ଦିନ ଅପେକ୍ଷାର
ଧର୍ଯ୍ୟ ବନ୍ଧ ଭାଙ୍ଗିଲାଣି
ଫେରିବାର ବେଳ ହେଲାଣି,
ଉଠ ମଣିମା, ଉଠ ।

ଅପଚରା ହୋଇଯିବେ ଏଠି
ଆଗକୁ ଏକାଦଶୀ ଉପବାସ
ବଡ଼ ଦାଣ୍ଡରେ କାଟି ଦେବେ ପ୍ରଭୁ,
ଭକତର ବନ୍ଧୁ ଆପଣ
ତା' ହାତରୁ ଫଳମୂଳ ନେବେ
ବଡ଼ଭାଇ, ଭଉଣୀ ଓ ଆପଣେ ମିଶି
ଖାଇ ନେବେ,
ଦିନଟା ବ୍ରତରେ କଟିଯିବ,
ଉଠ ମଣିମା ଉଠ
ହେ ପ୍ରଭୁ ! ଐଶ୍ୱର୍ଯ୍ୟ ଭୋଗୀ ଆପଣ,
ରତ୍ନ ଭଣ୍ଡାରରେ
ମହଣ ମହଣ ସୁନାଗହଣା

କି ପାଇଁ ଥୁଆ,
ମୁକୁଟ, କିରିଟ, ମାଳୀ
ପାଦ ପାପୁଲି
ଭାଇ ଭଉଣୀ ସମସ୍ତଙ୍କୁ ମାନେ,
ସୁନାବେଶ ଭକ୍ତଙ୍କୁ
ରାଜାଧି ରାଜ, ଜଗତ ମଉଡ଼ମଣି,
ମଣିମା ବେଶରେ
ଅହଂ ପ୍ରକଟ କରି
ଦର୍ଶନ ଦେବେ ନାହିଁ କି ?
ଉଠ ମଣିମା, ଉଠ ।

ଲକ୍ଷ୍ମୀ ମା' ପରା ଅପେକ୍ଷାରେ
ମାନ ଅଭିମାନ ଅଧର୍ଯ୍ୟରେ
ମା' ଚାହାଣୀ ମଣ୍ଡପରେ ବସିଥିବେ
ଓଡ଼ିଆ ପରମ୍ପରାର ସୁଆଦିଆ
ରସଗୋଲା ଦେଇ
ନିଳାଦ୍ରି ବିଜେ ପର୍ବରେ
ମା'ଙ୍କର ମାନ ଭଞ୍ଜନ କରି
ଶ୍ରୀମନ୍ଦିରେ ପ୍ରବେଶ
କରିବେ ନାହିଁ କି ?
ଉଠ ମଣିମା,
ଫେରିବାର ବେଳ ହେଲା
ଆଡ଼ପ ଲିଳା ସରିଗଲା ।

+ରାଜମୁକୁନ୍ଦ, ପୁରି, ଭଦ୍ରକ

## ନିରାଶାରେ ଆଶା

### ପୀତାମ୍ବର ଦାସ



ଉତ୍ତପ୍ତ ବାଲିଘେରା ପ୍ରାନ୍ତେ
ମରୁ କଣ୍ଟାବଣ ।
ଝିମ୍ ଝିମ୍ ବାଟୋଇ ମୁଣ୍ଡେ
ପଡ଼େ ଖରା ଟାଣ ।
ତୃଷାର୍ତ୍ତ ପଥିକର ପ୍ରାଣ
ଛଟପଟ କାଳେ ।
ସାହା କିଏ ହୋଇବ ତାକୁ
ନିରନ୍ତର ଭାଳେ ।
ଚକ୍ଷୁ କୋଣେ ଦର୍ଶନ ଯଦି

ନଈ ପଠା ପାଣି ।
ଡହଳ ପ୍ରାଣ ଯୁକ୍ତ ଭ୍ରମେ
ଦିଏ ଆଶା ବୁଣି ।
ତଥାପି ନିରାଶାର ଛବି
ତେଜି ଏଇ ମନ ।
ଦୋଡ଼ିଯାଏ ବିକଳେ ଶରୀ
ରଖିବ ଜୀବନ ।

ଆଶାର ଆକାଂକ୍ଷା ପ୍ରାଚୀର
ଚୂରମାର କରି ।
ମରୀଚିକା ବଇରୀ ସାଜେ
ଦୁଃଖ ଦେଇ ଭରି
ମରୁର ଗୋଲାପ ସୁଗନ୍ଧ

ସପନ ବାଜଣା ।
ଦେଖେ ନିତି ଚକ୍ଷୁ ପଟଳ
ହୋଇ ବାଟବଣା ।
ନିରାଶାର ଆଶାର ଗୃହେ
ଯୁକ୍ତାତ୍ମକ ମନ ।

ଅହରହ ବିହରି ଭାବେ
ପାଇବାକୁ ଧନ ।
ସପନ ବିଚରଣେ ଯଦି
ସମତଳ ଭୂମି ।
ମିଳିଯାଏ ନୟନେ ଆସି
ହୋଇ ଦ୍ରୁତ ଗାମୀ ।

ସୁଖର ସମ୍ପଦେ ଜୀବନ
ଭରେ ମିଠା ମଧୁ ।
ଚାଖେ ନିତ୍ୟ ଅମୃତ ସିକ୍ତ
ଅସରନ୍ତି ସିନ୍ଧୁ ।

+ ଗୋପାଳ ଗାଁ, ବାଲେଶ୍ୱର
ମୋ: ୯୪୩୭୩୪୮୭୯୧


# ଉଦଳା ବିଜ୍ଞାପିତ ଅଂଚଳ ପରିଷଦ

ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଉଦଳା ପରିଷଦବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଉଦଳା ସହରର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସହରବାସୀଙ୍କ ଅକୁଣ୍ଠ ସହଯୋଗ କାମନା କରି ସହରବାସୀଙ୍କୁ ପୌରସେବା ଯୋଗାଇ ଦେବାପାଇଁ ଆମ୍ଭେ ସଙ୍କଳ୍ପବଦ୍ଧ ।

**ସବୁଜ ସୁନ୍ଦର ଆମ ଉଦଳା କରିବା**
**ଆମ ସହରଠୁ ଅଳିଆ ଅଲଗା କରିବା ।।**
**ଖୁସିରେ ହସିବ ଆମ ପରିବେଶ**
**ନିୟମିତ ଭରିବା ଆମେ ଟିକସ ।।**

୧. ପୌର ସମ୍ପତ୍ତି ଆପଣ ମାନଙ୍କ ସମ୍ପତ୍ତି, ଏହାର ରକ୍ଷଣା ବେକ୍ଷଣ ଦାୟିତ୍ୱ ଆପଣମାନଙ୍କର ।
୨. ସର୍ବସାଧାରଣ ରାସ୍ତା ଓ ଡ୍ରେନରେ ଅଳିଆ ଆର୍ବଜନା ପକାନ୍ତୁ ନାହିଁ । ନିଜ ଘରେ ବାହାରୁଥିବା ଅଳିଆ ଓଦା ଓ ଶୁଖିଲା ଭାବେ ଅଲଗା ଅଲଗା କରି ସଫେଇ କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ ।
୩. କଠିନ ବର୍ଜ୍ୟବସ୍ତୁ ପାଇଁ ବ୍ୟବହାରିକ ଧାର୍ଯ୍ୟ ଟିକସ ସ୍ୱଚ୍ଛ ସାଥିମାନଙ୍କୁ ଠିକ୍ ସମୟରେ ପ୍ରଦାନ କରନ୍ତୁ ।
୪. ନିୟମିତ ଧାର୍ଯ୍ୟ ଟିକସ ଦେଇ ପରିଷଦର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।
୫. ପଲିଥିନ୍ ବ୍ୟବହାର ନକରି ପ୍ରଦୂଷଣ ମୁକ୍ତ ସହରାଞ୍ଚଳ ଗଠନରେ ସହାୟକ ହୁଅନ୍ତୁ ।
୬. ବିବାହ ପଞ୍ଜୀକରଣ ବାଧ୍ୟତାମୂଳକ ଭାବେ କରନ୍ତୁ ।
୭. ବାହାରେ ମଳତ୍ୟାଗ ନକରି ନିଜସ୍ୱ ପାଇଖାନା କିମ୍ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ ।
୮. ଗୃହ ନିର୍ମାଣ ପୂର୍ବରୁ ପୌରପାଳିକା ନକ୍ସା ଅନୁମୋଦନ କରାଇ ନିଅନ୍ତୁ ।
୯. ଜଳ ହିଁ ଜୀବନ: ଆସନ୍ତୁ ବର୍ଷାଜଳକୁ ସଠିକ ଭାବେ ସଂରକ୍ଷଣ କରି ବ୍ୟବହାର ଯୋଗ୍ୟ କରିବା ।

**ପ୍ରିୟରଂଜନ ଜେନା** — ନିର୍ବାହୀ ଅଧିକାରୀ
**ଲିଲି ଭୋଳ** — ଉପ-ନଗରପାଳ
**ପ୍ରମିଳା ପଣ୍ଡା** — ନଗରପାଳ

**ପରିଷଦର ସମସ୍ତ କାଉନସିଲର ବୃନ୍ଦ ଏବଂ କର୍ମଚାରୀଗଣ**


## ବର୍ଷା ହେଲେ ତୁମେ କାହିଁ ଭାରି ମନେପଡ଼

### ତାନଶ୍ରୀ ପାଣିଗ୍ରାହୀ



ଏଇ ବର୍ଷାରେ ତୁମେ ଭାରି ମନେପଡ
ହୃଦୟ ଖୋଲି କହିଲି
ଆମରି ମିଳନ ଦେଖି ହସୁଥିଲା
ବର୍ଷାରାଣୀ ଖିଲି ଖିଲି...

ମେଘ ସ୍ୱାରୀରେ ଆସିଥିଲ ସାଥୀ
ଧରିଥିଲ ମୋର ହାତ
ଚାରି ନୟନରେ ହୋଇଲା ମିଳନ
ସପନ ହୋଇଲା ସତ...

କି କୁହୁକ ଥିଲା ତୁମ ସେ କଥାରେ
କିଣିନେଲ ମୋର ମନ
ପ୍ରଥମ ଆଳାପେ ପ୍ରିୟା ବୋଲି କହି
କଲ ପ୍ରେମ ନିବେଦନ...

ନିରିମାଖି ମୁଁ ଯେ ପ୍ରୀତି ସୋହାଗିନୀ
ପାଇଲି ତୁମକୁ ସାଥୀ
ଖୁସିରେ ଗାଇଲା ପୀରତିର ବର୍ଷା
ଭିଜା ଭିଜା ମଧୁଗୀତି...

କଥାରେ ତୁମର ଦିବ୍ୟ ଅମୃତ
ଢାଳିଛ ପ୍ରୀତି ସୋହାଗ
ବର୍ଷା ଛିଟାରେ ମନେପଡେ ଆଜି
ତୁମ ପ୍ରେମ ଅନୁରାଗ ।

+ବାଲେଶ୍ୱର
ମୋ -୯୩୩୭୩୦୪୨୯୫



ଧ୍ୱନି ପ୍ରତିଧ୍ୱନି
୨୬ ଜୁଲାଇ ୨୦୨୬
ବାଲେଶ୍ୱର
ରବିବାର ୧୫

# ସ୍ୱନକ୍ଷତ୍ର ବିଶେଷାଙ୍କ

## ଶୁଭେଚ୍ଛା



ଧ୍ୱନି ପ୍ରତିଧ୍ୱନିର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । 'ଧ୍ୱନି ପ୍ରତିଧ୍ୱନି' ଅଧିକ ଲୋକପ୍ରିୟ ହେଉ ଓ ସାଧାରଣ ଲୋକଙ୍କର ସୁଖ ଦୁଃଖର ସାଥୀ ହେଉ ଏତିକି ମୋର କାମନା ।

**ଶ୍ରୀମତୀ ଅଂଜଳି ପଣ୍ଡା**

କବୀ ତଥା ସୁସାହିତ୍ୟିକା,
ବାଲେଶ୍ୱର

## ଶୁଭେଚ୍ଛା



ବାଲେଶ୍ୱରରୁ ପ୍ରକାଶ ପାଉଥିବା ଦୈନିକ ନିରପେକ୍ଷ ଖବର କାଗଜ ଧ୍ୱନି ପ୍ରତିଧ୍ୱନିର ୩୬ ତମ ବାର୍ଷିକ ଉତ୍ସବ ଅବସରରେ ମୁଁ ସମସ୍ତ ଭାଇ ଭଉଣୀ ମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

**ଡାକ୍ତର ଗୟାରାମ ଗଙ୍ଗାଇ**

ମୋ: ୯୩୩୮୮୦୬୯୪୮

## ଶୁଭେଚ୍ଛା



ଧ୍ୱନି ପ୍ରତିଧ୍ୱନିର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା । ଏହି ସମ୍ବାଦପତ୍ର ଦୀର୍ଘଜୀବି ହେଉ ଓ ସମାଜର ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟ କରୁ ଏତିକି ହିଁ କାମନା ।

**ସଞ୍ଜୟ କୁମାର ଜେନା**

ନୋଡାଲ ପ୍ରଧାନ ଶିକ୍ଷକ, ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟ,
ବାଲିଆପାଳ







BAISINGA B.Ed ACADEMY
ଓଡ଼ିଶା କମ୍ପ୍ୟୁଟର ଏକାଡେମୀ
B.Ed B.PEd
UTKAL UNIVERSITY
Courses Offer
Ad. PGDCA, OS-CIT, 'O' Level, DCA
Govt. of India
Mob - 8917255524, 9583389983, 9937334072

ADMISSION NOTIFICATION:
2026-28 FOR THE COURSES
C.P.Ed. | B.P.Ed. | M.P.Ed.
Baliapal College of Physical Education
Baliapal, Balasore, Odisha - 756026
Recognized by N.C.T.E. New Delhi, Govt. of Odisha and affiliated to F.M. University, Balasore, Odisha under 2 (f) of U.G.C. New Delhi & Board of Secondary Education, Odisha Cuttack.
ONLINE APPLICATION FOR ADMISSION OPEN FOR LIMITED SEATS
Avoid Last Hour Rush
For detail notification and online application please visit our website: www.bcpe.in | Contact: Mob: 7978728360/ 9938558356
Academic Block | UG Boyes Hostel | Ladies Hostel | Administrative Block | Conference Hall

With best Compliments from : (M) 9439656277
SIDDHESWAR COLLEGE OF PHARMACEUTICAL SCIENCES
At/Po : Amarda Road - 756030 Dist : BALESWAR, ODISHA
Approved by Pharmacy Council of India,
New Delhi, Govt of Odisha
&
Affiliated to Odisha State Board of Pharmacy
Bhubaneswar

## ଶୁଭେଚ୍ଛା



ବାଲେଶ୍ୱରରୁ ପ୍ରକାଶ ପାଉଥିବା ଦୈନିକ ନିରପେକ୍ଷ ଖବର କାଗଜ ଧ୍ୱନି ପ୍ରତିଧ୍ୱନିର ୩୬ ତମ ବାର୍ଷିକ ଉତ୍ସବ ଅବସରରେ ମୁଁ ସମସ୍ତ ଭାଇ ଭଉଣୀ ମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

**ରାଜୀବ କୁମାର ନନ୍ଦୀ**

ସଭାପତି, ବୈଶିଙ୍ଗା ମଣ୍ଡଳ
ଭାରତୀୟ ଜନତା ପାର୍ଟି,
ବୈଶିଙ୍ଗା,ମୟୂରଭଞ୍ଜ

ଧ୍ୱନି ପ୍ରତିଧ୍ୱନି



# ଅମର୍ଦ୍ଦାରୋଡରୁ ଇନ୍ଦିରାଛକ ରାସ୍ତା ସାରା ଖାଲଖମାରେ ପରିପୂର୍ଣ୍ଣ : ଯାତାୟାତରେ ବାଧାପ୍ରାପ୍ତ

ବସ୍ତା , ୨୫/୭ (ନି.ପ୍ର):ବସ୍ତା ବ୍ଲକ ଅନ୍ତର୍ଗତ ଅମର୍ଦାରୋଡ ଫାଣ୍ଡିଠାରୁ ଇନ୍ଦିରାଛକ ରାସ୍ତା ଖୁବ ଦୁର୍ଗମ ଅବସ୍ଥା ହୋଇଗଲାଣି । ପୂର୍ତ୍ତ ବିଭାଗ ଅଧୀନ ଏହି ସଡକର ବାରିପଦା, ବାଲେଶ୍ୱର, ପଶ୍ଚିମ ବଙ୍ଗ ଯିବାର ମୁଖ୍ୟରାସ୍ତା ।ଏହି ରାସ୍ତାର ବିଭିନ୍ନ ସ୍ଥାନରେ ରାସ୍ତା ସାରା ଛୋଟ ବଡ଼ ଖାଲରେ ପରିପୂର୍ଣ୍ଣ । ଯାହାଫଳରେ ଏହି ରାସ୍ତା ରେ ଯାତାୟତ କରିବା ଖୁବ ବିପଦ ପୂର୍ଣ୍ଣ ହୋଇ ପଡିଛି । ପ୍ରକାଶ ଥାଉ କି ଯେ, ଏହି ରାସ୍ତା ସହିତ ଜଳେଶ୍ୱର ଓ ଭୋଗରାଇ ଏପରି କି ପଡ଼ୋଶୀ ପଶ୍ଚିମବଙ୍ଗ ସହିତ ଉତ୍ତମ ସଡ଼କ ଯୋଗାଯୋଗ ରହି ଥିବାରୁ ଏବଂ ବାଲିଆପାଳର ଚୌମୁଖରେ ପ୍ରସ୍ତାବିତ ବନ୍ଦର ଓ ତୃତୀୟ ନୂତନ ଲାଇନ କାର୍ଯ୍ୟ ହେଉଥିବାରୁ ପ୍ରତି ମୁହୂର୍ତ୍ତରେ ପଥ ଚାରି ଠାରୁ ଆରମ୍ଭ କରି ଶହ ଶହ ବସ, ଟ୍ରକ, କାର ପ୍ରଭୃତି ଚାରି ଚକିଆ ଯାନବାହନ ଚାଳାଚଳ କରୁଛି ।ରାସ୍ତା ଖରାପ ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଛି । ଏହି ବ୍ୟସ୍ତ ବହୁଳ ରାସ୍ତାକୁ ବିଶେଷ ଦରଜା ଦେଇ ଉନ୍ନତ ମାନର ସଡ଼କ ନିର୍ମାଣ କରିବା ଏବଂ ରାସ୍ତା ଉଭୟ ପାଖରେ ଥିବା ଜବର ଦାଖଲ ମୁକ୍ତ କରିବା ପାଇଁ ଦାବି ହୋଇଛି । ଏହି ସଡ଼କଟି ଜଳେଶ୍ୱର ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଅଧୀନରେ ରହିଛି । ଏହାର ଏଭଳି ଶୋଚନୀୟ ଅବସ୍ଥାର ସୁଧାର କେବେ ହେବ ବୋଲି ପଚାରିବାରୁ କନିଷ୍ଠ ଯନ୍ତ୍ରୀ



କହନ୍ତି ଯେ ଆସନ୍ତା ବର୍ଷା ଋତୁ ପରେ ରାସ୍ତା କାମ ହେବ ।ତେବେ ଜନସାଧାରଣଙ୍କୁ ଆହୁରି ୨/୩ ମାସ ଅପେକ୍ଷା କରିବା କଷ୍ଟ ଦାୟକ ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି ।

# ମା ଶୀତଳା କମିଟି ପକ୍ଷରୁ ବାହୁଡ଼ା ଯାତ୍ରା ମହା ସମାରୋହରେ ଅନୁଷ୍ଠିତ

ବାସୁଦେବପୁର , ୨୫/୭ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାଲି ମୁଣ୍ଡା ପଞ୍ଚାୟତର ନନ୍ଦ ପାଟଣା ଗ୍ରାମରେ ମା ଶୀତଳା କମିଟି ପକ୍ଷରୁ ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ବାହୁଡ଼ା ଯାତ୍ରା ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ଠାକୁରଙ୍କ ପୂଜା ପାଠ, ନୀତି କାନ୍ତି, ଭଜନ କୀର୍ତ୍ତନ ପ୍ରଭୃତି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା । ଏହି ଉତ୍ସବରେ କମିଟିର ସଭାପତି ବିବେକାନନ୍ଦ ଜାନା,ସମ୍ପାଦକ ବଳରାମ ପରିଡ଼ା, ସଦସ୍ୟ ସଞ୍ଜୟ ଦାସ, ରାମ ଦାସ, ଅଜୟ ଗିରି,



ଦିଲ୍ଲୀପ ହାଜରା, ବଙ୍କେସ ଗିରି, ରାଜୁ ମଣ୍ଡଳ, ବିକ୍ରମ ଗିରି, ରାମେଶ୍ୱର ଗିରି, ଜୟଦେବ ଗିରି, ସୁକୁମାର ଗିରି, ମଦନ ଡିଙ୍ଗଲ, ମନୋରଞ୍ଜନ ଗିରି, ପ୍ରଦୀପ ଦାସ ପ୍ରମୁଖ ଯୋଗ ଦେଇଥିଲେ । ବାଲିମୁଣ୍ଡା ସରପଞ୍ଚ ନମିତା ଦାସ, ପୂର୍ବତନ ସରପଞ୍ଚ ତପନ ଭୂୟାଁ , ତପନ ଦାସ ଓ ସମସ୍ତ ଗ୍ରାମବାସୀ ଏହି ଉତ୍ସବରେ ସହଯୋଗ କରିଥିଲେ । ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଠାକୁରଙ୍କୁ ମାଉସୀ ମା ମନ୍ଦିରରୁ ଭକ୍ତ ମାନେ ଟାଣି ଟାଣି ମୁଖ୍ୟ ମନ୍ଦିର କୁ ନେଇଥିଲେ । ଜୟ ଜଗନ୍ନାଥ, ଜୟ ଜଗନ୍ନାଥ, ଜୟ ଜଗନ୍ନାଥ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇ ଥିଲା । ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ । ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଏହି ବାହୁଡ଼ା ଯାତ୍ରା ଉତ୍ସବରେ ଯୋଗ ଦେଇଥିଲେ ।

# ସର୍ପ ଦଂଶନ ଓ ତାର ସୁରକ୍ଷା ସମ୍ପର୍କିତ କର୍ମଶାଳା

ବୈଙ୍ଗିଆ , ୨୫/୭ (ନି.ପ୍ର): ସର୍ପ ଦଂଶନ ଓ ସୁରକ୍ଷା କାର୍ଯ୍ୟକ୍ରମ ଆଜି ରାଇକମା ଆଶ୍ରମ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଶ୍ରୀ ରଜତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଆଧାରରେ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଆମ ଅଞ୍ଚଳରେ ଦେଖାଯାଉଥିବା ବିଷଧର ସର୍ପ, ଯଥା- ନାଗ, ଚିତି, ବଡ଼ା ସାପ କିପରି ଘର ଭିତରକୁ ଖାଦ୍ୟ ଅନ୍ୱେଷଣରେ ପଶିଥାନ୍ତି ଏବଂ ଲୋକମାନେ ସେମାନଙ୍କର ଦଂଶନର ଶୀକାର ହୋଇଥାନ୍ତି, ସେ ବିଷୟରେ ପ୍ରଧାନଶିକ୍ଷକ ପ୍ରାଞ୍ଜଳ ଭାବେ



ବୁଝାଇଥିଲେ । ଘର ଚାରିପାଖ ତଥା ଘର ଭିତର ଓଳିଆ ଆବର୍ଜନା ମୁକ୍ତ ରଖିବା ସହିତ ବ୍ଲିଚିଂ, କଳାଫିନାଇଲ ନିୟମିତ ପକାଇବା, କାର୍ବୋଲିକ୍ ଏସିଡ଼ ବ୍ୟବହାର ସହିତ ସର୍ପଗନ୍ଧା, ତୁଳସୀ ଆଦି ଚାରା ରୋପଣ କରାଗଲେ ସର୍ପ ଦଂଶନରୁ ରକ୍ଷା ମିଳିପାରିବବୋଲି ଶିକ୍ଷିକା ସରସ୍ୱତୀ ଜେନା ପ୍ରକାଶ କରିଥିଲେ । ସାପ କାମୁଡିଲେ ଗୁଣିଆକୁ ନ ଦେଖାଇ ଯଥାଶୀଘ୍ର ଡାକ୍ତରଖାନା ନେବା, ୧୦୮ ଆମ୍ବୁଲାନ୍ସ ଡକାଇବା, କ୍ଷତ ସ୍ଥାନକୁ ଧୋଇଦେବା ଏବଂ ପୀଡିତ ବ୍ୟକ୍ତିଙ୍କୁ ଶାନ୍ତ୍ୱନା ଦେବାକୁ ଶିକ୍ଷିକା ଦିପାଞ୍ଜଳି ଦାସ ପରାମର୍ଶ ଦେଇଥଲେ । ଶିକ୍ଷିକା ପ୍ରତିମା ପରିଡ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ କୁଇଜ କାର୍ଯ୍ୟକ୍ରମ କରି ଉତ୍ସାହିତ କରିଥିଲେ । ପ୍ରଧାନ ଶିକ୍ଷକ ଆମ ବିଦ୍ୟାଳୟ ପରିବେଶ ସର୍ବଦା ସଫାସୁତୁରା ରଖି ସର୍ପ,ମଶାମାଛି କବଳରୁ ନିଜକୁ ରକ୍ଷାକରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଏହିଭଳି ଏକ ସଚେତନଧର୍ମୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିବାରୁ ଅଭିଭାବକମାନେ ଏହାକୁ ସ୍ୱାଗତ ଜଣାଇଥିଲେ ।

# ସ୍ୱେଚ୍ଛାସେବୀ ମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ତାଲିମ କାର୍ଯ୍ୟକ୍ରମ

ଉଦଳା , ୨୫/୭ (ନି.ପ୍ର): ଲୋକ ସଂଗଠନ ଜନଜାଗୃତି ମଂଚ ତରଫରୁ ମୟୂରଭଂଜରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବି ମାନେ ନିଯୁକ୍ତି ପାଇଛନ୍ତି । ଜିଲ୍ଲାରେ କାର୍ଯ୍ୟରତ ସରପଂଚ ମାନଙ୍କୁ ସାମାଜିକ ଗଣମାଧମର ବ୍ୟବହାର ସମ୍ପର୍କରେ ଅବଗତ କରାଇବା ଓ ମୋବାଇଲର ବ୍ୟବହାର ଶିଖାଇବା ପାଇଁ କିଛି ସ୍ୱେଚ୍ଛାବେସି କାମ କରୁଛନ୍ତି । ସେମାନଙ୍କୁ 'ଟେକ୍‌ସାଥୀ' ବୋଲି କୁହାଯାଉଛି । ସେହିପରି କିଛି ମହିଳା ସ୍ୱେଚ୍ଛାସେବି ମଧ ବିଭିନ୍ନ ଗ୍ରାମରେ ନିଯୁକ୍ତି ପାଇଛନ୍ତି ସେମାନଙ୍କୁ 'ଉର୍ମି ଲିଡ଼ର' ବୋଲି କୁହାଯାଉଛି । ସେହିପରି ଗତ ଗ୍ରୀଷ୍ମଛୁଟି ସମୟରେ ବିଭିନ୍ନ ଗ୍ରାମରେ ଖୋଲାଯାଇଥିବା ଷ୍ଟଡ଼ି ସେଂଟର ମାନଙ୍କରେ ପିଲାଙ୍କୁ ପାଠ ପଢ଼ାଇବା ପାଇଁ କିଛି ସ୍ୱେଚ୍ଛାସେବି ନିଯୁକ୍ତ ହୋଇଥିଲେ । ଏହିଭଳି ଭାବରେ କାର୍ଯ୍ୟରତ ଯୁବକ ଯୁବତୀ ମାନଙ୍କୁ ନିଜ ନିଜର କାର୍ଯ୍ୟ କ୍ଷେତ୍ରରେ ଅଧିକ ଦକ୍ଷ



କରିବା ସକାଶେ ଆଜି ଜୁଲାଇ ୨୫ ତାରିଖ ଶନିବାର ଦିନ ସ୍ଥାନୀୟ ସନ୍ଧାନଗୃହ ପରିସରରେ ଆତ୍ମଶକ୍ତି ଟ୍ରଷ୍ଟର ଆୟୋଜନ ଏବଂ ଜନଜାଗୃତି ମଂଚର ପରିଚାଳନା ସହିତ 'ଗ୍ରାମବାଣୀ'ର ସହଯୋଗରେ ଏକ ତାଲିମ କାର୍ଯ୍ୟକ୍ରମର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ପ୍ରଶିକ୍ଷିକା ଭାବରେ ସିଡ଼ିଇ ନେଟୱାର୍କ (ଗ୍ରାମବାଣି)ର ସୁଶ୍ରୀ ପାରମିକା ତାଲିମ ପ୍ରଦାନ କରିଥିବାବେଳେ ଆତ୍ମଶକ୍ତି ଟ୍ରଷ୍ଟର ନିତ୍ୟାନନ୍ଦ ଥାନପତି ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଜନଜାଗୃତି ମଂଚର ଟିମ ଲିଡ଼ର ଗଦାଧର ଦାଶ, ଆରତି ଖଣ୍ଡାପାତ୍ର, କାପାଲ ମାର୍ଣ୍ଡି, କାରୁକର ମୁର୍ମୁ ଓ ସୁଦର୍ଶନ ଦଳେଇ ପ୍ରମୁଖ ସହଯୋଗ କରିଥିଲେ । ଉକ୍ତ ତାଲିମ କାର୍ଯ୍ୟକ୍ରମରେ ଖୁଂଟା, ଗୋପବନ୍ଧୁନଗର, କପ୍ତିପଦା ଓ ଉଦଳା ବ୍ଲକ ଅଂଚଳରୁ ମୋଟ ୪୦ ଜଣ ସ୍ୱେଚ୍ଛାସେବି ଅଂଶ ଗ୍ରହଣ କରିଥିଲେ । ଆଗାମି ଦିନରେ ଏହି ତାଲିମ କାର୍ଯ୍ୟକ୍ରମ ବାରମ୍ବାର ଅନୁଷ୍ଠିତ ହେବା ସହିତ ସ୍ୱେଚ୍ଛାସେବିମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ସବୁ ପ୍ରକାର ଉଦ୍ୟମ କରାଯିବ ବୋଲି କୁହାଯାଉଛି ।

# କୋଚିଂ ବ୍ୟବସାୟରେ ମାତିଛନ୍ତି ସରକାରୀ ଶିକ୍ଷକ

## ■ଗାଁଠାରୁ ସହର ଛତୁ ଫୁଟିଛି କୋଚିଂ ସେଣ୍ଟର

## ■ସବୁ ଜାଣି ଶିକ୍ଷା ବିଭାଗ ନଜାଣିବାର ଅଭିନୟ କରୁଛି

ବାଲିଆପାଳ , ୨୫/୭ (ନି.ପ୍ର): କୋମଳମତି ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ସରକାର ଗୁରୁତ୍ୱ ଦେଉଥିବା ବେଳେ ଛାତ୍ରଛାତ୍ରୀ ମାନଙ୍କୁ ସରକାରୀ ବିଦ୍ୟାଳୟ ମୁହାଁ କରାଇବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ଶିକ୍ଷକ ମାନଙ୍କୁ ମୋଟା ଅଙ୍କର ଦରମା ମଧ ପ୍ରଦାନ କରୁଛନ୍ତି । ସବୁ ଚେଷ୍ଟା ପରେ ମଧ ଘରୋଇ ବିଦ୍ୟାଳୟରେ ପିଲା ମାନଙ୍କ ଉପସ୍ଥାପନ ବୃଦ୍ଧି ପାଇବାରେ ଲାଗିଛି । ସରକାରୀ ବିଦ୍ୟାଳୟ ମାନଙ୍କରେ ଥିବା କିଛି ଅସାଧୁ ଶିକ୍ଷକ ନିଜ ନିଜର କୋଚିଂ ବ୍ୟବସାୟକୁ ପ୍ରୋତ୍ସାହିତ କରିବାକୁ ଯାଇ ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି ।ରାଜ୍ୟରେ ଶିକ୍ଷା




ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସରକାର ପ୍ରୟାସ ଜାରି ରଖିଥିବା ବେଳେ ବିଭିନ୍ନ ବର୍ଗର ଶିକ୍ଷକ/ ଶିକ୍ଷୟିତ୍ରୀ ମାନଙ୍କ ଦରମା ବୃଦ୍ଧି ସହିତ ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ ଦିଗରେ ଗୁରୁତ୍ୱ ଦେଉଛନ୍ତି । ମାତ୍ର ସାରା ରାଜ୍ୟରେ ଏବେ କୋଚିଂ ବ୍ୟବସାୟ ଏକ ପ୍ରମୁଖ ରୋଜଗାରର ମାଧ୍ୟମ ପାଲଟିଛି । ସରକାରୀ ଶିକ୍ଷକ ମାନେ କୋଚିଂ ସେଣ୍ଟର ନ ଚଳାଇବା ପାଇଁ ସରକାରଙ୍କ କଡ଼ା ନିର୍ଦ୍ଦେଶ ଥିବା ବେଳେ ବାଲିଆପାଳ ବ୍ଲକରେ କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ପ୍ରତି ଶହେ ମିଟର ଦୂରତାରେ ଛତୁ ଫୁଟିଲା ପରି କୋଚିଂ ସେଣ୍ଟର ସବୁ ଗଢି ଉଠିଛି । ବାଲିଆପାଳ ବ୍ଲକରେ ତିନିଶହରୁ ଉର୍ଦ୍ଧ୍ୱ କୋଚିଂ ସେଣ୍ଟର ଥିବା ବେଳେ ୯୦ପ୍ରତିଶତ କୋଚିଂ ସେଣ୍ଟରରେ ସରକାରୀ ଶିକ୍ଷକ ମାନେ ନିଜ ନିଜର କୋଚିଂ ବ୍ୟବସାୟ ଚଳାଇଥିବା ଜଣାପଡ଼ିଛି । ଆଉ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟଳୟର ୫ଶହ ମିଟର ଦୂରତାରେ ଏକାଧିକ କୋଚିଂ ସେଣ୍ଟରରେ ସରକାରୀ ଶିକ୍ଷକ ତଥା ପ୍ରଧାନ ଶିକ୍ଷକ ମାନେ ମାତିଥିବା ବେଳେ ଶିକ୍ଷା ବିଭାଗର ନଜରକୁ ନ ଆସିବା ଅନେକ ପ୍ରଶ୍ନ ସୃଷ୍ଟି କରୁଛି । ଏ ସମ୍ପର୍କରେ ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନାଙ୍କୁ ପଚାରିବାରୁ ସେ ଜାଣିନଥିବା କହି ସାମ୍ବାଦିକଙ୍କୁ କୋଚିଂ ସେଣ୍ଟର କେଉଁ କେଉଁ ସ୍ଥାନରେ ଅଛି ପ୍ରମାଣ ଦେବାକୁ କହିଛନ୍ତି । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଘର ଏହି ବ୍ଲକ ଅଧିନରେ ହୋଇଥିବା ବେଳେ ସେ ଦୀର୍ଘ ଦିନ ଧରି ଏହି ବ୍ଲକରେ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ କରିଛନ୍ତି ଏବଂ କୋଚିଂ ବ୍ୟବସାୟରେ ମାତିଥିବା ଶିକ୍ଷକ ମାନଙ୍କ ସହିତ ତାଙ୍କର ଉତ୍ତମ ସମ୍ପର୍କ ଥିବା ନେଇ କିଛି ଶିକ୍ଷକ ଅଭିଯୋଗ କରିଛନ୍ତି ।

# ମୟୂରଭଞ୍ଜରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ର ପୋଷ୍ଟ-ଡ୍ରାଫ୍ଟ କାର୍ଯ୍ୟକ୍ରମର ସମୀକ୍ଷା

ବାରିପଦା, ୨୫/୭ (ନି.ପ୍ର): ରାଜ୍ୟ ନିର୍ବାଚନ ଆୟୋଗ, ଓଡ଼ିଶାର ଉପ-ମୁଖ୍ୟ ନିର୍ବାଚନ ଅଧିକାରୀ-ତଥା-ଉପ-ସଚିବ ଡ଼. ଲକ୍ଷ୍ମୀପ୍ରସାଦ ସାହୁ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ର ପୋଷ୍ଟ-ଡ୍ରାଫ୍ଟ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିଥିଲେ । ଗସ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଡ଼. ସାହୁ ୩୦-କରଞ୍ଜିଆ, ୨୬-ଯଶୀପୁର ଏବଂ ୨୭-ସାରସକଣା ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଶୁଣାଣି କେନ୍ଦ୍ର ପରିଦର୍ଶନ କରିଥିଲେ । ସେଠାରେ ସେ ସଂପୃକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବୁଥ୍ ସ୍ତରୀୟ ସୁପରଭାଇଜରମାନଙ୍କ ସହ ଆଲୋଚନା କରି ଶୁଣାଣି ପ୍ରକ୍ରିୟା ଓ କ୍ଷେତ୍ରସ୍ତରରେ ଚାଲିଥିବା ପୋଷ୍ଟ-ଡ୍ରାଫ୍ଟ କାର୍ଯ୍ୟକ୍ରମର ଅଗ୍ରଗତିର ସମୀକ୍ଷା କରିଥିଲେ । ପରବର୍ତ୍ତୀ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ହେମକାନ୍ତ ସୟ,,



ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଇଶ୍ୱର ଚନ୍ଦ୍ର ନାଏକ, ଅତିରିକ୍ତ ଜିଲ୍ଲାପାଳ ତଥା ବାଙ୍ଗିରିପୋଷି ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ତଥା ବଡ଼ସାହି ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଶ୍ରୀ ଦୁଃଖବନ୍ଧୁ ନାୟକ, ଉପଜିଲ୍ଲାପାଳ କରଞ୍ଜିଆ ତଥା ଯଶିପୁର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଡ଼ ଦୟାସିନ୍ଧୁ ପରିଡ଼ା, ଅତିରିକ୍ତ ଉପ-ଜିଲ୍ଲାପାଳ ବାରିପଦା ତଥା ମୋରଡା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଶ୍ରୀ ରାଖାଲ ଚନ୍ଦ୍ର ପରିଡ଼ା ପ୍ରମୁଖ ଉକ୍ତ ବୈଠକରେ ଯୋଗ ଦେଇଥିଲେ । ସେହିପରି ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନେ ଆଭାସୀ ଯୋଗେ ବୈଠକରେ ଅଂଶଗ୍ରହଣ କରିଥିଲେ । ବୈଠକରେ ପୋଷ୍ଟ-ଡ୍ରାଫ୍ଟ ପର୍ଯ୍ୟାୟରେ ନୋଟିସ ପ୍ରସ୍ତୁତି, ନୋଟିସ ବିତରଣ, ଅନମ୍ୟାପ୍ ଭୋଟରମାନଙ୍କ ଶୁଣାଣି, ଚୂଡାନ୍ତ ସ୍ଥାନାନ୍ତର ପ୍ରକ୍ରିୟା ଏବଂ ମାମଲାଗୁଡ଼ିକର ନିଷ୍ପତ୍ତିର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଦାବି ଓ ଆପତ୍ତି ଗୁଡ଼ିକର ଶୀଘ୍ର ନିଷ୍ପତ୍ତି, ସମୟ ସୀମା ମଧ୍ୟରେ ପୋଷ୍ଟ-ଡ୍ରାଫ୍ଟ କାର୍ଯ୍ୟ ସମ୍ପାଦନ ଏବଂ ସଠିକ୍, ସ୍ୱଚ୍ଛ ଓ ସର୍ବସମାବେଶୀ ଭୋଟର ତାଲିକା ପ୍ରସ୍ତୁତି ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା । ସମୀକ୍ଷା ଅବସରରେ ଡ଼. ସାହୁ କୌଣସି ଯୋଗ୍ୟ ଭୋଟର ଯେପରି ଭୋଟର ତାଲିକାରୁ ବାଦ ନପଡ଼ନ୍ତି, ସେଥିପ୍ରତି ବିଶେଷ ଗୁରୁତ୍ୱାରୋପ କରିଥିଲେ । ନୋଟିସ ପ୍ରସ୍ତୁତି ଓ ବିତରଣ ପ୍ରକ୍ରିୟାକୁ ଅଧିକ ଫଳପ୍ରଦ କରିବା, ଅନମ୍ୟାପ୍ଡ ଭୋଟରମାନଙ୍କ ଶୁଣାଣି ଏବଂ ଚୂଡାନ୍ତ ସ୍ଥାନାନ୍ତର ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ ଓ ସୁସମନ୍ୱିତ କରିବା ସହ ନୋଟିସ ଓ ଶୁଣାଣି ପ୍ରକ୍ରିୟାକୁ ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସତର୍କତାର ସହ ସମ୍ପାଦନ କରିବା ପାଇଁ ସେ ପରାମର୍ଶ ପ୍ରଦାନ କରିଥିଲେ ।

# ଆରଏସପି ଅଧିକାରୀଙ୍କ ପୁତ୍ରଙ୍କ ପ୍ରତିଷ୍ଠିତ ନିଟ୍ ପ୍ରବେଶିକା ପରୀକ୍ଷାରେ ସର୍ବ ଭାରତୀୟ ୪୦ ଓ ଓଡ଼ିଶା ରାଜ୍ୟରେ ପ୍ରଥମ ରାଙ୍କ ହାସଲ

ରାଉରକେଲା, ୨୫/୭ (ନି.ପ୍ର): ସାତ୍ୱିକ ପଟ୍ଟନାୟକ, ବି ଏସ ଏନ ଏଲ -କୋଲକାତା ରେ ଏସ ଡି ଇ ଥିବା ଶ୍ରୀମତୀ ଇତିଶ୍ରୀ ସାହୁ, ଏବଂ ସେଲ୍, ରାଉରକେଲା ଇସ୍ପାତ କାରଖାନାର ସି ସି ଡି ବିଭାଗରଏ ଉପ ମହାପ୍ରବନ୍ଧକ , ଶ୍ରୀ ଶୁଭେନ୍ଦୁ ପଟ୍ଟନାୟକଙ୍କ ପୁତ୍ର , ନ୍ୟାସନାଲ୍ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ନିଟ୍)- ପ୍ରବେଶିକା ପରୀକ୍ଷା ୨୦୨୬ ରେ ୭୨୦ ନମ୍ବର ରୁ ୭୦୦ ନମ୍ବର ରଖି ଅଲ୍ ଇଣ୍ଡିଆ ରାଙ୍କ ୪୦ ଏବଂ ଅଲ୍ ଓଡ଼ିଶା ରାଙ୍କ ୧ ହାସଲ କରି ଇସ୍ପାତ ସହର ପାଇଁ ଗୌରବ ଆଣିଛନ୍ତି । ତାଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ୯୯.୯୯୭ ପର୍ସେନଟାଇଲ ସହିତ, ସାତ୍ୱିକ ନୂଆଦିଲ୍ଲୀର ପ୍ରତିଷ୍ଠିତ ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସ୍ସ୍ (ଏମ୍ସ) ରେ ପ୍ରବେଶ କରିଛନ୍ତି । ଉଲ୍ଲେଖନୀୟ ଯେ ସାତ୍ୱିକ ୯୫ ପ୍ରତିଶତ ନମ୍ବର ରଖି ଦୀପିକା ଇଂରାଜୀ ମାଧ୍ୟମ ସ୍କୁଲରୁ ଦଶମ ଶ୍ରେଣୀ ପାସ୍ କରିଥିଲେ । ସେ ନର୍ସରୀରୁ ଅଷ୍ଟମ ଶ୍ରେଣୀ ପର ?ୟ୍ୟନ୍ତ ଦିଲ୍ଲୀ ପବ୍ଲିକ ସ୍କୁଲରେ ଶିକ୍ଷା ହାସଲ କରି, ପରେ



ହାଇଦ୍ରାବାଦର ଶ୍ରୀ ଚୈତନ୍ୟ ଟେକ୍ନୋ ସ୍କୁଲରେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ପାଇଁ ଶିକ୍ଷା ଗ୍ରହଣ କରିଥିଲେ, ଯେଉଁଠାରେ ସେ ୯୬% ସ୍କୋର କରିଥିଲେ । ସେ ହାଇଦ୍ରାବାଦର ଶ୍ରୀ ଚୈତନ୍ୟରେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ସଘନ ପ୍ରଶିକ୍ଷଣ ମଧ୍ୟ ନେଇଥିଲେ । ଜଣେ ସର୍ବାଙ୍ଗୀନ ସଫଳତା ହାସଲକାରୀ, ସାତ୍ୱିକ ପୂର୍ବରୁ ଜେଇଇ (ଆଡଭାନ୍ସଡ୍) ୨୦୨୬ ପ୍ରବେଶିକା ପରୀକ୍ଷାରେ ମଧ୍ୟ ଅଲ୍ ଇଣ୍ଡିଆ ରାଙ୍କ ୧୩୨୧ ପାଇଥିଲେ ଏବଂ ତାଙ୍କର ଉଲ୍ଲେଖନୀୟ ନିଟ୍ ପ୍ରଦର୍ଶନ ପରେ ଡାକ୍ତରୀ ବୃତ୍ତି କୁ ବାଛିବା ପୂର୍ବରୁ ଆଇଆଇଟି ଦିଲ୍ଲୀ ରେ (ମେକାନିକାଲ୍ ଇଞ୍ଜିନିୟରିଂ) ରେ ପ୍ରବେଶ ପାଇଁ ଯୋଗ୍ୟତା ହାସଲ କରିଥିଲେ । ତାଙ୍କର ଶିକ୍ଷାଗତ ଉତ୍କର୍ଷ ମଧ୍ୟରେ ରହିଛି ଆନ୍ତର୍ଜାତୀୟ ବିଜ୍ଞାନ ପ୍ରତିଯୋଗିତାରେ ସଫଳତା । ପଞ୍ଚମ ଶ୍ରେଣୀରେ, ସେ ସିଙ୍ଗାପୁରରେ ବିଜ୍ଞାନ ଅଲିମ୍ପିଆଡରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ, ଏବଂ ନବମ ଶ୍ରେଣୀରେ, ସେ ତୁର୍କୀରେ ଅନୁଷ୍ଠିତ ଜୁନିଅର ଆଷ୍ଟ୍ରୋନୋମି ଅଲିମ୍ପିଆଡରେ ଦେଶକୁ ପ୍ରତିନିଧିତ୍ୱ କରିଥିଲେ । ଜୀବନର ସକାରାତ୍ମକ ଦିଗ ଖୋଜିବାକୁ ଭଲ ପାଉଥିବା ଜଣେ ଖେଳାଳୀ, ସାତ୍ୱିକ ତାଙ୍କ ସଫଳତା ପାଇଁ ତାଙ୍କ ପିତାମାତାଙ୍କୁ ଶ୍ରେୟ ଦିଅନ୍ତି । ସେ କେବଳ ଜଣେ ଭଲ ଡାକ୍ତର ହେବା ପାଇଁ ନୁହେଁ ବରଂ ଜଣେ ଭଲ ମଣିଷ ହେବାକୁ ମଧ୍ୟ ଲକ୍ଷ୍ୟ ରଖନ୍ତି ।

# ଲାଇନ କାମ ପାଇଁ ଦୁଇ ଦିନ ବନ୍ଦ ରହିବ ବସ୍ତା ରେଳ ଫାଟକ

ବସ୍ତା, ୨୫/୭ (ନି.ପ୍ର): ତୃତୀୟ ରେଳ ରାସ୍ତା ନିର୍ମାଣ ପାଇଁ ବସ୍ତା ରେଳ ଫାଟକ ଦୁଇ ଦିନ ବନ୍ଦ ରହିବ ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ ସଂପ୍ରତି ରେଳ ରାସ୍ତା ନିର୍ମାଣ ଚାଲିଥିବା ବେଳେ ଆସନ୍ତା ଅଗଷ୍ଟ ୧ ଓ ୨ ତାରିଖରେ ବସ୍ତା ଷ୍ଟେସନର ଦକ୍ଷିଣ ପାର୍ଶ୍ୱ ଜମ୍ବାରୀ ପଡ଼ିଆ ନିକଟସ୍ଥ 'ଡେଲି ମାର୍କେଟ' ବ୍ଲକ ରାସ୍ତାର ରେଳ ଲେଭେଲ କ୍ରସିଂରେ ଥିବା ଗୁରୁତ୍ୱପୂର୍ଣ ଫାଟକ ଟି ବନ୍ଦ ରଖାଯିବ ବୋଲି ନିଷ୍ପତ୍ତି ହୋଇଛି ।ଏଥିପାଇଁ ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।ଏଥିରେ ରାଜସ୍ୱ ବିଭାଗ ଅଧିକାରୀ,ରେଳ ବିଭାଗ ଅଧିକାରୀ ଓ ସଦାନନ୍ଦପୁର ଏବଂ ପତ୍ରଝଡ଼ା ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଯୋଗ ଦେଇ ଏହି ନିଷ୍ପତ୍ତିରେ ପୂର୍ଣ ସହଯୋଗ କରିବେ ବୋଲି କହିଥିଲେ ।ଉକ୍ତ ଫାଟକ ବନ୍ଦ ସମୟରେ ଯାନବାହନ ସବୁ ବୁଲାଣୀ ରାସ୍ତା କାଳିଗିରି (କୁଣ୍ଡପୁର - ଖୁ ଣ୍ଟା ରାସ୍ତା)ଲେଭେଲ କ୍ରସିଂ ଦେଇ ବ୍ଲକ ତଥା ଅନ୍ୟାନ୍ୟ ଅଞ୍ଚଳକୁ ଯାତାୟତ କରିବ ।ଏଥିପାଇଁ ସମସ୍ତଙ୍କର ସହଯୋଗ କାମନା କରାଯାଇଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida